

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-244 ◆SUNDAY ◆01 MARCH 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୪୪ ◆ରବିବାର ◆୦୧ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


# ଯୁଦ୍ଧ
# ବାରୁଦଗଦାରେ ବିଶ୍ୱ
## ଇରାନ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ
## ଆମେରିକା ସମର୍ଥିତ ୮ ଦେଶ ଉପରେ ଇରାନର ହମ୍ଲା

■ ତେହରାନ/ତେଲ ଆଭିଭ, ୨୮।୨ (ଏଜେନ୍ସି): ଦୀର୍ଘ ଦିନର ଛକାପଞ୍ଝା ଏବଂ ଧମକଚମକ ପରେ ବିଶ୍ୱରେ ପୁଣି ଯୁଦ୍ଧର ସାଇରନ ବାଜିଛି। ଯୁଦ୍ଧର କଳା ବାଦଲ ମଧ୍ୟପ୍ରାଚ୍ୟକୁ ପୁଣି ଅସ୍ଥିର କରିଦେଇଛି। ଚାରିପଟୁ ଘେରି ସମରସଜ୍ଜା କରିବା ପରେ ଏବଂ ପରମାଣୁ ଆଲୋଚନା ଜାରି ରହିଥିବା ବେଳେ ଇସ୍ରାଏଲ ସହ ମିଶି ଇରାନ ଉପରେ ଆମେରିକା ପ୍ରଚଣ୍ଡ ଆକ୍ରମଣ କରିଛି। ଏହାକୁ ନେଇ ଜାତିସଂଘ ସମେତ ଅନେକ ଦେଶ ଚିନ୍ତା ପ୍ରକଟ କରିବା ସହିତ ଯୁଦ୍ଧ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ଇସ୍ରାଏଲ ଏବଂ ଆମେରିକାର ସାମରିକ ଘାଟୀ ଉପରେ ଇରାନର ପାଲଟା ଆକ୍ରମଣ ବିଶ୍ୱବ୍ୟାପୀ ଉଦବେଗ ସୃଷ୍ଟି କରିଛି। ଏଭଳି ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରହିଲେ ସମଗ୍ର ବିଶ୍ୱ ଯେ ଯୁଦ୍ଧ ଭିତରକୁ ଠେଲି ହୋଇଯିବ, ଏହି ଆଶଙ୍କା ଦେଖାଦେଇଛି।

ଇରାନରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଆଜି ସକାଳ ୯ଟା ୩୦ରେ ତୁହାକୁ ତୁହା ଆକ୍ରମଣ କରି ଇରାନକୁ ଥରହର କରିଦେଇଛନ୍ତି ଆମେରିକା ଓ ଇସ୍ରାଏଲ। କ୍ଷେପଣାସ୍ତ୍ର ଆକ୍ରମଣରେ ରାଜଧାନୀ ତେହରାନ ସମେତ ଇସଫାହନ,କୁମ, କରାଜ, କରମନସାହ ଆଦି ସହର ଥରି ଉଠିଛି। ଏହି ଆକ୍ରମଣରେ ଦକ୍ଷିଣ ଇରାନରେ ୫୩ ଜଣ ଛାତ୍ରଛାତ୍ରୀ ସମେତ ୮୫ ଜଣ ପ୍ରାଣ ହରାଇଛନ୍ତି। ଆକ୍ରମଣରେ ଇରାନର ପ୍ରତିରକ୍ଷା ମନ୍ତ୍ରୀ ଓ ରିଭଲ୍ୟୁସନାରୀ ଗାର୍ଡ କମାଣ୍ଡର ନିହତ ହୋଇଥିବା ଜଣାପଡ଼ିଛି। ଇରାନ ମଧ୍ୟ ଆମେରିକା ଏବଂ ଇସ୍ରାଏଲକୁ ଦୃଢ଼ ଜବାବ ଦେଇଛି। ପ୍ରତି ଆକ୍ରମଣ କରି ଇସ୍ରାଏଲ ଉପରେ ୪୦୦ କ୍ଷେପଣାସ୍ତ୍ର ମାଡ଼ କରିଥିବା ବେଳେ କୁଏତ, କାତାର, ବାହାରିନ, ସାଉଦି ଆରବରେ ଥିବା ଆମେରିକା ସାମରିକ ଘାଟୀକୁ ନିଶାଣ କରିଛି। ୟୁଏଇର ଜନବହୁଳ ସହର ଦୁବାଇରେ ମଧ୍ୟ ଆକ୍ରମଣ କରିଛି। ୟୁଏଇ ନିକଟରେ ଥିବା ଆମେରିକାର ନୌଯୁଦ୍ଧ ଜାହାଜ ଉପରେ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିବା ଜଣାପଡ଼ିଛି। ଇସ୍ରାଏଲ-ଆମେରିକା ଯୁଦ୍ଧ ଆରମ୍ଭ ▶ପୃଷ୍ଠା-୭

**ଇସ୍ରାଏଲ-ଇରାନ ତୁରନ୍ତ ଯୁଦ୍ଧ ବନ୍ଦ କରନ୍ତୁ: ଫ୍ରାନ୍ସ**

**ତୁରନ୍ତ ଜାତିସଂଘ ସୁରକ୍ଷା ପରିଷଦ ବୈଠକ ଡାକିବାକୁ ଦାବି କଲା ଓମାନ**



- ଇରାନର ୧୦ ସହର ଧ୍ୱସ୍ତ; ୮୫ ମୃତ
- ପ୍ରତିରକ୍ଷା ମନ୍ତ୍ରୀ, ଆଇଆର୍‌ଜିସି କମାଣ୍ଡର ନିହତ
- ଇସ୍ରାଏଲରେ ଇରାନର ୪୦୦ କ୍ଷେପଣାସ୍ତ୍ର ମାଡ଼
- ବର୍ଷିଲେନି କୁଏତ, କାତାର, ବାହାରିନ, ସାଉଦି
- ଆମେରିକା ଆକ୍ରମଣକୁ ସ୍ପେନ୍‌ର ବିରୋଧ
- ଆକ୍ରମଣ ବନ୍ଦ କରୁ ଆମେରିକା: ଋଷ୍
- ଯୁଦ୍ଧ ସ୍ଥିତି ଚିନ୍ତାଜନକ: ଏମ୍‌ଇଏ
- ଶତ୍ରୁ ନିପାତ ପର୍ଯ୍ୟନ୍ତ ଆକ୍ରମଣ: ଇରାନ

**ଆଫଗାନିସ୍ତାନ-ପାକିସ୍ତାନ ଯୁଦ୍ଧ**

## ୩୦୦ ମୃତ, ୫୦୦ ଆହତ

■ ଇସଲାମାବାଦ/କାବୁଲ, ୨୮।୨(ଏଜେନ୍ସି): ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଥିବା ସୀମା ବିବାଦ ଏବେ ଏକ ବଡ଼ ଯୁଦ୍ଧର ରୂପ ନେଇଛି। ପାକିସ୍ତାନ ବାୟୁସେନା ତରଫରୁ ଆଫଗାନିସ୍ତାନର କାବୁଲ ଓ କାନ୍ଦାହାର ଭଳି ପ୍ରମୁଖ ସହର ଉପରେ ଏୟାରଷ୍ଟ୍ରାଇକ କରାଯାଉଛି। ଏହି ସଂଘର୍ଷରେ ଉଭୟ ପକ୍ଷରୁ ୩୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆଫଗାନିସ୍ତାନ ଆକ୍ରମଣର ଜବାବ ଦେବାକୁ ଯାଇ ପାକିସ୍ତାନ ସେନା 'ଅପରେସନ ଗଜବ-ଲିଲ୍-ହକ୍' ଆରମ୍ଭ କରିଛି। ପାକିସ୍ତାନ ଦାବି କରିଛି ଯେ ତାଙ୍କ ସେନା ୨୭୪ ଜଣ ଆଫଗାନ ଯୋଦ୍ଧାଙ୍କୁ ନିପାତ କରିଛନ୍ତି ଓ ୧୧୫ଟି ଟ୍ୟାଙ୍କ ନଷ୍ଟ କରିଛନ୍ତି। ସେପଟେ ଆଫଗାନିସ୍ତାନର ତାଲିବାନ ସରକାର ଦାବି କରିଛନ୍ତି ଯେ ସେମାନେ ୫୫ ଜଣ ପାକ ସୈନ୍ୟଙ୍କୁ ନିପାତ କରିଛନ୍ତି ଓ ମାତ୍ର ୮ରୁ ୧୩ ଜଣ ଆଫଗାନ ସୈନ୍ୟ ସହିଦ ହୋଇଛନ୍ତି। ଆଫଗାନିସ୍ତାନର ୧୮ଟି ସେନା ପୋଷ୍ଟକୁ କବଜା କରାଯାଇଛି ବୋଲି ପାକିସ୍ତାନ ଦାବି କରିଛି। ଅନ୍ୟପଟେ ପାକିସ୍ତାନର ଦୁଇଟି ସେନା ମୁଖ୍ୟାଳୟକୁ କବଜା କରାଯାଇଛି ବୋଲି ତାଲିବାନ ଦାବି କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବିବାଦରେ ମଧ୍ୟସ୍ଥତା ▶ପୃଷ୍ଠା-୭

**ମୁନୀର, ଶାହାବାଜଙ୍କୁ ଟ୍ରମ୍ପଙ୍କ ପ୍ରଶଂସା**

**ଚମକାଇଲେ ନବୀନ**


## ସଂତୃପ୍ତ, ଦତ୍ତେଶ୍ୱର ବିଜେଡିର ରାଜ୍ୟସଭା ପ୍ରାର୍ଥୀ



■ ଭୁବନେଶ୍ୱର, ୨୮।୨ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କଳିବା ଓ ତାଙ୍କର ରାଜନୀତି ଗତିବିଧି ବାରିବା ସହଜ ନୁହେଁ। ଅତୀତରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କୁ ଆଶ୍ଚର୍ଯ୍ୟଚକିତ କରିବା ପରି ଅନେକ ନିଷ୍ପତ୍ତି ନେଇଥିବା ଦେଖାଯାଇଛି ଏବଂ ଆଗାମୀ ରାଜ୍ୟସଭା ନିର୍ବାଚନରେ ମଧ୍ୟ ତାଙ୍କର ମାଷ୍ଟର ଷ୍ଟ୍ରୋକ୍ ଅନେକଙ୍କୁ ହତଚକିତ କରିଛି। ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ ଥିବାରୁ ବିଜେଡି ଗୋଟିଏ ଆସନରେ ପ୍ରାର୍ଥୀ ଦେଇପାରେ ବୋଲି ଚାଲିଥିବା କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣି ଦୁଇଟି ଆସନ ପାଇଁ ନବୀନ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। କର୍ପୋରେଟ ଜଗତର ଜଣାଶୁଣା ନାମ ତଥା ନିଜ ରାଜନୈତିକ ସଚିବ ଡ଼. ସଂନ୍ତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଭାବରେ ନବୀନ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ରାଜ୍ୟର ପ୍ରସିଦ୍ଧ ୟୁରୋଲୋଜିଷ୍ଟ ତଥା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ 'କମନ୍ କ୍ୟାଣ୍ଡିଡ଼େଟ୍' ରୂପେ ଘୋଷଣା କରି ତାଙ୍କୁ ଅନ୍ୟ ରାଜନୈତିକ ଦଳ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ନବୀନଙ୍କ ପ୍ରାର୍ଥୀ ଘୋଷଣା ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଅନ୍ୟ ଦଳର ସମର୍ଥନ ଅନୁରୋଧ ପରେ ପିସିସି ସଭାପତି ଭକ୍ତଚରଣ ଦାସ ଚତୁର୍ଥ ଆସନ ପାଇଁ ଡାକ୍ତର ହୋତାଙ୍କ ପ୍ରାର୍ଥିତ୍ୱ ପ୍ରତି ନିଜର ସମର୍ଥନ ଜଣାଇଛନ୍ତି। ଦଳର ସମସ୍ତ ବିଧାୟକ ଓ ହାଇକମାଣ୍ଡଙ୍କର ମଧ୍ୟ ଏଥିପ୍ରତି ସମର୍ଥନ ରହିଥିବା ସେ ସୂଚନା ଦେଇଛନ୍ତି। ସେ ରାଜ୍ୟସଭାକୁ ନିର୍ବାଚିତ ହେଲେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ନୀତି ନିର୍ଦ୍ଧାରଣ କରିବାରେ ନିଶ୍ଚିତ ଭାବେ ଭଲ ଭୂମିକା ଗ୍ରହଣ କରିପାରିବେ ବୋଲି ପିସିସି ସଭାପତି ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି।

ବିଧାନସଭାରେ ଦଳର ସ୍ଥିତି ଓ ସଂଖ୍ୟା ଦୃଷ୍ଟିରୁ ରାଜ୍ୟସଭା ନିର୍ବାଚନରେ ବିଜେପିକୁ ୨ଟି ଓ ବିଜେଡିକୁ ଗୋଟିଏ ଆସନ ମିଳିବା ଆପାତତଃ ସୁନିଶ୍ଚିତ ବୋଲି କୁହାଯାଉଛି। ୪ର୍ଥ ଆସନ ପାଇଁ କାହାରି ପାଖରେ ସଂଖ୍ୟା ନ ଥିବା ବେଳେ ବିଜେପି ଏହି ଆସନ ଉପରେ ଆଖି ପକାଇଥିଲା। ଏପରିକି ଦଳର ରାଜ୍ୟ ନେତୃତ୍ୱ ଓ ରାଜ୍ୟ ପ୍ରଭାରୀ ବିଜେପି ତିନିଟି ଆସନରେ ବିଜୟୀ ହେବ ବୋଲି ମଧ୍ୟ ଭବିଷ୍ୟବାଣୀ କରିଥିଲେ। ଏହି ସମୟରେ ନବୀନଙ୍କ ଚତୁର ଗୋଟିଚାଳନା ବିଜେପିର ଆଶାରେ ପାଣି ପକାଇ ଦେଇଛି। ନିଜ ଦଳ ବାହାରୁ ରାଜ୍ୟର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କଲେ କଂଗ୍ରେସ ତାଙ୍କୁ ସମର୍ଥନ କରିବ ବୋଲି ପିସିସି ସଭାପତି କରିଥିବା ଘୋଷଣାକୁ ସୁଯୋଗ ଭାବରେ ଗ୍ରହଣ କରି ନବୀନ ୪ର୍ଥ ଆସନ ପାଇଁ ଡ଼ାକ୍ତର ଦତ୍ତେଶ୍ୱର ହୋତାଙ୍କ ▶ପୃଷ୍ଠା-୭


ଡ. ସଂତୃପ୍ତ ମିଶ୍ର


ଡାକ୍ତର ଦତ୍ତେଶ୍ୱର ହୋତା

**ଡ. ସଂତୃପ୍ତ ମିଶ୍ର ଦଳୀୟ, ଡା. ଦତ୍ତେଶ୍ୱର ହୋତା 'କମନ୍ କ୍ୟାଣ୍ଡିଡେଟ୍'**

**ଡାକ୍ତର ହୋତାଙ୍କୁ ସମର୍ଥନ ପାଇଁ ଅନ୍ୟ ଦଳଗୁଡ଼ିକୁ ଅନୁରୋଧ**

**ଡା. ହୋତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦେବାକୁ ଭକ୍ତଙ୍କ ଘୋଷଣା**

**ଦଳ ବିରୋଧୀ କାର୍ଯ୍ୟ ସହ ବିଶୃଙ୍ଖଳିତ ଆଚରଣ**

## ପ୍ରଭାତ ବିଶ୍ୱାଳ ବିଜେଡିରୁ ବହିଷ୍କୃତ



■ ଭୁବନେଶ୍ୱର, ୨୮।୨ (ସମିସ): ଦଳବିରୋଧୀ କାର୍ଯ୍ୟ ତଥା ବିଶୃଙ୍ଖଳିତ ଆଚରଣ ଯୋଗୁଁ ବିଜେଡିରୁ ବିଦା ହୋଇଛନ୍ତି କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରଭାତ ରଞ୍ଜନ ବିଶ୍ୱାଳ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରିକରି ତତ୍‌କ୍ଷଣାତ୍ ଏହାକୁ କାର୍ଯ୍ୟକାରୀ କରାଯାଇଥିବା କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଗତ ବିଧାନସଭା ନିର୍ବାଚନ ପରେ ଶ୍ରୀ ବିଶ୍ୱାଳ ନିୟମିତ ବ୍ୟବଧାନରେ ଦଳ ଓ ଦଳର କିଛି ନେତାଙ୍କୁ ନିଶାଣ କରିବା ସହ ନକରାତ୍ମକ ମନ୍ତବ୍ୟ ଦେଉଥିବା ଅଭିଯୋଗ ହୋଇଥିଲା। ଏପରିକି ବିଭିନ୍ନ ଗଣମାଧ୍ୟମରେ ଦଳ ବିରୋଧୀ ଟିପ୍ପଣୀ ଦେଉଥିବା ମଧ୍ୟ ସଭାପତିଙ୍କ ▶ପୃଷ୍ଠା-୭

## ବାଣ କାରଖାନାରେ ବିସ୍ଫୋରଣ; ୨୦ ମୃତ

■ ଅମରାବତୀ, ୨୮।୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶ କାକିନଡ଼ା ଜିଲ୍ଲାର ଭେଟଲାପାଲେମ ଗ୍ରାମରେ ଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୨୦ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ଣ ୨ଟାରେ ଏହି ବିସ୍ଫୋରଣ ଘଟିଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ୫ କିମି ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ବିସ୍ଫୋରଣର ତୀବ୍ରତା ପ୍ରଖର ଥିଲା, ଯାହା ଫଳରେ ମୃତଦେହଗୁଡ଼ିକ ନିକଟସ୍ଥ ଧାନକ୍ଷେତକୁ ଛିଟିକି ପଡ଼ିଥିଲା। ପୁଲିସ ବର୍ତ୍ତମାନ ଡ୍ରୋନ ସାହାଯ୍ୟରେ ବିଭିନ୍ନ ସ୍ଥାନରେ ପଡ଼ିଥିବା ଶରୀରର ଅଂଶକୁ ଖୋଜୁଛି। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଛି। କାକିନଡ଼ା ସରକାରୀ ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ କହିଛନ୍ତି ଯେ, ଡାକ୍ତରଖାନରେ ଭର୍ତ୍ତି ହୋଇଥିବା ଆହତମାନେ ୯୦ରୁ ୧୦୦ ପ୍ରତିଶତ ପୋଡ଼ିଯାଇଛନ୍ତି ଏବଂ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ସମ୍ପୃକ୍ତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ରହି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଏଥର ପ୍ରଚଣ୍ଡ ଖରା

**ମାର୍ଚ୍ଚରୁ ମେ ଅଧିକ ତାତି**

■ ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ଏଥର ପ୍ରଚଣ୍ଡ ଖରା ହେବା ସମ୍ଭାବନା ରହିଛି। ସ୍ୱାଭାବିକ ଠାରୁ ଅଧିକ ରହିବ ତାତି। ବିଶେଷ କରି ମାର୍ଚ୍ଚରୁ ମେ ମାସ ମଧ୍ୟରେ ପରିସ୍ଥିତି ଅସମ୍ଭାଳ ହେବ। ଓଡ଼ିଶା ସମେତ ରାଜସ୍ଥାନ, ଗୁଜରାଟ, ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, ପୂର୍ବାଞ୍ଚଳ ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମ ବଙ୍ଗ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଓ ତାମିଲନାଡୁରେ ଏପ୍ରିଲ ଏବଂ ମେ ମାସରେ ତାତି ଏହାର ଭୟଙ୍କର ରୂପ ଦେଖାଇପାରେ। ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଆଜି ଏଠାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମୟରେ ମଧ୍ୟ ଜଳ ଓ ବିଦ୍ୟୁତ ସଙ୍କଟ ଦେଖାଦେଇପାରେ। ବିଶେଷ କରି ବାହାରେ କାମ କରୁଥିବା ଶ୍ରମିକ, ବୟସ୍କ ଲୋକ, ପିଲା ଏବଂ ରୋଗିଣା ବ୍ୟକ୍ତିମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି।

## ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର, ୨୮।୨ (ସମିସ): ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣର ନିରାକରଣ ପାଇଁ ଦେଶବ୍ୟାପୀ ଟିକାକରଣ ଅଭିଯାନକୁ ଆଜି ରାଜସ୍ଥାନର ଆଜମେରଠାରେ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି କ୍ରମରେ ଭୁବନେଶ୍ୱର କୃଷିଭବନ ଠାରେ ଅନୁଷ୍ଠିତ ରାଜ୍ୟବ୍ୟାପୀ ଟିକାକରଣ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆରମ୍ଭ କରିଛନ୍ତି। ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବା ଏହି ଟିକାକରଣ ଅଭିଯାନର ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ**





ଏହି ଅଭିଯାନରେ ଓଡ଼ିଶାର ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟିକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟିକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ। ▶ପୃଷ୍ଠା-୭





# ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ









## ୧୦ ଦିନର କଣ୍ଟ ପରେ କ୍ଷେପଣାସ୍ତ୍ର ମାଡ଼

ୱାସିଂଟନ/ତେହେରାନ, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ପୁଣି ଥରେ ସଂଘର୍ଷ ଆରମ୍ଭ ହେବା ପରେ ବିଶ୍ୱ ରାଜନୀତି ଏବେ ଏକ ସମ୍ବେଦନଶୀଳ ମୋଡ଼ରେ ଉପନୀତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀର ମାତ୍ର ୧୦ ଦିନ ପରେ ଇରାନ ଉପରେ ଏହି ବଡ଼ ଧରଣର ଆକ୍ରମଣ ହୋଇଛି। ଫଳରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଗତ କିଛି ସପ୍ତାହ ଧରି ଆମେରିକା ଓ ଇସ୍ରାଏଲ ପକ୍ଷରୁ ଦିଆଯାଉଥିବା ଲଗାତର ଚେତାବନୀ ଶେଷରେ ଏକ ବଡ଼ ସାମରିକ ଅଭିଯାନରେ ପରିଣତ ହୋଇଛି। ଟ୍ରମ୍ପ ଇରାନକୁ ପୂର୍ବରୁ ୧୦ ଦିନିଆ ସମୟସୀମା ଦେଇଥିଲେ। ଗତ ଫେବୃଆରୀ ୧୯ ତାରିଖରେ ଟ୍ରମ୍ପ ଇରାନକୁ ଏକ ପ୍ରକାର ଅନ୍ତିମ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ ଇରାନ ପାଖରେ ମାତ୍ର ୧୦ରୁ ୧୫ ଦିନ ସମୟ ରହିଛି। ଯଦି ଏହି ସମୟରେ କୌଣସି ସମାଧାନ ନବାହାରେ, ତେବେ ପରିଣାମ ଭୟଙ୍କର ହେବ। ଏଭଳି ସ୍ଥିତିରେ ଇସ୍ରାଏଲର ଆଭିମୁଖ୍ୟ ସ୍ପଷ୍ଟ ରହିଛି। ଇରାନର ପରମାଣୁ ଓ ମିସାଇଲ କ୍ଷମତା ବୃଦ୍ଧିକୁ ରୋକିବା ପାଇଁ ଇସ୍ରାଏଲ ପୂର୍ବରୁ ଜାନୁଆରୀ ମାସରେ ମଧ୍ୟ କିଛି ଆକ୍ରମଣ କରିଥିଲା। ୧୦ ଦିନର ସମୟସୀମା ଶେଷ ହେବା ପରେ ଆକ୍ରମଣ ହୋଇଛି। ଟ୍ରମ୍ପ ନିଜେ ନିଶ୍ଚିତ କରିଛନ୍ତି ଯେ ଆମେରିକୀୟ ସେନା ଇରାନରେ 'ମେଜର କମ୍ବାଟ୍ ଅପରେସନ' ଆରମ୍ଭ କରିଛନ୍ତି। ସେ ଇରାନର ନେତୃତ୍ୱକୁ 'ଭୟଙ୍କର ଓ ଦୁଷ୍ଟ' ବୋଲି ବର୍ଣ୍ଣନା କରିଛନ୍ତି। ତେହେରାନରେ ହୋଇଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନେତା ୮୬ ବର୍ଷୀୟ ଆୟାତୁଲ୍ଲା ଖାମେନେଇଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଇରାନ ଗୋପନରେ ନିଜର ପରମାଣୁ ଓ ମିସାଇଲ କ୍ଷମତା ବଢ଼ାଉଛି ବୋଲି ଆମେରିକା ଓ ଇସ୍ରାଏଲ ଅଭିଯୋଗ କରିଛନ୍ତି ଓ ଖାସ୍ ଏହି କାରଣ ପାଇଁ ଆକ୍ରମଣ କରାଯାଇଛି।

## ବାଲିଷ୍ଟିକ୍ ପାଇଁ ବିବାଦ

ଆମେରିକା ଏବଂ ଇରାନ ମଧ୍ୟରେ ପରମାଣୁ ଆଲୋଚନା ଜାରି ରହିଛି। ଏହି ଆଲୋଚନାରେ ବାଲିଷ୍ଟିକ ମିସାଇଲ ପ୍ରୋଜେକ୍ଟ ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି। ଏହାକୁ ନେଇ ଇରାନ କୌଣସି ଚୁକ୍ତି କରିବାକୁ ଚାହୁଁନାହିଁ। ଏହା ହିଁ ବିବାଦର ମୁଖ୍ୟ କାରଣ ହୋଇଛି। ଇରାନ ସୂଚନା ଅନୁଯାୟୀ, ଦେଶର ସୁରକ୍ଷା ପାଇଁ ବାଲିଷ୍ଟିକ କାର୍ଯ୍ୟକ୍ରମ ଜରୁରୀ। ୨୦୨୫ ଜୁନ୍‌ରେ ଇସ୍ରାଏଲ ଏବଂ ଆମେରିକା ଦେଶର ପରମାଣୁ ଠିକଣାରେ ଆକ୍ରମଣ କରିଥିଲେ। ସେତେବେଳେ କ୍ଷେପଣାସ୍ତ୍ର ହିଁ ଏଥିରୁ ସୁରକ୍ଷା ପ୍ରଦାନ କରିଥିଲେ। ତେଣୁ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ କୌଣସି ଚୁକ୍ତି କରାଯିବ ନାହିଁ ବୋଲି ଇରାନ ଅଧିକାରୀମାନେ ବାରମ୍ବାର କହି ଆସୁଥିଲେ। ଏହି କାର୍ଯ୍ୟକ୍ରମରୁ ପଛଘୁଞ୍ଚା ଦେବାମାନେ ନିଜକୁ ଦୁର୍ବଳ କରିବା। ସେଥିପାଇଁ ଆଲୋଚନା କେବଳ ପରମାଣୁ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ରହିବ। କ୍ଷେପଣାସ୍ତ୍ର କିମ୍ବା ଆଞ୍ଚଳିକ ଗୋଷ୍ଠୀକୁ ନେଇ କିଛି ସାଲିସ କରାଯିବ ନାହିଁ। ମାତ୍ର ଏହା ଆମେରିକା ପାଇଁ ଶକ୍ତ ଝଟ୍‌କା ଥିଲା। ତେଣୁ ଆକ୍ରମଣ କରି ଚପ ପ୍ରୟୋଗ ପାଇଁ ଆମେରିକା ନିଷ୍ପତ୍ତି ନେଇଥିଲା।

## ମଧ୍ୟପ୍ରାଚ୍ୟ ପାଇଁ ବିମାନ ବାତିଲ

ନୂଆଦିଲ୍ଲୀ, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ଇସ୍ରାଏଲ ନିଜର ଆକାଶ ମାର୍ଗ ବନ୍ଦ କରିଛି। ଏହାର ପରିଣାମ ସ୍ୱରୂପ, ଶନିବାର ଏୟାର ଇଣ୍ଡିଆର ଦିଲ୍ଲୀ- ତେଲ ଅଭିଭ ବିମାନକୁ ମୁମ୍ବାଇ ଅଭିମୁଖେ ବୁଲାଇ ଦିଆଯାଇଥିବା ବେଳେ ଇଣ୍ଡିଗୋର ତିରୁଚିରାପଲ୍ଲୀ - ଦୁବାଇ ବିମାନ ଅଧା ବାଟରୁ ଭାରତ ଫେରି ଆସିଛି। ଏହି ଯୁଦ୍ଧକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ସେମାନଙ୍କର ସମସ୍ତ ମଧ୍ୟପ୍ରାଚ୍ୟ ବିମାନ ସେବାକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ କ୍ଷମା ପ୍ରାର୍ଥନା କରାଯାଇଛି। ଯୁଦ୍ଧ କାରଣରୁ ଭାରତୀୟ ଦୂତାବାସ ନାଗରିକଙ୍କୁ ଅନାବଶ୍ୟକ ଯାତ୍ରା ନ କରିବାକୁ ଏବଂ ଘର ଭିତରରେ ରହିବାକୁ କହିଛି। ସରକାରୀ ତଥ୍ୟ ଅନୁଯାୟୀ, ଇରାନରେ ପ୍ରାୟ ୧୦, ୦୦୦ ଓ ଇସ୍ରାଏଲରେ ୪୧, ୦୦୦ରୁ ଅଧିକ ଭାରତୀୟ (ଛାତ୍ର ଓ ଶ୍ରମିକଙ୍କୁ ମିଶାଇ) ରହୁଛନ୍ତି।

## ଟାର୍ଗେଟରେ ଖାମନେଇ: ଇସ୍ରାଏଲ

ତେଲଆଭିଭ୍ ୨୮ ।୨(ଏଜେନ୍ସି): ଖାମନେଇଙ୍କୁ ନିଶାଣ କରି ଆକ୍ରମଣ କରାଯାଇଥିଲା ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କହିଛନ୍ତି। ସେ ଭିଡିଓ ବାର୍ତ୍ତା ଜାରି କରି ଇରାନରେ କ୍ଷମତା ପରିବର୍ତ୍ତନ କଥା କହିଛନ୍ତି। ଅତ୍ୟାଚାରର ବୋଝକୁ ହଟାଇ, ଏକ ସ୍ୱାଧୀନ ଏବଂ ଶାନ୍ତିପୂର୍ଣ୍ଣ ଇରାନ ଗଠନ କରିବାକୁ ସେଠାକାର ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି। ଆକ୍ରମଣ ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହୋଇଛି ଯାହାଦ୍ୱାରା ଇରାନ ଲୋକ ନିଜର ଭବିଷ୍ୟତ ନିର୍ଦ୍ଧାରଣ କରିପାରିବେ।

## ଟମ୍ ହକ୍, ବଙ୍କର-ବଷ୍ଟର, ବାଲିଷ୍ଟିକ କ୍ଷେପଣାସ୍ତ୍ରର ତାଣ୍ଡବ

ତେଲ ଆଭିଭ୍, ୨୮ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଭୟଙ୍କର ରୁପ ନେବାକୁ ଯାଉଛି। ଇସ୍ରାଏଲର 'ଅପରେସନ ରୋରିଂ ଲାୟନ' ଓ ଆମେରିକାର 'ଅପରେସନ ଏପିକ ଫ୍ୟୁରୀ' ମାଧ୍ୟମରେ ଇରାନର ସାମରିକ ଓ ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଉଛି। ଏହାର ଜବାବରେ ଇରାନ ମଧ୍ୟ ମିସାଇଲ ମାଡ଼ ଆରମ୍ଭ କରିଛି। ଏହି ଯୁଦ୍ଧରେ ଇସ୍ରାଏଲ, ଆମେରିକା ଓ ଇରାନ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି। ଆମେରିକା ଓ ଇସ୍ରାଏଲ ବ୍ୟବହାର କରୁଥିବା ଅସ୍ତ୍ରଗୁଡ଼ିକ ହେଲା ଟମ୍‌ହକ କ୍ରୁଜ ମିସାଇଲ, ଏଫ୍-୩୫୧ ଅଡିର ଷ୍ଟିଲଥ ଫାଇଟର, ଜିବିୟୁ-୨୮ ବଙ୍କର-ବଷ୍ଟର ବୋମା ଓ ଦୂରଗାମୀ ଡ୍ରୋନ୍। ସେହିପରି ଇରାନ ଦ୍ୱାରା ବ୍ୟବହୃତ ହେଉଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ହେଲା ଶାହାବ-୩ ବାଲିଷ୍ଟିକ ମିସାଇଲ, ଏମାଦ ପ୍ରେସିସନ-ଗାଇଡେଡ ମିସାଇଲ, ଘଦର କ୍ଷେପଣାସ୍ତ୍ର। ଟମ୍ ହକ୍ କ୍ରୁଜ୍ ମିସାଇଲ ହେଉଛି ଆମେରିକା ନୌସେନାର ଏକ ଦୂରଗାମୀ ମିସାଇଲ ଓ ଏହା ଯୁଦ୍ଧ ଜାହଜ ଓ ବୁଡ଼ା ଜାହଜରୁ



ଲଞ୍ଚ୍ କରାଯାଏ। ଏହା ରାଡାରରୁ ବଞ୍ଚିବା ପାଇଁ ୩୦-୫୦ ମିଟର ଉଚ୍ଚତାରେ ଉଡ଼ିପାରେ ଏବଂ ୧୬, ୦୦ କିମି ଦୂରରେ ଥିବା ଲକ୍ଷ୍ୟକୁ ସଠିକ ଭାବେ ଭେଦ କରିପାରେ। ସେହିପରି ଅଦିର ଷ୍ଟିଲ୍‌ଥ ଫାଇଟର ହେଉଛି ଇସ୍ରାଏଲର ଏକ ଶକ୍ତିଶାଳୀ ବିମାନ। ଏହାର ଷ୍ଟିଲ୍‌ଥ ଟେକ୍ନୋଲୋଜି ଯୋଗୁଁ ଏହା ଶତ୍ରୁର ରାଡାରରେ ଧରାପଡ଼େ ନାହିଁ। ଏହା ଇରାନର ଆକାଶ ମାର୍ଗରେ ପ୍ରବେଶ କରି ଗୁପ୍ତ ତଥ୍ୟ ସଂଗ୍ରହ ସହ ଆକ୍ରମଣ କରିବାର କ୍ଷମତା ରଖିପାରେ। ବଙ୍କର-ବଷ୍ଟର ହେଉଛି ୨, ୨୬୮ କେଜି ଓଜନର ବୋମା। ବିଶେଷ କରି ଏହା ମାଟି ତଳେ ଲୁଚି ରହିଥିବା ପରମାଣୁ କେନ୍ଦ୍ର ଓ ସାମରିକ ବଙ୍କରଗୁଡ଼ିକୁ ଧ୍ୱଂସ କରିବା ପାଇଁ ତିଆରି ହୋଇଥାଏ। ଏହା କଂକ୍ରିଟର ମୋଟା କାନ୍ଥକୁ ଭେଦ କରି ଭିତର ବିସ୍ଫୋରଣ କରିଥାଏ। ସେହିପରି ଇରାନ ଦ୍ୱାରା ଶହାବ, ଏମାଦ ଓ ଘଦର ମଧ୍ୟ ଅତ୍ୟାଧୁନିକ ଅସ୍ତ୍ର ତଥା ମିସାଇଲ ଯାହା ଅତ୍ୟନ୍ତ ସଠିକତାର ସହ ଲକ୍ଷ୍ୟ ଭେଦ କରିପାରେ।

### ଯୁଦ୍ଧରେ କାହା ସହ କିଏ ଅଛନ୍ତି

ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ଇରାନ ବର୍ତ୍ତମାନ ସ୍ଥିତିରେ ଏକାକୀ ପଡ଼ିଯାଇଥିବା ଜଣାପଡୁଛି। ଇରାନ ସହଯୋଗୀ ବୋଲଉଥିବା 'ଆକ୍ସିସ୍ ଅଫ୍ ରେଜିଷ୍ଟାନ୍ସ' ଗତ କିଛି ବର୍ଷ ହେବ ଇସ୍ରାଏଲ ଆକ୍ରମଣ ଯୋଗୁଁ ଦୁର୍ବଳ ହୋଇପଡ଼ିଛି। ଇରାନ ସହ ସାମରିକ ଗୋଷ୍ଠୀ ଭାବେ ଲେବାନନର ହିଜବୁଲ୍ଲା, ଇରାକର ପିଏମ୍‌ଏଫ୍, ୟେମେନର ହୁତି ବିଦ୍ରୋହୀ ଓ ଗାଜାର ହମାସର ସହଯୋଗ ରହିଛି। ସେହିପରି ରୁଷିଆ, ଚୀନ୍ ଓ ପାକିସ୍ତାନ ଏହି ୩ଟି ଦେଶ ଇରାନର ବନ୍ଧୁ ତଥା ସମର୍ଥକ ଭାବେ ବେଶ୍ ଭଲଭାବେ ଜଣାଶୁଣା। ଅପରପକ୍ଷରେ ଆମେରିକା- ଇସ୍ରାଏଲ ସହ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କତାର, ବାହାରିନ, ଜୋର୍ଡାନ ଓ କୁଏତ, ସାଉଦି ଆରବ ସମେତ ଜର୍ମାନୀ, ଫ୍ରାନ୍ସ ଓ ଇଟାଲୀ ଭଳି ପାଶ୍ଚାତ୍ୟ ଦେଶ ରହିଛନ୍ତି।

## ୪୦ ବର୍ଷର ଶତ୍ରୁତାର ଇତିହାସ...

ନୂଆଦିଲ୍ଲୀ, ୨୮ ।୨(ଏଜେନ୍ସି): ଶନିବାର ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନର ରାଜଧାନୀ ତେହେରାନ ସମେତ ଅନେକ ସହରରେ ଉପରେ ଆକ୍ରମଣ କରିଛନ୍ତି। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ, ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଶବ୍ଦ ଶୁଣାଯିବ ସହ ଏୟାର ରେଡ୍ ସାଇରନ ବାଜିଥିଲା। ଏହି ସଂଘର୍ଷ କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ନ ରହି ସାରା ମଧ୍ୟପ୍ରାଚ୍ୟରେ ଏକ ବଡ଼ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଓ ଶତ୍ରୁତାର ଏକ ଲମ୍ବା ଇତିହାସ ରହିଛି। ଶନିବାରର ଏହି ଆକ୍ରମଣ ୧୯୭୯ରୁ ଆରମ୍ଭ ହୋଇଥିବା ଦୀର୍ଘକାଳୀନ ସଂଘର୍ଷର ଏକ ନୂତନ ଅଧ୍ୟାୟ ମାତ୍ର। ଅର୍ଥାତ ଇରାନଓଆମେରିକାରମଧ୍ୟରେସଂଘର୍ଷଆଦୌନୂଆନୁହେଁଓଏହାବହୁପୁରୁଣା।

**୧୯୭୯; ବନ୍ଧକ ସଙ୍କଟ:** ନଭେମ୍ବର ୪ରେ ଇରାନର ବିପ୍ଳବୀମାନେ ତେହେରାନସ୍ଥିତ ଆମେରିକା ଦୂତାବାସରେ ୫୨ ଜଣ କର୍ମଚାରୀଙ୍କୁ ୪୪୪ ଦିନ ଧରି ବନ୍ଧକ ରଖିଥିଲା। ସେମାନେ ଆମେରିକାରେ ଚିକିତ୍ସିତ ହେଉଥିବା ଇରାନର ପୂର୍ବତନ ଶାସକ ମହମ୍ମଦ ରେଜା ପହଲବୀଙ୍କୁ ହସ୍ତାନ୍ତର କରିବାକୁ ଦାବି କରିଥିଲେ। ସେବଠାରୁ ଦୁଇ ଦେଶ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା। ୧୯୮୦ରେ ଆମେରିକା ଇରାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରି ବାଣିଜ୍ୟ କଟକଣା ଲଗାଇଥିଲା।

**୨୦୦୨; ଆକ୍ସିସ ଅଫ୍ ଇଭିଲ୍:** ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ଇରାନ, ଇରାକ ଓ ଉତ୍ତର କୋରିଆକୁ 'ଅନିଷ୍ଟର ଅକ୍ଷ ବା ଆକ୍ସିସ ଅଫ୍ ଇଭିଲ୍' ଭାବେ ଅଭିହିତ କରିଥିଲେ। ତେବେ ଏହା ପୂର୍ବରୁ ୧୯୯୫ରେ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଇରାନ ସହ ବାଣିଜ୍ୟ ଓ ପୁଞ୍ଜି ନିବେଶ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଥିଲେ। ୨୦୧୯ରେ ଆମେରିକା ଇରାନର ସୈନ୍ୟ ବାହିନୀ 'ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ'କୁ ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା।

**୨୦୧୮ ; ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା:** ୨୦୧୫ରେ ବିଶ୍ୱର ୬ଟି ପ୍ରମୁଖ ଶକ୍ତିଙ୍କ ସହ ଇରାନର ପରମାଣୁ ଚୁକ୍ତି ହୋଇଥିଲା। କିନ୍ତୁ ୨୦୧୮ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଚୁକ୍ତିରୁ ଓହରିଯାଇଥିଲେ ଓ ପୁନର୍ବାର କଠୋର ଆର୍ଥିକ କଟକଣା ଲଗାଇଥିଲେ।୨୦୧୫ ସେପ୍ଟେମ୍ବରରେ ଜାତିସଂଘର କଟକଣା ପୁଣି ଲାଗୁ ହେବା ସହ ଏହି ଚୁକ୍ତି ସମାପ୍ତ ହୋଇଥିଲା।

**୨୦୨୦; ପ୍ରମୁଖ ଜେନେରାଲଙ୍କ ମୃତ୍ୟୁ:** ୨୦୨୦ ଜାନୁଆରୀ ୩ରେ ଆମେରିକା ଇରାନର ଶୀର୍ଷ ଜେନେରାଲ କାସେମ ସୋଲେମାନିଙ୍କୁ ହତ୍ୟା କରିଥିଲା। ଏହାର ଜବାବରେ ଇରାନ ଆମେରିକୀୟ ବେସ୍ ଉପରେ ମିସାଇଲ ମାଡ଼ କରିଥିଲା। ଫଳରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ଓ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା।

**୨୦୧୫-୨୬: ବର୍ତ୍ତମାନର ସ୍ଥିତି**

୨୦୨୫ ଜୁନ୍ ୨୧ରେ ଆମେରିକାର ଇରାନର ୩ଟି ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା।


**୨୦୨୬;** ୨୦୨୬ ଫେବୃଆରୀରେ ଦୁଇ ଦେଶ ମଧ୍ୟରେ ପରୋକ୍ଷ ଆଲୋଚନା ଆରମ୍ଭ ହୋଇଥିଲା, କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଚୁକ୍ତି ପାଇଁ ୧୦-୧୫ ଦିନ ସମୟ ଦେଇଥିଲେ।

**୨୦୨୬ ଫେବୃଆରୀ ୨୮:** କୌଣସି ସମାଧାନ ନ ହେବାରୁ ଟ୍ରମ୍ପ 'ବଡ଼ ଧରଣର ସାମରିକ ଅଭିଯାନ' ଘୋଷଣା କରିଛନ୍ତି ଏବଂ ଇସ୍ରାଏଲ ସହ ମିଶି ଇରାନ ଉପରେ ଆକ୍ରମଣ ଜାରି ରଖିଛନ୍ତି।

## ଉଦ୍‌ବେଗ ଜଣାଇଲା ଭାରତ; ସଂଯମ ରକ୍ଷା ପାଇଁ ପରାମର୍ଶ

ନୂଆଦିଲ୍ଲୀ, ୨୮।୨: ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ନେଇ ଭାରତ ଉଦ।।ବେଗ ପ୍ରକାଶ କରିଛି। ସଂଯମ ରକ୍ଷା କରିବା ଲାଗି ଉଭୟ ପକ୍ଷକୁ ପରାମର୍ଶ ଦେଇଛି ଭାରତର ବୈଦେଶିକ ବିଭାଗ। କୁଟନୀତି ଓ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଛି।

ଇରାନରେ ମିଳିତ ଆକ୍ରମଣ ପରେ ଉପସାଗରୀୟ କ୍ଷେତ୍ରରେ ଉତ୍ତେଜନା ବୃଦ୍ଧି ପାଇଛି। ସ୍ଥିତିକୁ ଦେଖି ଭାରତ ସରକାର ସତର୍କ ହୋଇଯାଇଛନ୍ତି। ଇରାନ, ଇସ୍ରାଏଲ ସମେତ ଉପସାଗରୀୟ ଦେଶରେ ରହୁଥିବା ନାଗରିକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରି ଘରେ ରହିବାକୁ ପରାମର୍ଶ ଦେଇଛନ୍ତି। ଇରାନ, ଇସ୍ରାଏଲ ସମେତ ୟୁଏଇ, ସାଉଦି ଆରବ, ଜୋର୍ଡାନ, ବାହାରିନ ଏବଂ ପାଲେଷ୍ଟାଇନ ସ୍ଥିତ ଭାରତୀୟ ଦୂତାବାସ ନିଜ ନାଗରିକଙ୍କୁ ସତର୍କ ରହିବାକୁ ଏବଂ ଅନାବଶ୍ୟକ ଯାତ୍ରାରୁ ଦୂରେଇ ରହିବାକୁ କହିଛନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ତୁରନ୍ତ ଜୋର୍ଡାନ ଛାଡ଼ିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ଦେଶଗୁଡ଼ିକର ସ୍ଥିତି ଉପରେ ତୀକ୍ଷଣ ନଜର ରଖାଯାଇଛି। ସ୍ଥାନୀୟ ପ୍ରଶାସନ ସହ ଦୂତାବାସ ଯୋଗାଯୋଗ କରୁଛି। ଆବଶ୍ୟକ ପଡ଼ିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ପରିସ୍ଥିତିରେ ଭୟଭୀତ ହେବା ପରିବର୍ତ୍ତେ ଭାରତୀୟ ସତର୍କ ରହିବା ଜରୁରୀ। କେବଳ ଆନୁଷ୍ଠାନିକ ସୂଚନାକୁ ଭରସା କରିବାକୁ କୁହାଯାଇଛି। କୌଣସି ଆପତ୍ତି ଥିଲେ ସମ୍ବନ୍ଧିତ ଦୂତାବାସ ସହ ଯୋଗାଯୋଗ କରିବାକୁ ନାଗରିକଙ୍କୁ ନିବେଦନ କରାଯାଇଛି। ସୂଚନା ଅନୁଯାୟୀ, ଜାନୁଆରୀ ଯାଏଁ ଇରାନରେ ପ୍ରାୟ ୧୦ ହଜାର ଭାରତୀୟ ରହୁଥିଲେ। ଏମାନଙ୍କ ମଧ୍ୟରେ ସିଂହ ଭାଗ ଛାତ୍ରଛାତ୍ରୀ ସାମିଲ ଥିଲେ। ସମସ୍ତେ ମେଡିକାଲ ଏବଂ ଅନ୍ୟ ପାଠକ୍ରମ ପଢ଼ିବାକୁ ଯାଇଥିଲେ। ସେହିପରି ଇସ୍ରାଏଲରେ ୪୧ ହଜାର ଭାରତୀୟ ଅଛନ୍ତି। ନିକଟସ୍ଥ ଆଶ୍ରୟ ସ୍ଥଳର ସୂଚନା ରଖିବାକୁ ଏଠାକାର ଦୂତାବାସ ନାଗରିକଙ୍କୁ କହିଛି। ଜରୁରୀ ସ୍ଥିତିରେ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ପାଳନ ଜରୁରୀ ବୋଲି କୁହାଯାଇଛି।



## ଖାମନେଇଙ୍କୁ ନେଇ ସସ୍‌ପେନ୍ସ ଜାରି

ତେହରାନ, ୨୮ ।୨(ଏଜେନ୍ସି): ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇଙ୍କୁ ଅଫିସକୁ ନିଶାଣ କରି ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଛନ୍ତି। ଏଠାରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏହା ପରଠାରୁ ଖାମନେଇ କୁଆଡେ ଗଲେ ବୋଲି ଚର୍ଚ୍ଚା ହେଉଛି। ଏବେ ଖାମନେଇ ଜୀବିତ ନା ମୃତ? ଯଦି ଜୀବିତ କେଉଁଠି ଅଛନ୍ତି? ଦେଶ ଛାଡ଼ି ପଳାଇ ନାହାନ୍ତି ତ, ଏଭଳି ଅନେକ ପ୍ରଶ୍ନ ଉଠୁଛି। ପୂର୍ବରୁ ଖାମନେଇଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ରିପୋର୍ଟ ଆସିଥିଲା। ମାତ୍ର ଏବେ ଖାମନେଇ ତେହରାନ ଛାଡ଼ି ଦେଇଥିବା ସରକାରୀ ସୂତ୍ରରୁ କୁହାଯାଇଛି। କିନ୍ତୁ ସେ କେତେବେଳେ ଏବଂ କେଉଁଥିରେ ରାଜଧାନୀ ଛାଡ଼ି ଗଲେ ତାହା ଜଣାନାହିଁ। ସେ କେଉଁଠି ଅଛନ୍ତି ତାହା ମଧ୍ୟ ଜଣା ନାହିଁ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ମାତ୍ର ଖାମନେଇଙ୍କ ଅନୁପସ୍ଥିତି ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ପୂର୍ବରୁ ଇରାନକୁ ଆକ୍ରମଣର ସୂଚନା ଦିଆଯାଇଥିଲା କି ବୋଲି ପ୍ରଶ୍ନ ଉଠିଛି। ଯଦି ସୂଚନା ଦିଆଯାଇ ନ ଥିଲା ଆକ୍ରମଣ ମଧ୍ୟରେ ଖାମନେଇ କେମିତି ତେହରାନ ଛାଡ଼ି ପଳାଇଲେ? ଆକ୍ରମଣ ପୂର୍ବରୁ ପଳାଇ ଥିଲେ ନା ପରେ ଗଲେ? ଯଦି ସେ ଜୀବିତ ତେବେ କି ପଦକ୍ଷେପ ଗ୍ରହଣ କରିବେ? ଆମେରିକା ଏବଂ ଇସ୍ରାଏଲ ଉପରେ ଆକ୍ରମଣ ଜାରି ରଖିବେ ନା ଆଲୋଚନା ମାଧ୍ୟମରେ ଝଗଡ଼ା ବନ୍ଦ କରିବାକୁ ପ୍ରୟାସ କରିବେ? ସୂଚନା ଅନୁଯାୟୀ, ଆମେରିକା ଆକ୍ରମଣରେ ଇରାନ ପ୍ରତିରକ୍ଷା ମନ୍ତ୍ରୀ ଅମିର ନାସିରଜାଦେହ ଏବଂ ରିଭୋଲ୍ୟୁସନାରୀ ଗାର୍ଡର କମାଣ୍ଡର ମହମ୍ମଦ ପାକପୋର ପ୍ରାଣ ହରାଇଛନ୍ତି। ରାଷ୍ଟ୍ରପତି ମାସୁଦ ପେଜସକିଆନଙ୍କ ଅଫିସ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ମାତ୍ର ସେ ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି। ଇସ୍ରାଏଲ ପ୍ରତିରକ୍ଷାମନ୍ତ୍ରୀ କାଟ୍‌ଜ ମଧ୍ୟ ଖାମନେଇଙ୍କ ଅଫିସକୁ ନିଶାଣ କରାଯାଇଥିବା ସ୍ପଷ୍ଟ କରିଛନ୍ତି। ତେବେ ସେ ଖାମନେଇଙ୍କ ବିଷୟରେ କିଛି ସୂଚନା ଦେଇନାହାନ୍ତି। ସେ ଜୀବିତ ଥିବା ଇରାନ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ମାତ୍ର ଏ ବିଷୟରେ ସବିଶେଷ ବିବରଣୀ ଦିଆଯାଇ ନାହିଁ। ଅନ୍ୟପଟେ ଇରାନର ସାମରିକ ଓ ରାଜନୈତିକ ନେତୃତ୍ୱଙ୍କୁ ନିଶାଣ କରି ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଥିଲେ ବୋଲି କୁହାଯାଉଛି। ସରକାର ଭୁଶୁଡ଼ାଇ ନେତୃତ୍ୱ ପରିବର୍ତ୍ତନ କରିବା ଏହାର ଉଦ୍ଦେଶ୍ୟ। ଏହା ପୂର୍ବର ଇରାନରେ ଜେନ ଜେଡ ଆନ୍ଦୋଳନ ଚାଲିଥିଲା। ଏହାକୁ ଦମନ କରିବା ପାଇଁ ଖାମନେଇ ଅନ୍ୟ ଦେଶରୁ ଭଡ଼ାଟିଆ ସୈନ୍ୟ ମଗାଇ ଥିଲେ। ଏମାନେ ଆନ୍ଦୋଳନକାରୀଙ୍କୁ ଗୁଳି ମାରି ଆନ୍ଦୋଳନକୁ ଦମନ କରିଥିଲେ। ଏଥିରେ ୩୦ ହଜାରରୁ ଅଧିକ ଲୋକଙ୍କୁହ ହତ୍ୟା କରାଯାଇଥିବା ଆମେରିକା ଦାବି କରିଥିଲା। ମାତ୍ର ଇରାନ ୨୫୦୦ରୁ ୩ ହଜାର ମୃତ୍ୟୁ ହୋଇଥିବା କହିଥିଲା। ଏହାକୁ ନେଇ ଜନତାଙ୍କ ମଧ୍ୟରେ କ୍ରୋଧ ଜାରି ରହିଥିବାବେଳେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଲୋକଙ୍କୁ ବିଦ୍ରୋହ ପାଇଁ ଉସୁକାଉଛନ୍ତି।

## ଇରାନରେ ଇଣ୍ଟରନେଟ୍ ସେବା ବନ୍ଦ

ତେହରାନ, ୨୮ ।୨(ଏଜେନ୍ସି): ଏବେ ଇରାନରେ ଇଣ୍ଟରନେଟ ସମ୍ପୂର୍ଣ୍ଣ ବନ୍ଦ ରହିଛି। କେବଳ ୪ ପ୍ରତିଶତ ଇଣ୍ଟରନେଟ କନେକ୍ସନ କାମ କରୁଛି। ଏପରି ସମୟରେ ଇରାନ ସମର୍ଥିତ ହୁତି ବିଦ୍ରୋହୀ ଗୋଷ୍ଠୀ ଇସ୍ରାଏଲରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ପାଇଁ ନିଷ୍ପତ୍ତି ନେଇଛି। ସମୁଦ୍ର ମାର୍ଗ ଦେଇ ଇସ୍ରାଏଲ ଉପରେ ଆକ୍ରମଣ କରାଯିବ ବୋଲି କୁହାଯାଇଛି। ଏହା ମଧ୍ୟରେ ଇରାନର ନିର୍ବାସିତ ରାଜା ପହଲଭି କହିଛନ୍ତି ଯେ ଜନତାକୁ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାହା ପୂରଣ କରୁଛୁ। ସେ ଏହି ଆକ୍ରମଣକୁ ମାନବୀୟ ସହାୟତା କହିଛନ୍ତି। ନିଶାଣରେ ଇରାନର ଇସଲାମିକ ଶାସନ ରହିଛି ବୋଲି କହିଛନ୍ତି।

ଆଜିର ଆକ୍ରମଣ।।ରେ ଆମେରିକା ଏବଂ ଇସ୍ରାଏଲ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ, ଦୀର୍ଘ ଦୂରଗାମୀ କ୍ରୁଜ୍ ମିସାଇଲ, ଟମ୍ ହକ୍, ବଙ୍କର ବ୍ଲଷ୍ଟର, ବାଲିଷ୍ଟିକ କ୍ଷେପଣାସ୍ତ୍ର, ସଠିକ୍ ଲକ୍ଷ୍ୟଭେଦ କରିପାରୁଥିବା ଅସ୍ତ୍ରଶସ୍ତ୍ର ଏବଂ ସଶସ୍ତ୍ର ଡ୍ରୋନ ବ୍ୟବହାର କରିଛି।

# ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍ ବିଗିଡ଼ିଗଲା ବିଜେପି ଗଣିତ

## ଆଜି ବିଜେପିର ପ୍ରାର୍ଥୀ ଘୋଷଣା, ସୋମବାର ନାମାଙ୍କନ

ଭୁବନେଶ୍ୱର,୨୮।୨(ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଆସନ୍ତା ୫ ତାରିଖ ନାମାଙ୍କନ ପ୍ରକ୍ରିୟାର ଶେଷଦିନ । ମାତ୍ର ଏଯାଏ ବିଜେପି ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ରାଜ୍ୟ କୋର କମିଟି ପଠାଇଥିବା ନାମ ସମ୍ପର୍କରେ ଦଳର ସଂସଦୀୟ ବୋର୍ଡ୍ ବିଚାରବିମର୍ଶ ଚଳାଇଛି। ଏହି ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଗୁଆ ପ୍ରାର୍ଥୀ ଘୋଷଣା ବିଜେପିର ୩ ଆସନ ଦଖଲ ଅଭିଯାନରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି। ବିଜେଡି ନିଜ ସଂଖ୍ୟାନୁସାରେ ଗୋଟିଏ ଆସନ ଜିତି ଶାନ୍ତିରେ ବସିବ ଓ ବିଜେପି ସହଜରେ ୪ର୍ଥ ଆସନଟି ଜିତିବ ବୋଲି ବିଜେପିର ଅନେକ ନେତା ମନେ କରିଥିଲେ। ମାତ୍ର ବିଜେଡିର ୬ ସେଟ୍ ମନୋନୟନ ପତ୍ର ନେବା ଘଟଣାରୁ ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍‌କୁ ଆକଳନ କରି ନ ପାରିବା ବିଜେପିର ସବୁ ଗଣିତକୁ ଗଡ଼ବଡ଼ କରି ଦେଇଛି।

ଶାସକ ବିଜେପି ଏଯାବତ୍ ନିଜର ରାଜ୍ୟସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ପାରିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି ହୋଇଛି। ସଂସଦୀୟ କମିଟିକୁ ପଠା ଯାଇଥିବା ୬ଟି ନାମରୁ ୩ଟି ନାମ ଚୂଡ଼ାନ୍ତ କରାଯିବାକୁ ରାଜ୍ୟ କୋର କମିଟି ଅନୁରୋଧ କରିଛି। ମାତ୍ର ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସଭାପତି ମନମୋହନ ରାଜ୍ୟସଭା ଯିବାକୁ ଇଚ୍ଛୁକ ହେଉ ନାହାନ୍ତି। ପୂର୍ଣ୍ଣିମା କେର୍କେଟାଙ୍କ ନାମକୁ ଦଳର ଏକ ପ୍ରଭାବଶାଳୀ ଗୋଷ୍ଠୀ ବିରୋଧ କରୁଛନ୍ତି ଓ ସୁଜିତ୍ କୁମାରଙ୍କ ପ୍ରାର୍ଥୀତ୍ୱକୁ ନେଇ ଦଳରେ ସହମତି ହୋଇପାରୁ ନାହିଁ। ତେଣୁ ସଂସଦୀୟ କମିଟି ମଧ୍ୟ ଏ ସମ୍ପର୍କରେ ନିଷ୍ପତ୍ତି ନେଇପାରୁ ନାହାନ୍ତି । ଏପରି ସମୟରେ ଚତୁର୍ଥ ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିବା ବିଜେପିର ଅକଲ ଗୁଡୁମ କରିଦେଇଛି। ଚତୁର୍ଥ ଆସନ ହାତେଇବାକୁ ବିଜେପି ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପରି ଜଣେ ବିଶିଷ୍ଟ ଚିକିତ୍ସକଙ୍କ ନାମ ନବୀନ ପ୍ରାର୍ଥୀ ରୂପେ ଘୋଷଣା କରିବା ଓ ତାଙ୍କୁ କଂଗ୍ରେସ ସମର୍ଥନ ଘୋଷଣା କରିବା ବିଜେପିକୁ ଅଡୁଆରେ ପକାଇ ଦେଇଛି। ତେଣୁ ବିଜେପି ୨ ନା ୩ ପ୍ରାର୍ଥୀଙ୍କ ନାମ ଘୋଷଣା କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ରବିବାର ଛୁଟି । ହୋଲି ଯୋଗୁଁ ମଙ୍ଗଳବାର ଓ ବୁଧବାର ଦିନ ସରକାରୀ ଛୁଟି । ଏହି ତିନିଦିନକୁ ଛାଡ଼ିଦେଲେ କେବଳ ସୋମବାର ଓ ଗୁରୁବାର ଦୁଇଟି କାର୍ଯ୍ୟଦିବସରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରୁ ମନୋନୟନ ପତ୍ର ଗ୍ରହଣ ସହ ନାମାଙ୍କନ ପତ୍ର ଦାଖଲ କରାଯାଇପାରିବ। ତେଣୁ ରବିବାର ବିଜେପି ପ୍ରାର୍ଥୀ ଘୋଷଣା କରିବାର ସମ୍ଭାବନା ରହିଛି ଓ ଦଳୀୟ ପ୍ରାର୍ଥୀ ସୋମବାର ନାମାଙ୍କନ ଦାଖଲ କରିପାରନ୍ତି । ଯଦି ତାହା ସମ୍ଭବ ନ ହୁଏ, ତେବେ ଦଳୀୟ ପ୍ରାର୍ଥୀଙ୍କୁ ଗ୍ରହଣର ଅଶୁଭ କାଳରେ ନାମାଙ୍କନ ପତ୍ର ଦାଖଲ କରିବାକୁ ପଡ଼ିବ ବୋଲି କୁହାଯାଉଛି ।

# କାଳ ହେଲା ଉଚ୍ଚାକାଂକ୍ଷା

ଭୁବନେଶ୍ୱର,୨୮ ।୧୨(ସମିସ): ନିଜ କର୍ମରୁ ଅଧିକ ଲୋଡୁଥିବା ବ୍ୟକ୍ତିମାନେ ସର୍ବଦା ଲୋକହସା ହୁଅନ୍ତି ।ଅତୀତରେ ଏହାର ଅନେକ ଉଦାହରଣ ଦେଖିବାକୁ ମିଳିଛି ଓ ଏବେ ଅନୁରୂପ ଆଉ ଏକ ଘଟଣାର ଅବତାରଣା ଘଟିଛି । ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବିଜେଡି ଆଜି ଦଳରୁ ବହିଷ୍କାର କରିବା ପରେ କଟକରେ ଏପରି ଆଲୋଚନା ଦାନା ବାନ୍ଧିଛି । ଦଳ ବିରୋଧୀ କାର୍ଯ୍ୟ ଓ ବିଶୃଙ୍ଖଳିତ ଆଚରଣ ପାଇଁ ତାଙ୍କୁ ତତ୍‌କ୍ଷଣାତ୍ ବିଜେଡିରୁ ନିଲମ୍ବିତ କରାଯାଇଛି ।

ସୂଚନା ଅନୁସାରେ ଗତକାଲି ବିଧାୟକମାନଙ୍କ ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରସଙ୍ଗରେ ବୈଠକ କରିଥିଲେ ଓ ସେମାନଙ୍କୁ ପୁଣି ଆଜି ପୂର୍ବାହ୍ନରେ ନବୀନ ନିବାସରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକମାନଙ୍କ ସହ ରାଜ୍ୟସଭା ନିର୍ବାଚନ ଓ ପ୍ରାର୍ଥିତ୍ୱ ସମ୍ପର୍କରେ ଆଲୋଚନା ପରେ ନବୀନ ଡ. ସନ୍ତୃପ୍ତ ମିଶ୍ର ଓ ଡା. ଦଣ୍ଡେଶ୍ୱର ହୋତାଙ୍କ ନାମ ଘୋଷଣା କରିଥିଲେ। ଏହି ସମୟରେ ପ୍ରଭାତ ବିଶ୍ୱାଳ ସେଠାରେ ପହଞ୍ଚିଥିଲେ। ସେ ବିଧାୟକ ନ ଥିବାରୁ ଅନ୍ୟମାନେ ତାଙ୍କୁ କୋଠରୀରୁ ବାହାର କରି ଦେଇଥିଲେ। ଏହାପରେ ପ୍ରଭାତ ବିଶ୍ୱାଳ ବାହାରକୁ ଆସି ସନ୍ତୃପ୍ତଙ୍କ ବିରୋଧରେ ବିଷୋଦଗାର କରିଥିଲେ ।

ତେଣୁ ଦଳରେ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ନବୀନ ତାଙ୍କୁ ତୁରନ୍ତ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯିଏ ଯେତେ ପ୍ରଭାବଶାଳୀ ହୁଅନ୍ତୁ ପଛେ, ଶୃଙ୍ଖଳା ସର୍ବପ୍ରଥମ ବୋଲି ନବୀନ ସର୍ବଦା କହି ଆସିଛନ୍ତି । ଅତୀତରେ ଅନେକ ବଡ଼ବଡ଼ ନେତାଙ୍କୁ ଏଥିପାଇଁ ଦଳରୁ ବହିଷ୍କାର କରାଯାଇଛି ଏବଂ ପ୍ରଭାତ ଏହାର ସଦ୍ୟତମ ଉଦାହରଣ ବୋଲି କୁହାଯାଉଛି । କେବଳ ପ୍ରଭାତ ବିଶ୍ୱାଳ ନୁହନ୍ତି, ଅତୀତରେ ଅନୁରୂପ କାର୍ଯ୍ୟ ପାଇଁ କଟକ ଜିଲ୍ଲାର ଅନ୍ୟଜଣେ ବିଧାୟକ ପ୍ରଭାତ ତ୍ରିପାଠୀ ମଧ୍ୟ ବିଜେଡିରୁ ବହିଷ୍କୃତ ହୋଇଥିଲେ। ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ପ୍ରଭାତ ତ୍ରିପାଠୀଙ୍କ ପରିବର୍ତ୍ତେ ତାଙ୍କ ସ୍ଥାନରେ ପୁଅକୁ ବିଜେଡି ବାଙ୍କୀ ବିଧାନସଭା ପାଇଁ ଟିକଟ ଦେଇଥିଲା। ମାତ୍ର ଏଥିରେ ପ୍ରଭାତ ସନ୍ତୁଷ୍ଟ ନ ଥିଲେ ଓ ଦଳ ବିରୋଧୀ ଶକ୍ତିଗୁଡ଼ିକ ସହ ହାତ ମିଳାଇ ନିଜ ଉଚ୍ଚାକାଂକ୍ଷା ପୂରଣ ପାଇଁ ଲାଗି ପଡ଼ିଥିଲେ । ବିଭିନ୍ନ ସମୟରେ ଦଳ ବିରୋଧୀ କାର୍ଯ୍ୟ ଓ ଦଳୀୟ ନେତାଙ୍କୁ ବିଭିନ୍ନ ସମୟରେ ସମାଲୋଚନା ପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଥିଲା ଓ ବିଜେଡି ତାଙ୍କୁ ଦଳରୁ ବହିଷ୍କାର କରିଥିଲା ।

ଅନୁରୂପ ଭାବରେ ଉଚ୍ଚାକାଂକ୍ଷା କଂଗ୍ରେସର ପୂର୍ବତନ ବିଧାୟକ ତଥା କଟକ ସହରର ଅନ୍ୟତମ ପ୍ରଭାବଶାଳୀ ନେତା ମହମ୍ମଦ ମୋକିମ୍‌ଙ୍କ ପାଇଁ ଘାତକ ହୋଇଛି। ଏକ ସମୟରେ ମହମ୍ମଦ ମୋକିମ୍ ପିସିସି ସଭାପତି ଦୌଡ଼ରେ ସବୁଠୁ ଆଗରେ ଥିଲେ । ମାତ୍ର ଏଆଇସିସି ଭକ୍ତ ଦାସଙ୍କୁ ପିସିସି ସଭାପତି ଘୋଷଣା କରିବା ପରେ ମୋକିମ୍ ଆରମ୍ଭ କରିଥିଲେ ବିଦ୍ରୋହ । ଯେଉଁଥିପାଇଁ ମୋକିମ୍‌ଙ୍କୁ ଦଳ ବହିଷ୍କାର କରିଛି ଓ ସେ ନିଜେ ଏକ ରାଜନୈତିକ ଦଳ ଗଠନ ପାଇଁ ପ୍ରୟାସ ଚଳାଇଛନ୍ତି। ମାର୍ଚ୍ଚ ମାସରେ ଓଡ଼ିଶା ଲୋକ କଂଗ୍ରେସ ଗଠନ ପୂର୍ବରୁ ରାଜ୍ୟସାରା ଘୂରିଘୂରି ଏଥିପାଇଁ ନେତାଙ୍କ ସହ ସମ୍ପର୍କ ସ୍ଥାପନ କରିଛନ୍ତି ।

# ଚକୋଲେଟ୍‌ରେ ନିଶା ଦେଇ ଛାତ୍ରୀଙ୍କୁ ଅପହରଣ

## ତାମିଲନାଡୁରେ ବିକି ଦେଇଥିଲା ଅଭିଯୁକ୍ତ

ଦେଓଗାଁ,୨୮।୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଜରାସିଂହା କଲେଜର ଜଣେ ଯୁକ୍ତ ତିନି ଛାତ୍ରୀ ନିଖୋଜର ୪ ମାସ ପରେ ଘରକୁ ଫେରିଛନ୍ତି। ଜଣେ ଯୁବକ ଚକୋଲେଟ୍‌ରେ ନିଶା ଦେଇ ତାଙ୍କୁ ରାଜ୍ୟ ବାହାରକୁ ଅପହରଣ କରିନେଇଥିଲା ଏବଂ ସେଠାରେ ତାଙ୍କୁ ନିର୍ଯାତନା ଦେଉଥିଲା ବୋଲି ଛାତ୍ରୀଜଣଙ୍କ ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି।

■ ୪ ମାସ ପରେ ଘରକୁ ଫେରିଲେ
■ ନିର୍ଯାତନାର କାହାଣୀ କହିଲେ

ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ୪ମାସ ତଳେ ସେ କଲେଜରୁ ଘରକୁ ଫେରୁଥିବା ବେଳେ ବାଟରେ ଜଣେ ପଡ଼ୋଶୀ ଯୁବକ ଦେଖା ହୋଇଥିଲେ। ଘରେ ଛାଡ଼ିଦେବେ ବୋଲି କହି ସେ ତାଙ୍କୁ ଏକ ଚକୋଲେଟ୍ ଦେଇଥିଲେ। ଚକୋଲେଟ୍ ଖାଇବା ପରେ ଛାତ୍ରୀଜଣଙ୍କ ଚେତାଶୂନ୍ୟ ହୋଇପଡ଼ିଥିଲେ। ଚେତା ଫେରି ପାଇବା ବେଳକୁ ସେ ଏକ ବସ୍‌ଷ୍ଟାଣ୍ଡଠାରେ ଥିଲେ। ସେଠାରେ କଲେଜ ପୋଷାକରେ ମାସ୍କ ପିନ୍ଧି ୪ଜଣ ଯୁବକ ତାଙ୍କ ସହ ଥିଲେ। ସେମାନେ ସେଠାରେ ପୁଣି ଛାତ୍ରୀଙ୍କୁ ନିଶାଯୁକ୍ତ ଜୁସ୍ ପିଆଇ ଚେତାଶୂନ୍ୟ କରିଦେଇଥିଲେ। ପରେ ଚେତା ଫେରିବା ବେଳକୁ ସେ ତାମିଲନାଡୁ ପହଞ୍ଚି ଯାଇଥିଲେ। ସେଠାରେ ମଧ୍ୟ ୪ଜଣ ଯୁବକ ତାଙ୍କ ନିକଟରେ ଥିଲେ। ସେମାନେ ୨ଲକ୍ଷ ଟଙ୍କାରେ ତାଙ୍କୁ କିଣିଥିବା କହିଥିଲେ। ପ୍ରାୟ ୪ମାସ ଧରି ସେମାନେ ତାଙ୍କୁ ସେଠାରେ ଗୋଟିଏ ଘରେ ରଖିଥିଲେ। ଥରେ ତାଙ୍କ ମୁଣ୍ଡକୁ ସେମାନେ ଆଘାତ ଦେବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହାପରେ ସେମାନେ ତାଙ୍କୁ ନିକଟସ୍ଥ ଏକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେବା ପରେ ଜଣେ ନର୍ସଙ୍କ ସହଯୋଗରେ ସେ ପାଖରେ ରହୁଥିବା ତାଙ୍କ ବଡ଼ ଭଉଣୀଙ୍କ ନିକଟକୁ ଯାଇଥିଲେ। ସେଠାରୁ ବଡଭଉଣୀଙ୍କ ସହାୟତାରେ ଘରକୁ ଫେରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ରୀ ଓ ତାଙ୍କ ଘରଲୋକେ ଦାବି କରିଛନ୍ତି। ଥାନାଧିକାରୀ ସବିତା ଠେମରିଆ କହିଛନ୍ତି ଏ ସଂପର୍କରେ ସେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବା ସହ ତଦନ୍ତକୁ ଜୋରଦାର କରିଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଲୋକଲୋଚନକୁ ଅଣାଯିବ। ଦୋଷୀ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ।


# ନବୀନଙ୍କୁ କୃତଜ୍ଞତା ଜଣାଇଲେ ସଂତୃପ୍ତ ଓ ଦଣ୍ଡେଶ୍ୱର

■ ରାଜ୍ୟସ୍ୱାର୍ଥ ପ୍ରସଙ୍ଗକୁ ଶାଣିତ ଢଙ୍ଗରେ ସଂସଦରେ ଉପସ୍ଥାପିତ କରିବି: ସଂତୃପ୍ତ
■ ସବୁ ରାଜନୈତିକ ଦଳକୁ ସହଯୋଗ ଲାଗି ଅନୁରୋଧ କରୁଛି: ଦଣ୍ଡେଶ୍ୱର

ଭୁବନେଶ୍ୱର,୨୮।୨(ସମିସ): ରାଜ୍ୟସଭା ପ୍ରାର୍ଥୀ ରୂପେ ଡ. ସଂତୃପ୍ତ ମିଶ୍ର ଓ ଡା. ଦଣ୍ଡେଶ୍ୱର ହୋତାଙ୍କ ନାମ ଘୋଷଣା ପରେ ଉଭୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ଓ ଦଳ ପାଇଁ କିଛି କରିପାରିବି ବୋଲି ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ମୋ ଦଳର ନେତା ନବୀନ ପଟ୍ଟନାୟକ, ସମସ୍ତ ବିଧାୟକ ଓ ନେତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି ବୋଲି କହିଛନ୍ତି ଡ. ସଂତୃପ୍ତ ମିଶ୍ର। ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭ କରି ଦିଲ୍ଲୀ ଦରବାର ଯାଏଁ ବିଜେଡି ରାଜ୍ୟସ୍ୱାର୍ଥ ପାଇଁ ନିଜର ସ୍ୱର ଶାଣିତ ରଖିଆସିଛି। ନିର୍ବାଚନରେ ବିଜୟ ହାସଲ କଲେ ଏହି ସ୍ୱରକୁ ଆହୁରି ତୀବ୍ରତାର ସହ ମୁଁ ଉତ୍ଥାପନ କରିବି ବୋଲି ସେ କହିଛନ୍ତି।

ସେହିପରି ଡା. ଦଣ୍ଡେଶ୍ୱର ହୋତା ମଧ୍ୟ ନିଜ ପ୍ରାର୍ଥିତ୍ୱ ପାଇଁ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟସଭା ପ୍ରାର୍ଥୀ ପରି ଏକ ବଡ଼ ସୁଯୋଗ ପ୍ରଦାନ କରିଥିବାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି। ସୁଯୋଗ ମିଳିଲେ ମୋର ସମସ୍ତ ଜ୍ଞାନକୁ ମୁଁ ରାଜ୍ୟର ସ୍ୱାର୍ଥ ପାଇଁ ଉପଯୋଗ କରିବି । ସ୍ୱାସ୍ଥ୍ୟକ୍ଷେତ୍ରରେ କିପରି ଉନ୍ନତିକରଣ ହେବ ଏବଂ ଲୋକେ କିପରି ଉନ୍ନତେ ସେବା ପାଇପାରିବେ, ସେନେଇ ମୁଁ ପ୍ରାଣପ୍ରଣେ ଉଦ୍ୟମ କରିବି ବୋଲି ଉଲ୍ଲେଖ କରି ସବୁ ରାଜନୈତିକ ଦଳର ସମର୍ଥନ ଲୋଡ଼ିଛନ୍ତି ।

## ସଂକ୍ଷେପରେ ଡ. ସଂତୃପ୍ତ ମିଶ୍ର



ଡ. ସଂତୃପ୍ତ ମିଶ୍ର ଭାରତୀୟ କର୍ପୋରେଟ ଜଗତରେ ବେଶ୍ ପରିଚିତ ନାମ। ୨୦୨୪ ମସିହାରେ ସେ ଆଦିତ୍ୟ ବିର୍ଲା ଗ୍ରୁପରୁ ଗ୍ରୁପ ଡାଇରେକ୍ଟର(ହ୍ୟୁମାନ ରିସୋର୍ସେସ) ଏବଂ ବିର୍ଲା କାର୍ବନର ସିଇଓ ପଦରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦାନ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ କଟକ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରିଥିଲେ ହେଁ ବିଜେପିପ୍ରାର୍ଥୀଙ୍କ ନିକଟରୁ ହାରି ଯାଇଥିଲେ। କର୍ପୋରେଟ୍ ଓ ମାନବସମ୍ବଳ କ୍ଷେତ୍ରରେ ତାଙ୍କର ପ୍ରାୟ ୩ ଦଶନ୍ଧିର ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ଆଡିମିନିଷ୍ଟ୍ରେସନରେ ପିଏଚଡି କରିଥିବାବେଳେ ବ୍ରିଟେନର ଅଷ୍ଟନ୍ ବିଜନେସ ସ୍କୁଲରୁ ବି ଇଣ୍ଡଷ୍ଟ୍ରିଆଲ ରିଲେସନ୍ସରେ ପିଏଚ୍‌ଡି କରିଛନ୍ତି। ଏବେ ବିଜୁ ଜନତା ଦଳରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସହ ଦଳର ଜାତୀୟ ମୁଖପାତ୍ର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି।

## ସଂକ୍ଷେପରେ ଡା. ଦଣ୍ଡେଶ୍ୱର ହୋତା



ଡାକ୍ତର ଦଣ୍ଡେଶ୍ୱର ହୋତା ଜଣେ ପ୍ରସିଦ୍ଧ ୟୁରୋଲୋଜିଷ୍ଟ । ଚଣ୍ଡୀଗଡ଼ ପିଜିଆଇଏମଇଆରରୁ ୟୁରୋଲୋଜିରେ ସୁପର ସ୍ପେଶିଆଲିଟି କୋର୍ସ-ଏମସିଏଚ କରିଛନ୍ତି। କିଡନୀ ଓ ମୂତ୍ର ରୋଗ ସର୍ଜନ ଭାବେ ତାଙ୍କର ୪୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ସେ ପୂର୍ବରୁ କଟକ ଏସସିବି ମେଡିକାଲ କଲେଜରେ ୟୁରୋଲୋଜି ବିଭାଗ ମୁଖ୍ୟ, ଡିନ୍ ଓ ପ୍ରିନସପାଲ ରହିଛନ୍ତି। ରାଜ୍ୟରେ ୨୦୨୩ରେ ପ୍ରଥମେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଖୋଲିବାବେଳେ ସେ ଏହାର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଥିଲେ। ପରେ ସେ ଗୋଟିଏ ଟ୍ରଷ୍ଟ ଗଢ଼ି ଦୁର୍ଗମ ଅଞ୍ଚଳରେ ଶତାଧିକ ଚିକିତ୍ସା ଶିବିର ଆୟୋଜନ କରିଛନ୍ତି। ରାଜ୍ୟରେ କିଡନୀ ଟ୍ରାନ୍ସପ୍ଲାଣ୍ଟ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ପ୍ରତିଷ୍ଠାରେ ତାଙ୍କର ବେଶ୍ ଅବଦାନ ରହିଛି। ସେହିପରି ଜଟିଳ ଅସ୍ତ୍ରୋପଚାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ।

# ଗୋବିନ୍ଦ ଦ୍ୱାଦଶୀ ମହୋଦଧିରେ ବୁଡ଼ ପକାଇଲେ ସାଧୁସନ୍ଥ, ଶ୍ରଦ୍ଧାଳୁ



ପୁରୀ, ୨୮।୨ (ସମିସ): ପବିତ୍ର ଗୋବିନ୍ଦ ଦ୍ୱାଦଶୀରେ ମହୋଦଧିରେ ବୁଡ଼ ପକାଇଛନ୍ତି ଶହଶହ ସାଧୁସନ୍ଥ, ସେବାୟତ ଓ ଶ୍ରଦ୍ଧାଳୁ। ଏହି ଦିନ ସ୍ନାନ କଲେ ବହୁ ପୁଣ୍ୟ ଅର୍ଜନ ସହ ସମସ୍ତ ପାତକ ନାଶ ହୁଏ ବୋଲି ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ରହିଛି। ତେଣୁ, ଏହି ଭକ୍ତି ଓ ବିଶ୍ୱାସକୁ ନେଇ ମହୋଦଧି ନାରାୟଣ ଅମାବାସ୍ୟା ଘାଟରେ ସାଧୁସନ୍ଥଙ୍କ ସହ ବହୁ ସ୍ଥାନୀୟ ଭକ୍ତ ଓ ପର୍ଯ୍ୟଟକ ପବିତ୍ର ସ୍ନାନ କରିଥିଲେ।

ଫାଲ୍‌ଗୁନ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ସୂର୍ଯ୍ୟ କୁମ୍ଭରାଶିରେ ଅବସ୍ଥାନ କରିଥିବାରୁ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଯୋଗ ପଡ଼ିଥିଲା। ଏହି ଯୋଗରେ ମହୋଦଧିରେ ବୁଡ଼ ପକାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ପୁଣ୍ୟ ଅର୍ଜନ ହୋଇଥାଏ। ଏହି ବୁଡ଼କୁ ସ୍ମରଣୀୟ ରଖିବା ପାଇଁ ସକାଳେ ସିଂହଦ୍ୱାରଠାରୁ ଏକ ବର୍ଣ୍ଣାଢ଼୍ୟ ଆଧ୍ୟାତ୍ମିକ ଶୋଭାଯାତ୍ରା ବାହାରିଥିଲା। ସିଂହଦ୍ୱାରଠାରେ ସନ୍ଥ ଓ ଭକ୍ତମାନେ ଏକାଠି ହୋଇଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ସଂକୀର୍ତ୍ତନିଆ ଭକ୍ତଙ୍କ ମେଳରେ ବିଭିନ୍ନ ମଠ ଓ ଜାଗାଘରର ନିଶାଣ ସହ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବାଲିସାହି ଦେଇ ସମୁଦ୍ର କୂଳରେ ପହଞ୍ଚିବା ପରେ ନାରାୟଣ ଅମାବାସ୍ୟା ଘାଟରେ ପୂଜାର୍ଚ୍ଚନା କରାଯାଇଥିଲା। ଆଳତି କରାଯିବା ପରେ ସନ୍ଥ ଓ ସେବାୟତମାନେ ଏକାଠି ବୁଡ଼ ପକାଇଥିଲେ।

କୁମ୍ଭ ମେଳା ପରି ଏହି ବୁଡ଼ର ମଧ୍ୟ ବେଶ୍ ମହତ୍ତ୍ୱ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାଖେଳା ମହୋଦଧିରେ ହୋଇଥିବାରୁ ଏହି ଗୋବିନ୍ଦ ଦ୍ୱାଦଶୀ ଯୋଗରେ ମହୋଦଧିରେ ସ୍ନାନ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଦିନ ଅମୃତ ବେଳାରେ ସ୍ନାନ କଲେ ସମସ୍ତ ପାତକ ନାଶ ହୁଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି। ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ, ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ, ମହୀପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ, ଉତ୍ତରପାର୍ଶ୍ୱ ମଠର ନାରାୟଣ ରାମାନୁଜ ଦାସ, ସାବୁତ ନିଯୋଗ ସମ୍ପାଦକ ବିପିନ ପତ୍ରୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ୭ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ

ପାରାଦୀପ,୨୮।୨(ସମିସ): ପାରାଦୀପରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୭ ବର୍ଷର ଜଣେ ନାବାଳିକାକୁ ଜଣେ ଚିକେନ୍ ଦୋକାନ କର୍ମଚାରୀ ଦୁଷ୍କର୍ମ କରିଥିବା ନେଇ ନାବାଳିକାର ବାପା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାରାଦୀପ ପୌର ପରିଷଦ ୮ ନମ୍ବର ୱାର୍ଡ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଏଠାରେ ଥିବା ଏକ ଚିକେନ୍ କାଉଣ୍ଟରର କର୍ମଚାରୀ ସେକ୍ ରାଜା ଘରୁ ନାବାଳିକାକୁ ଡାକି କ୍ୟାବିନ ଭିତରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସମ୍ପୃକ୍ତ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ୩ ଦିନ ହେବ ନାବାଳିକାଙ୍କୁ ସମ୍ପୃକ୍ତ ଯୁବକ ପାଖକୁ ଡାକି ଅଣ୍ଡାରେ ନିଶା ଦେଇ ଅସଦାଚରଣ କରୁଥିଲା ବୋଲି ନାବାଳିକାଙ୍କ ମାଆ କହିଛନ୍ତି। ତେବେ ଆଜି ତାକୁ ଡାକି ଦୁଷ୍କର୍ମ କରୁଥିବା ବେଳେ ଧରପଡ଼ିଥିଲା।

ଜଣେ ଯୁବତୀଙ୍କୁ ଝାଡ଼ଖଣ୍ଡର ଜଣେ ଯୁବକ ଦୁଷ୍କର୍ମ କରି ୪ ମହଲା ଛାତରୁ ଠେଲି ହତ୍ୟା କରିବା ଘଟଣାକୁ ଏକ ସପ୍ତାହ ନ ପୂରୁଣୁ ଆଜିର ଏହି ଘଟଣା ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩୦ ଟନ୍ ଚମଡ଼ା ବୋଝେଇ ଟ୍ରକ ଜବତ; ୨ ଗିରଫ

ଖୋର୍ଦ୍ଧା, ୨୮।୨ (ସମିସ): ୧୬ନଂ ଜାତୀୟ ରାଜପଥର ବାଟମଙ୍ଗଳା ଛକ ନିକଟରୁ ଆଦର୍ଶ ଥାନା ପୁଲିସ ଗୋରୁ ଓ ମଇଁଷି ଚମଡ଼ା ବୋଝେଇ ଏକ ଟ୍ରକ୍ ଜବତ କରିଛି। ଟ୍ରକ୍‌ରୁ ୩୦ଟନ୍ ଚମଡ଼ା ଜବତ ହୋଇଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ, ଆନ୍ଧ୍ରପ୍ରଦେଶ ସିଟୋର ବି. କୋଠକୋଟାର ରିଆଜ୍ ଏବଂ ୱାସିମ୍।

ପୁଲିସ ସୂଚନା ଅନୁସାରେ, ଗଙ୍ଗପଡାର ଭାନୁପ୍ରତାପ ଜେନା ଓ ତାଙ୍କ ବନ୍ଧୁମାନେ କାଲି ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ୧୬ନଂ ଜାତୀୟ ରାଜପଥର ବାଟାମଙ୍ଗଳା ଛକ ନିକଟରେ ଏକ ଚମଡ଼ା ବୋଝେଇ ଟ୍ରକ୍ (ନଂ. ଏପି-୩୯-ଡବ୍ଲ୍ୟୁଡି-୫୩୫୬)କୁ ଅଟକାଇଥିଲେ। ଉକ୍ତ ସମୟରେ ଟ୍ରକ ଡ୍ରାଇଭର ତାଙ୍କୁ ମାରିବାକୁ ଉଦ୍ୟମ କରିବା ସହ ହତ୍ୟା ଧମକ ଦେଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ଅଟକ ଟ୍ରକ୍‌କୁ ହେପାଜତକୁ ନେଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଟ୍ରକ ଭିତରେ ପ୍ରାୟ ୩୦ ଟନ୍ ଗୋରୁ ଓ ମଇଁଷି ଚମଡ଼ା ଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାର ମୂଲ୍ୟ ପ୍ରାୟ ୩ଲକ୍ଷ ଟଙ୍କା ବୋଲି ପୁଲିସ ଆକଳନ କରିଛି। ଏହି ଘଟଣାରେ ଟ୍ରକ୍‌ର ଡାଇଭର ଓ ହେଲପରକୁ ପୁଲିସ ଗିରଫ କରିଛି। ଏହି ଟ୍ରକ୍‌ଟି ଆନ୍ଧ୍ରରୁ କୋଲକାତା ଅଭିମୁଖେ ଯାଉଥିବା ପୁଲିସ ପ୍ରାଥମିକ ତଦନ୍ତରେ ଜାଣିବାକୁ ପାଇଛି। ଏଥିସହ ଖୋର୍ଦ୍ଧାର ପ୍ରାଣୀ ଚିକିତ୍ସା ଅଧିକାରୀ ଜବତ ଚମଡ଼ାର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନିର୍ଦ୍ଦେଶକ ବନ୍ୟପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ ଓ ପଶୁପାଳନ, ଭୁବନେଶ୍ୱରକୁ ପଠାଇଛନ୍ତି। ଜବତ ଚମଡାକୁ ପୋତି ନଷ୍ଟ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

# ସଂରକ୍ଷିତ ବର୍ଗ ପ୍ରାର୍ଥୀଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ଦିଆଯାଇପାରିବ: ହାଇକୋର୍ଟ

କଟକ,୨୮ ।୨(ସମିସ): ସୁନ୍ଦରଗଡ଼ ସିଭିଲ୍‌କୋର୍ଟରେ କନିଷ୍ଠ କିରାଣୀ ନିଯୁକ୍ତି ବିବାଦକୁ ନେଇ ରୁଜୁ ମାମଲାର ଅନ୍ତ ଘଟାଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଯଦି ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ନିଜର ଯୋଗ୍ୟତା ତଥା ମେଧା ତାଲିକା ଆଧାରରେ ଅଧିକ ନମ୍ବର ରଖନ୍ତି, ତେବେ ତାଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ଦିଆଯାଇପାରିବ ବୋଲି କହିଛନ୍ତି ହାଇକୋର୍ଟ। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଲୁସି ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିବା ସହ ମାମଲାକୁ ଖାରଜ କରିଦେଇଛନ୍ତି। ଅଣସଂରକ୍ଷିତ ବର୍ଗ କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ସଂରକ୍ଷିତ ନୁହେଁ, ବରଂ ଏହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଯଦି ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ନିଜ ମେଧା ବଳରେ ତାଲିକା ଉପରେ ରହନ୍ତି, ତେବେ ତାଙ୍କୁ ଅଣସଂରକ୍ଷିତ ପଦରେ ସ୍ଥାନ ମିଳିବା ଉଚିତ। ସେହିଭଳି ଜଣେ ଯଦି ନିଜ ମେଧା ବଳରେ ଚୟନ ହୁଅନ୍ତି, ତେବେ ଏହି କ୍ଷେତ୍ରରେ ସଂରକ୍ଷଣ ପ୍ରମାଣପତ୍ରର ଆଉ ପ୍ରାସଙ୍ଗିକତା ରହେ ନାହିଁ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ଗତ ୨୦୧୫-୧୬ ବର୍ଷ ପାଇଁ ସୁନ୍ଦରଗଡ଼ ସିଭିଲ କୋର୍ଟରେ ୧୦ଟି କନିଷ୍ଠ କିରାଣୀ ନିଯୁକ୍ତି ପ୍ରକ୍ରିୟାରେ ଆବେଦନକାରୀ ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗରେ ଆବେଦନ କରିଥିଲେ। ମାତ୍ର, ଏସଇବିସି ବର୍ଗ ପାଇଁ ଆବେଦନ କରିଥିବା ଜଣେ ପ୍ରାର୍ଥୀ ଚୂଡ଼ାନ୍ତ ମେଧା ତାଲିକାରେ ଆବେଦନକାରୀଙ୍କଠାରୁ ଉପରେ ତଥା ଚତୁର୍ଥ ସ୍ଥାନରେ ଥିବାରୁ ସେହି ପ୍ରାର୍ଥୀଙ୍କୁ ଅଣସଂରକ୍ଷିତ ବର୍ଗରେ ନିଯୁକ୍ତି ମିଳିଥିଲା। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ପ୍ରତିପକ୍ଷ ପ୍ରାର୍ଥୀ ଏସଇବିସି ବର୍ଗରୁ ଆବେଦନ କରିଥିଲେ। ଅଣସଂରକ୍ଷିତ ବର୍ଗରେ ଗୋଟିଏ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ମେଧା ତାଲିକା ଅନୁସାରେ ଉପରେ ଥିବାରୁ ସଂରକ୍ଷିତ ବର୍ଗରେ ଆବେଦନ କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ବେଆଇନ ବୋଲି ଆବେଦନାକରୀ ଅଭିଯୋଗ କରିଥିଲେ।

# ୨୨୫ କୋଟି ଟଙ୍କାର ତରଳ ଗଞ୍ଜେଇ ଜବତ ଘଟଣା ମାଷ୍ଟରମାଇଣ୍ଡ ଆଲେନ୍ ସହ ୭ ଗିରଫ

କୋରାପୁଟ, ୨୮।୨(ସମିସ): ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପରଜାବଡ଼ପଡ଼ା ପଞ୍ଚାୟତର ଜୋଲାପୁଟ ଜଳଭଣ୍ଡାରର ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ଏକ ଟାପୁରୁ ଗତ ଗୁରୁବାର ପାଡୁଆ ଥାନା ପୁଲିସ ୨୨୫କୋଟି ଟଙ୍କାର ତରଳ ଗଞ୍ଜେଇ ଏବଂ ୫କୋଟି ଟଙ୍କାର ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ପୁଲିସ ଘଟଣାର ମାଷ୍ଟରମାଇଣ୍ଡ ସହ ୭ଜଣଙ୍କୁ ଗିରଫ କରିଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡ. କନୱର ବିଶାଳ ସିଂ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ, ମାଷ୍ଟରମାଇଣ୍ଡ କେରଳ ଥିରୁଅନନ୍ତପୁରମ୍‌ର ଆଲେନ ଜୟରାଜ(୩୩), ସିଣ୍ଡିକେଟ୍ ସଭ୍ୟ କିରଣ ଡି (୩୩), ଆନନ୍ଦ ରାଜ (୨୮), କୋଭାଲାମ ଗ୍ରାମର ବିଟୁ ବି (୩୪), ସହଯୋଗୀ ମାଲକାନଗିରି ଜିଲ୍ଲା ସୀମାଘଡି ଗ୍ରାମର ଲାଇଛନ ଖିଲ(୨୫) ଏବଂ କୋରାପୁଟ ଜିଲ୍ଲା ପାଡୁଆ ଥାନା ପରଜାବଡ଼ପଡ଼ା ପଞ୍ଚାୟତ ଚିତାଲପଡ଼ା ଗ୍ରାମର ଲକ୍ଷ୍ମଣ ଖିଲ (୨୩) ଓ ସାଧୁ ପାଙ୍ଗି (୪୫)। ଏସ୍‌ପି ରୋହିତ ବର୍ମାଙ୍କ ଉପସ୍ଥିତିରେ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଆଇଜି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ଅଭିଯୁକ୍ତମାନେ ଅନ୍ତଃରାଜ୍ୟ ବେଆଇନ ନିଶା କାରବାର ରାକେଟ୍‌ରେ ସଂପୃକ୍ତ ଅଛନ୍ତି। ସେମାନଙ୍କ ସମ୍ପର୍କରେ ଅଧିକ ଅନୁସନ୍ଧାନ ଚାଲିଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ପୁଲିସ ମନା କରଦେଇଛି। ମୁଖ୍ୟ ଅଭିଯୁକ୍ତ ଆଲେନ୍ ଜଣେ ପେସାଦାର ଅପରାଧୀ। ତା' ବିରୋଧରେ କେରଳରେ ୨୦୧୧ରେ ଦୁଇଜଣଙ୍କୁ ହତ୍ୟା କରିବା ମାମଲା ଥିବା ବେଳେ



୨୦୧୬ରେ ତରଳ ଗଞ୍ଜେଇ କାରବାର ମାମଲା ରହିଛି। ସେ କୋରାପୁଟ ଜିଲ୍ଲା ପାଡୁଆ ଅଞ୍ଚଳକୁ ଆସି ଜଲାପୁଟ ଜଳଭଣ୍ଡାର ଭିତରେ ଥିବା ଏକ ନିର୍ଜନ ଜଙ୍ଗଲଭରା ସ୍ଥାନରେ ତରଳ ଗଞ୍ଜେଇ ବ୍ୟବସାୟ ଆରମ୍ଭ କରିଥିଲା। ଜୟରାଜ ନିଜେ ତରଳ ଗଞ୍ଜେଇ ପ୍ରସ୍ତୁତ କରୁଥିବାରୁ ସେ ପ୍ରେସର୍ କୁକର, ଇଣ୍ଡକସନ୍ ଚୁଲା, ଜେନେରେଟର୍, ପାଣି ପାଇପ ଭଳି ଆବଶ୍ୟକ ଉପକରଣ ରଖି ସେଠାରେ ଅସ୍ଥାୟୀ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିଥିଲା।

ସୂଚନାଥାଉ କି, ବୁଧବାର ବିଳମ୍ବିତ ରାତିରେ ପୁଲିସ ନୌକାରେ ଯାଇ ଜଳଭଣ୍ଡାର ପାରି ହେବା ସହ ଜଙ୍ଗଲର ପାଦଚଲା ରାସ୍ତାରେ ଚାଲି ଚାଲି ଅସ୍ଥାୟୀ ପ୍ରସ୍ତୁତିକରଣ ୟୁନିଟରେ ପହଞ୍ଚିଥିଲା। ଉକ୍ତ ଅସ୍ଥାୟୀ ୟୁନିଟ୍‌ରୁ ପୁଲିସ ୧୮୦୦ଲିଟରରୁ ଅଧିକ ହାଶିଶ ତେଲ ବା ତରଳ ଗଞ୍ଜେଇ ଏବଂ ୧୦୦୦ କିଲୋରୁ ଅଧିକ ଗଞ୍ଜେଇ ଜବତ କରିଥିଲା। ଜବତ ତରଳ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨୫ କୋଟି ଟଙ୍କା ଓ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୫କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଘଟଣାସ୍ଥଳରୁ ପୁଲିସ ଲକ୍ଷ୍ମଣ ଖିଲକୁ ଧରିଥିବା ବେଳେ ଅନ୍ୟମାନେ ଘଞ୍ଚ ଜଙ୍ଗଲ ଦେଇ ଖସିଯିବାରେ ସକ୍ଷମ ହୋଇଥିଲେ। ଲକ୍ଷ୍ମଣଠାରୁ ପୁଲିସ ବିସ୍ତୃତ ସୂଚନା ହାସଲ କରି ଏସ୍‌ପିଙ୍କ ନେତୃତ୍ୱରେ ଛଅଟି ସ୍କ୍ୱାଡ୍‌ରେ ଭାଗ ହୋଇ ଜଙ୍ଗଲକୁ ଚାରିଆଡୁ ଘେରି ପ୍ରାୟ ୩୦ ଘଣ୍ଟା ପରେ ମୁଖ୍ୟ ଅଭିଯୁକ୍ତ ଆଲେନ ଜୟରାଜ ସହ ଅନ୍ୟ ୫ଜଣଙ୍କୁ ଗିରଫ କରିଥିଲା।

■ କେରଳରୁ ଆସି ଏଠାରେ ଚଲାଇଥିଲା ବେପାର
■ ଦୁଇଦୁଇଟି ହତ୍ୟାକାଣ୍ଡ ମାମଲାରେ ଜଡ଼ିତ ଆଲେନ୍
■ ଗଞ୍ଜେଇ ପ୍ରକ୍ରିୟାକରଣ ସାମଗ୍ରୀ ଜବତ

ଗିରଫ କିରଣ ଡି, ଆନନ୍ଦ ରାଜ ଓ ବିଠୁ ବି ତରଳ ଗଞ୍ଜେଇ ଆନ୍ତରାଜ୍ୟ ଚାଲାଣ ଦାୟିତ୍ୱରେ ଥିବା ବେଳେ ଲାଇଛନ ଖିଲ, ସାଧୁ ପାଙ୍ଗି ଏବଂ ଲକ୍ଷ୍ମଣ ଖିଲ କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରିବା ଦାୟିତ୍ୱରେ ରହିଥିବା ଡିଆଇଜି କହିଛନ୍ତି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଅଧିକ ତଥ୍ୟ ହାସଲ ପାଇଁ ମୁଖ୍ୟ ଅଭିଯୁକ୍ତ ଆଲେନ୍ ଜୟରାଜକୁ ରିମାଣ୍ଡରେ ଅଣାଯିବ ବୋଲି ଡିଆଇଜି ସୂଚନା ଦେଇଛନ୍ତି।

### ଥୁଆମୂଳରାମପୁର ସଦରମହକୁମାରେ ନେଟ୍‌ୱର୍କ ସମସ୍ୟା

# ଅନ୍‌ଲାଇନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ

**ଥୁଆମୂଳରାମପୁର, ୨୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ସଦର ମହକୁମାରେ ଦୀର୍ଘଦିନ ଧରି ଗମ୍ଭୀର ମୋବାଇଲ୍ ନେଟ୍‌ୱର୍କ ଏବଂ ଇଣ୍ଟରନେଟ୍ ସମସ୍ୟା ଦେଖାଦେଉଛି।ଏହାର ସର୍ବାଧିକ ପ୍ରଭାବ ପଡୁଛି ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାଧାରଣଲୋକଙ୍କ ଉପରେ। ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଯେଉଁଠି କି ସମାଜିକ ସୁରକ୍ଷା ବିଭାଗ, ଖାଦ୍ୟ ଯୋଗାଣ ବିଭାଗ, ମଙ୍ଗଳ ବିଭାଗ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦିତ ହୋଇଥାଏ। ସେହିପରି ବ୍ୟାଙ୍କ କାମ ମଧ୍ୟ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଥାଏ। ଯେଉଁଥିପାଇଁ ବହୁ ହିତାଧିକାରୀ ଏବଂ ଉପଭୋକ୍ତାମାନେ ହଇରାଣ ହୋଇଥାନ୍ତି ବିଶେଷ କରି ଥୁଆମୂଳ ରାମପୁର ତହସିଲ କାର୍ଯ୍ୟାଳୟରେ ଇଣ୍ଟରନେଟ୍ ସଂଯୋଗ ଠିକ୍ ଭାବେ କାମ କରୁନଥିବାରୁ ଅନଲାଇନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଫଳରେ ଜାତି, ଆୟ, ବାସସ୍ଥାନ ସାର୍ଟିଫିକେଟ ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଦିନଦିନ ଧରି ଅପେକ୍ଷା କରି ହତାଶ ହେଉଛନ୍ତି। ଏହି ସମସ୍ୟାର ପ୍ରଭାବ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟ ପ୍ରକାଶ ପାଉଛି। ନେଟ୍‌ୱର୍କ ଠିକ୍ ଭାବେ ନ ପହଞ୍ଚିବାରୁ ପିଲାମାନଙ୍କର ଅନଲାଇନ୍ କମ୍ପ୍ୟୁଟର ଶିକ୍ଷା ସହିତ ଅନ୍ୟାନ୍ୟ ଡିଜିଟାଲ୍ କାର୍ଯ୍ୟ ବିଘ୍ନିତ ହେଉଛି। ସେହିପରି ଥୁଆମୂଳରାମପୁର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଯୁକ୍ତ ଦୁଇ ଏବଂ ଡିଗ୍ରି କଲେଜ ଅଞ୍ଚଳରେ ମଧ୍ୟ ମୋବାଇଲ୍ ନେଟ୍‌ୱର୍କ ପ୍ରାୟ ଅଚଳ ହୋଇପଡ଼ିଛି। ଇଣ୍ଟରନେଟ୍ ସେବାର ଅବସ୍ଥା ଅତ୍ୟନ୍ତ ଦୟନୀୟ।ବର୍ତ୍ତମାନ ସେହି ଅଞ୍ଚଳରେ ଜେଏମ୍‌ଏଫ୍‌ସି କାର୍ଯ୍ୟାଳୟର କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ, ଏପରି ନେଟ୍‌ୱର୍କ ସମସ୍ୟା ଆଗାମୀ ଦିନରେ ଅଧିକ ଅସୁବିଧା ସୃଷ୍ଟି କରିବାର ଆଶଙ୍କା ରହିଛି। ଯଦିଓ ଏଠାରେ ବିଏସଏନଏଲ୍ ଓ ଏୟାରଟେଲ୍ ମୋବାଇଲ୍ ଟାୱାର ସ୍ଥାପିତ ହୋଇଛି, କିନ୍ତୁ ଭୌଗୋଳିକ ସ୍ଥିତି ହେତୁ ଅଧା କିଲୋମିଟର ପର୍ଯ୍ୟନ୍ତ ମଧ୍ୟ ସଠିକ୍ ନେଟ୍‌ୱର୍କ ପହଞ୍ଚି ପାରୁନାହିଁ। ଜିଲ୍ଲା ପ୍ରଶାସନ ସବୁ ଜାଣିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ନଦେବା ସାଧାରଣଲୋକଙ୍କ ମଧ୍ୟରେ ଭାରି ଅସନ୍ତୋଷ ସୃଷ୍ଟି କରିଛି।ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

### ବିକାଶ ଖୋଜୁଛି ରାମଭଜ ଗଳିରାସ୍ତା

# ମଟର ଲଗାଇ ପାଣି ନିଷ୍କାସନ କଲେ ଲୋକେ

**ସିନାପାଲି, ୨୮ ।୨(ସମିସ):** ସିନାପାଲି ବ୍ଲକ ସଦର ରାମଭଜ ଗଳିରାସ୍ତା ବର୍ଷବର୍ଷ ହେଲା ସୁଧୁରୁ ନଥିବା ବେଳେ ବର୍ତ୍ତମାନ କୃତ୍ରିମ ପୋଖରୀ ସାଜିଥିଲା ବେଳେ ସ୍ଥାନୀୟ



ଲୋକେ ଗଳିରାସ୍ତା ବଦଳରି ମଟର ସହାୟତାରେ ପାଣି ନିଷ୍କାସନ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ ଏହି ଗଳିରାସ୍ତା ବର୍ଷ ବର୍ଷ ହେଲା ଅବ୍ୟବସ୍ଥାରେ ରହିଥିବା ବେଳେ ଏଠାରେ ମଇଳା ପାଣି ଜମି ରହୁଛି। ସ୍ଥାନୀୟ ଲୋକେ ଓ ଯାତାୟାତ ଲୋକେ ପ୍ରତ୍ୟେକ ଦିନ ହଇରାଣ ହରକତ ହେଉଛନ୍ତି। କିନ୍ତୁ ପ୍ରଶାସନର ଦୃଷ୍ଟି ପଡୁନଥିବା ଲୋକେ ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି। ଗତ ବର୍ଷ ଏହିଭଳି ଅଧାରାସ୍ତା କଂକ୍ରିଟ କରଣ ରାସ୍ତା କାମ ଓ ଡ୍ରେନ କାମ ହୋଇଥିଲା। ହେଲେ ରାସ୍ତା କାମ ସମ୍ପୂର୍ଣ୍ଣ ନହେବାରୁ ପୁଣି ପାଣିଜମି ପୋଖରୀ ପାଲଟିଛି। ଯାହାଯୋଗୁଁ ସ୍ଥାନୀୟ ଲୋକେ ସମସ୍ୟା ନେଇ ଅତିଷ୍ଠ ହୋଇ ଗଲେଣି। ଏବେ ସମୟ ଏମିତି ହେଲାଣି ଯେ ମଟର ଲଗାଇ ରାସ୍ତା ପାଣି ନିଷ୍କାସନ କରୁଥିବା ଅବସ୍ଥକୁ ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଉଚିତ୍ ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହେଉଛି।

## ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଭବାନୀପାଟଣା, ୨୮ ।୨ (ସମିସ):** ଭବାନୀପାଟଣା-ରାୟଗଡ଼ା-୬ ନମ୍ବର ରାଜ୍ୟ ରାଜପଥର ଛତିକୁଡା- ଶାନ୍ତପୁର ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଭବାନୀପାଟଣାରୁ ପୋଖରୀବନ୍ଧ ପଟେ ଯାଉଥିବା ଏକ ଟ୍ରାକ୍ଟର ଧକ୍କାରେ ନର୍ଲା ଥାନା ବଡ଼ ଧାରପୁର ପଞ୍ଚାୟତ ଧୂକୁଟି ଗାଁର ବାଇକ୍ ଆରୋହୀ ସଞ୍ଜୟ ଦୋରା(୩୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଶବ ଜବତ କରିଛି।

## ଗୋଡାଲ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ସିନାପାଲି, ୨୮ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଶନିବାର ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି।ସିଆରସିସି ବିଭୁତି ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକ ଓ ଏଫଏଲଏନ୍ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ବାର୍ଷିକ ପରୀକ୍ଷା, ଯାଦୁ ପେଡ଼ି ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରଦୀପ କୁମାର ଯୋଷୀ, ଭରତ ଚନ୍ଦ୍ର ବାଗ, ଅୟୁବ ଖାଁ, ଶଶିଧର ଛୁରା, କେଶରମଣି ଜଗତ, ସୋନାଲୀ ସାମନ୍ତରାୟ, ସୁମିତ୍ରା ମେହେର, ସୁପ୍ରିୟା ସିଂ, ପ୍ରଶାନ୍ତ କୁମାର ଜଗତ, ଲିଙ୍ଗରାଜ ମେହେର, ଶିବପ୍ରସାଦ ମେହେର, ନବୀନ ବେହେରା, ବିଶ୍ୱମ୍ବର ମେହେର, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବୈଷ୍ଣବ ମେହେର, କିଶୋର ଚନ୍ଦ୍ର ମେହେର, ମମିତା ପଟ୍ଟଯୋଷୀ, ଉଗ୍ରେସନ ହଂସ, ଜେମା ବଗର୍ତ୍ତୀ, ଭୁମିସୂତା ଛତ୍ରିଆ, ମାଲା ହଂସ, ତୋଫାନ ମଶ୍ରା ପ୍ରମୁଖ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**ନୂଆପଡ଼ା, ୨୮ ।୨(ସମିସ):** ଖରିଆରରୋଡ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବୈଜ୍ଞାନିକ ସିଭି ରମଣଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଯୋଗ ଦେଇ ଆମ ଦେଶର ବୈଜ୍ଞାନିକଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଜ୍ଞାନ ସଂଯୋଜକ ହେମନ୍ତ କୁମାର ଭୋଇ ସମଗ୍ର ଶିକ୍ଷା ବିଜ୍ଞାନର ସକାରାରକ ଉପଯୋଗ ବିଷୟରେ ବର୍ଣ୍ଣନା କରିଥିଲେ। ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ଯୋଶୀ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ କୁଇଜ୍, ବକ୍ତୃତା, ପୋଷ୍ଟର ତିଆରି, ବୈଜ୍ଞାନିକ ନାମକରଣ, ବିଜ୍ଞାନ ସମ୍ବନ୍ଧୀୟ ପଦାବଳୀ ବର୍ଣ୍ଣନା, ବୈଜ୍ଞାନିକ ଶବ୍ଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁଶାନ୍ତ କୁମାର ଯୋଶୀ, ତେଜ ରାଜ ଚିନ୍ଦା, ସିଦ୍ଧାର୍ଥ ଦେୱାଙ୍ଗନ, ସୀମା କୁମାରୀ ରାୟ, ସଂଘମିତ୍ରା ଜେନା ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷକ ସିଦ୍ଧାର୍ଥ ଦେୱାଙ୍ଗନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱନାଥପୁରରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା

**ଲାଞ୍ଜିଗଡ଼, ୨୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବନାଞ୍ଚଳ ପକ୍ଷରୁ ବିଶ୍ୱନାଥପୁର ରେଞ୍ଜ ଅଫିସ କାର୍ଯ୍ୟାଳୟରେ ଏସିଏଫ୍ ତଥା ବିଶ୍ୱନାଥପୁର ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝିଙ୍କ ଅଧକ୍ଷତାରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା ସଭା ଏବଂ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିଶମ ଲିଡିଙ୍ଗ୍ ଫାୟାର ଫାଇଟର ଦେବରାଜ ସରକାର, ମୂଷାନାଳ ବନ ସୁରକ୍ଷା ସମିତି ସଭାପତି ମୀନକେତନ ପରିଛା ଉପସ୍ଥିତ ରହି ଜଙ୍ଗଲ ନିଆଁର କାରଣ ଓ ତାର ନିରାକରଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନରେଶ କୁମାର ଶବର, ଫାୟାର ଫାଇଟର ଶରତ ଚନ୍ଦ୍ର ବେହେରା, ମନୋଜ ଦଣ୍ଡିଆ, ସୁଧାଂଶୁ ଶେଖର ଦାସ, ଶିବ କିସନ ପ୍ରମୁଖ ଜଙ୍ଗଲରେ ନିଆଁ ଲାଗିଲେ କିପରି ତୁରନ୍ତ ଆୟତ କରାଯିବ ଏବଂ ବିଭିନ୍ନ ପ୍ରକାରର ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ଏଜେୱାଇ ଟିମ୍ ଲିଡର ନିରାକାର ଦାଶ ପରିଚାଳନା କରିଥିବା ବେଳେ ଫରେଷ୍ଟର ବିଶ୍ୱନାଥପୁର ସୁରେଶ ଚନ୍ଦ୍ର ରାଉତ, ଲାଞ୍ଜିଗଡ଼ ଫରେଷ୍ଟର ଧରଣୀଧର ପଣ୍ଡା, ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀ, ସିକେରକୁପା ଫରେଷ୍ଟର ଭାଗିରଥି ନାଏକ, ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବର, ଫରେଷ୍ଟର ଚିତ୍ତରଞ୍ଜନ ବେହେରା, ମହେଶ ମହାପାତ୍ର, ସୁନୀଲ କୁମାର ଦୁର୍ଗା, ଫରେଷ୍ଟ ଗାର୍ଡ ବବୁଲୁ ନାଏକ, ଜାହ୍ନବୀ ମୁଣ୍ଡା, ଲଳିତ ନାଏକ, କର୍ମଚାରୀ ବୁଦ୍ଧିଆ ବଗର୍ତ୍ତୀ, ଯୁବରାଜ ମାଝୀ, ଏଜେୱାଇ ଟିମ୍ ଲିଡର ଅମୁଲ୍ୟ ତ୍ରିପାଠୀ, ଡିଓ ଉଦିତ କୁମାର ନାଏକ, ତୁଳାରାମ ନିଆଲ, ସନ୍ତୋଷ ମାଝୀଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନରେ ସହଯୋଗ କରିଥିଲେ।

## କୁଷ୍ଠରୋଗ ସନ୍ଦେହ ବ୍ୟକ୍ତିଙ୍କ ପ୍ରାଥମିକ ପରୀକ୍ଷଣ କର୍ମଶାଳା




**ଭବାନୀପାଟଣା, ୨୮ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତ ସଭାଗୃହରେ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ସମିତି (କୁଷ୍ଠ ନିରାକରଣ ବିଭାଗ) ଓ ଲେପ୍ରା ସୋସାଇଟୀ (ସ୍ୱାଭିମାନ ପ୍ରକଳ୍ପ) ଙ୍କ ମିଳିତ ଆନୁକୂଲ୍ୟରେ କୁଷ୍ଠରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କୁ ପ୍ରାଥମିକ ପରୀକ୍ଷଣ ଏବଂ ନିଦାନ ଓ ଚିକିତ୍ସା ଲାଗି ସରକାରୀ ଡାକ୍ତରଖାନାକୁ ପ୍ରେରଣ ସମ୍ବନ୍ଧୀୟ କର୍ମଶାଳା ଟିପିଗୁଡା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହାତୀରାମ ଦୁର୍ଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ଧର୍ମଗଡ଼ ବ୍ଲକ ନୋଡାଲ୍ ଲେପ୍ରୋସି ୱର୍କର୍ ସୁଶାନ୍ତ କୁମାର ବେହେରା ଓ ଟିପିଗୁଡା ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ବିଷ୍ଣୁ ପ୍ରସାଦ ନାଏକ ଉପସ୍ଥିତ ରହି ଚବିଶ ଜଣ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କୁ କୁଷ୍ଠରୋଗର କାରଣ, ଲକ୍ଷଣ, ପ୍ରଭାବ ଓ ଚିକିତ୍ସା ତଥା ଏହାର ନିରାକରଣ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବୁଝାଇବା ସହ କୁଷ୍ଠରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ପ୍ରେରଣ କରିବା ଲାଗି ଅବଗତ କରିଥିଲେ।କର୍ମଶାଳାରେ ସରପଞ୍ଚ ହାତୀରାମ ଦୁର୍ଗା, କୁଷ୍ଠରୋଗପ୍ରତି ରହିଥିବା ଦୀର୍ଘ କାଳର ଅନ୍ଧ ବିଶ୍ୱାସ ଓ ଘୃଣାଭାବକୁ ଜନ ଜାଗରଣ ଓ ସ୍ୱାସ୍ଥ୍ୟ ସଚେତନ ଦ୍ୱାରା ହଟାଇ ଆମ ସମାଜକୁ ସମ୍ପୂର୍ଣ୍ଣ କୁଷ୍ଠ ମୁକ୍ତ କରିବା ପାଇଁ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜକ ଶିଶିର କୁମାର ସାବତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋଲି ସ୍ପେଶାଲ ଟ୍ରେନ୍‌ରେ କେସିଙ୍ଗା ଷ୍ଟପେଜ୍ ନାହିଁ

**କେସିଙ୍ଗା, ୨୮ ।୨(ସମିସ):** ଭାରତୀୟ ରେଳ ବିଭାଗ ଦ୍ୱାରା ସାରା ଭାରତରେ ଜାତୀୟ ପର୍ବ ହୋଲିକୁ ଆଖି ଆଗରେ ରଖି ବିଭିନ୍ନ ବଡ଼ବଡ଼ ସହରରୁ ଅନେକ ସ୍ପେଶାଲ ଟ୍ରେନ ଚଳାଚଳ ପାଇଁ ନିର୍ଦ୍ଧାରିତ ହୋଇଛି। ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। କାରଣ ଦେଶର କୋଣ ଅନୁକୋଣରେ ଥିବା ବିଭିନ୍ନ ସହରରେ ଅନ୍ୟ ରାଜ୍ୟର ଅନେକ ମଜୁରିଆ ହେଉ କିମ୍ବା ଚାକିରିଆ ହେଉ ସମସ୍ତେ କାମକରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ହୋଲି ପାଇଁ ବିଶାଖାପାଟଣାରୁ ପାଟନା ପର୍ଯ୍ୟନ୍ତ ଏକ ହୋଲି ସ୍ପେଶାଲ୍ ଟ୍ରେନ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ ଦେଇ ବିହାର ରାଜଧାନୀ ପାଟନା ପର୍ଯ୍ୟନ୍ତ ଯିବ ଯାହା ରାୟଗଡ଼ା କେସିଙ୍ଗା ସମ୍ବଲପୁର ହୋଇ ଚଳାଚଳ କରିବ ଯାହାର ଟ୍ରେନ ନଂ ୦୮୫୩୭ ଓ ୦୮୫୩୮ ବୋଲି ରେଳ ବିଭାଗ ପକ୍ଷରୁ ରୁଟ ଚାଟ ବାହାରିଛି। ଯାହା ଓଡ଼ିଶାର ୯ ଟି ଷ୍ଟେସନରେ ରହିବ କିନ୍ତୁ ରୁଟ୍ ଚାଟରେ କଳାହାଣ୍ଡି ଜିଲ୍ଲାର କୌଣସି ଷ୍ଟେସନରେ ରହିବ ନାହିଁ କିନ୍ତୁ ରାୟଗଡ଼ା ଜିଲ୍ଲାର ରାୟଗଡ଼ା ଓ ମୁନିଗୁଡ଼ା ଷ୍ଟେସନରେ ରହିବ।ଜିଲ୍ଲାର ପ୍ରମୁଖ ଷ୍ଟେସନ କେସିଙ୍ଗା ଷ୍ଟେସନରେ ମଧ୍ୟ ଗାଡ଼ି ରହିବ ନାହିଁ ସେଥିପାଇଁ ରେଳ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।କେସିଙ୍ଗା ରେଳ ଷ୍ଟେସନ ଇଷ୍ଟ କୋଷ୍ଟ ରେଲୱେ ର ସମ୍ବଲପୁର ଡିଭିଜନ ରେ ଟିକେଟ ବିକ୍ରି ପଇସା ସଂଗ୍ରହରେ ପ୍ରମୁଖ ଷ୍ଟେସନ ମଧ୍ୟରୁ ଗୋଟିଏ ହୋଇଥିବା ବେଳେ ହୋଲି ସ୍ପେଶିଆଲ ଟ୍ରେନର ରହଣି କେସିଙ୍ଗାରେ କାହିଁକି କରାଗଲା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେସିଙ୍ଗାରେ ହୋଲି ସ୍ପେଶିଆଲ ଟ୍ରେନର ଷ୍ଟପେଜ ଦେବା ପାଇଁ ଅଞ୍ଚଳର ରେଳଯାତ୍ରୀମାନେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପ୍ରତିଯୋଗିତା

**ଭବାନୀପାଟଣା, ୨୮ ।୨(ସମିସ):** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ ଏବଂ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ମେରା ଯୁବା ଭାରତ କଳାହାଣ୍ଡି ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପ୍ରତିଯୋଗିତା




ନୋଡାଲ ଅଧିକାରୀ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୧୪ ଜଣ ପ୍ରତିଯୋଗୀ (୧୮ ରୁ ୨୫ ବର୍ଷ ଯୁବକ ଯୁବତୀ) କାର୍ଯ୍ୟକ୍ରମ ପାଇଁ ପ୍ରାଥମିକସ୍ତରରେ ମେରା ଯୁବା ଭାରତ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିଥିବା ବେଳେ ଭାରତ ସରକାରଙ୍କ ନିୟମ ଅନୁଯାୟୀ ଜିଲ୍ଲାର ୯୧ ଜଣ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ଚୟନ କରାଯାଇଅଛି। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଉଦ୍‌ଘାଟନ କରିବା ସହିତ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କୁଳସଚିବ ଡକ୍ଟର ଗୁଣନିଧି ନାଏକ, ସମ୍ମାନିତ ଅତିଥିରୂପେ ଉପକୁଳ ସଚିବ ମେଜର ଡ.ଜୟଦେବ ସାହୁ, ଜିଲ୍ଲା ଯୁବ ଅଧିକାରୀ, ମେରା ଯୁବା ଭାରତ, କଳାହାଣ୍ଡି, ପ୍ରସନ ମେହେର, ମିସ୍ ଚସମିତ୍ କୌର (ୟୁଥ ଆଇକନ) ପ୍ରମୁଖ ଯୋଗଦାନ କରିଥିଲେ। ଡ. ଚିତ୍ତରଞ୍ଜନ ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୟନ୍ତ କୁମାର ଦନସନା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. କୈଳାଶ ଚନ୍ଦ୍ର ଦାଶ, ଡ.ଏସ ପ୍ରିୟା, ପରମେଶ୍ୱର ମୁଣ୍ଡ, ଡ. ପ୍ରିୟ ରଞ୍ଜନ ବେହେରା, ମିସ୍ ରୋଜ୍ ମେରୀ ରଶ୍ମିତା ଏକ୍କା, ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶାଶ୍ୱତ ଦାନୀ, ଦୀପକ କୁମାର ବେହେରା, ଅଭିଷେକ, ବିଶ୍ୱ, ଅମିତ, ଲୋହିତ, ଲୋପାମୁଦ୍ରା, ଜ୍ୟୋତି, ଅର୍ଚ୍ଚନା, ସିପ୍ରା, ସୁହାନି, ବିଭୁତି, ତରୁଣ ଓ ଗଙ୍ଗୋତ୍ରି ପ୍ରମୁଖ ସହଯୋଗ କରିଥିଲେ।କାର୍ଯ୍ୟକ୍ରମରେ ବିକଶିତ ଭାରତ ଯୁବା କନେକ୍ଟ, ଅତିରିକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ମିସ୍ ଚସମିତ୍ କୌର (ୟୁଥ ଆଇକନ) ତାଙ୍କର ବିକଶିତ ଭାରତ ୨୦୪୭ ଉପରେ ଉପସ୍ଥାପନା କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ପାଞ୍ଚ କୃତୀ ପ୍ରତିଯୋଗୀ ସୁହାନି ନାଏକ, ସ୍ମୃତି ରଥ, ଆରାଧ୍ୟା ନାୟକ, ଝାନସୀ ମିଶ୍ର ଏବଂ ଜି ଝିକଲ ଦିଗଲ ପ୍ରମୁଖ ଆସନ୍ତା ମାର୍ଚ୍ଚ ମାସରେ ବିଧାନ ସଭା ପରିସରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶେଷରେ ଜୟନ୍ତ କୁମାର ଦନସନା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଃସାହାସିକ ଜଳକ୍ରୀଡ଼ା ତାଲିମ ନେଲେ ୨ ଛାତ୍ରଛାତ୍ରୀ



**ନୂଆପଡ଼ା/କୋମନା, ୨୮ ।୨(ସମିସ):** କଟକ ମହାନଦୀରେ ଆୟୋଜିତ ହୋଇ ଯାଇଛି ୪ଦିନିଆ ଦୁଃସାହାସିକ ଜଳକ୍ରୀଡା ତାଲିମ ଶିବିର। ଶିବିରରେ ରାଜ୍ୟର ୪ଟି ଜିଲ୍ଲାର ୩ ଗୋଟି ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ। ନୂଆପଡ଼ା ଜିଲ୍ଲା କୋମନା ପଞ୍ଚାୟତ ସମିତି ଡିଗ୍ରୀ କଲେଜରୁ ୩ ଜଣ ଛାତ୍ର ଛାତ୍ରୀ ଜସ୍ମିନ ସାହୁ, ହିମାଦ୍ରି ଶବର ଓ ପଦ୍ମନ ଜଗତ ସହ ଜଣେ ଅଧ୍ୟାପିକା ନଳିନୀ ସା ଯୋଗଦାନ କରିଥିଲେ।୪ ଦିନିଆ ଶିବିରରେ ନୌକା ଚାଳନା, ସ୍କୁବା ଡ୍ରାଇଭର ଆଦି ଦୁଃସାହାସିକ ଜଳକ୍ରୀଡା




ସମ୍ପର୍କରେ ତାଲିମ ପ୍ରଦାନ କରା ଯାଇଥିଲା। ତାଲିମ ସାରି କଲେଜ ଫେରିବା ପରେ ଛାତ୍ରଛାତ୍ରୀ ଓ ଅଧ୍ୟାପିକାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ।

## ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ସତସଙ୍ଗ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭବାନୀପାଟଣା, ୨୮ ।୨(ସମିସ):** ସ୍ଥାନୀୟ ଟାଉନ ହଲରେ ସ୍ୱାମୀ ମୁକୁନ୍ଦାନନ୍ଦଜୀ ମହାରାଜଙ୍କ ଲାଇଫ ଟ୍ରାନ୍ସମେସନର ଦୁଇ ଦିନିଆ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀ ମୁକୁନ୍ଦାନନ୍ଦ, କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତ ଅଧିକାରୀ ବିବେକା ନନ୍ଦ ମହାନନ୍ଦ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ସାନମାନିୟ ଅତିଥି ଭାବେ ଯୋଗଦେଇ ଥିଲେ। ଆଧ୍ୟାତ୍ମିକ ଜ୍ଞାନ ଜୀବନରେ ସଫଳତା ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ ବୋଲି ସ୍ୱାମୀଜୀ ବୁଝାଇଥିଲେ। ସ୍ୱାମୀଜୀ ଜଗଦଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କର ଏକ ବରିଷ୍ଠ ପ୍ରଚାରକ ଅଟନ୍ତି। ସନାତନ ଧର୍ମର ପ୍ରକୃତ ଅର୍ଥ ସାଧାରଣ ଜୀବନରେ ତାଙ୍କ ଆବଶ୍ୟକତା, ଶାନ୍ତି ଓ ସୁଖମୟ ଜୀବନଯାପନ କରିବା ପାଇଁ ଆଧ୍ୟାତ୍ମିକ ମାର୍ଗର ଉପାଦାୟତା ଉପରେ ସ୍ୱାମୀଜୀ ଆଲୋକପାତ କରିଥିଲେ। ସ୍ୱାମୀଜୀ ବର୍ଷର ପ୍ରାୟ ୭ ମାସ ସେ ବାହାରେ ରହି ସନାତନ ଧର୍ମର ପ୍ରଚାର କରି ଚାଲିଛନ୍ତି। ଆଜିର ପ୍ରବଚନରେ ସ୍ୱାମୀଜୀ ସ୍ୱଲିଖିତ 'ଇସାବାଷ୍ୟ ଉପନିଷଦ' ଓ 'ନାରଦ ଭକ୍ତି ସୂତ୍ର'ଭଳି ଦୁଇଟି ଉପାଦେୟ ପୁସ୍ତକ ଉନ୍ମୋଚନ କରିଥିଲେ। ଆଧୁନିକ ଯୁଗର ଆବଶ୍ୟକତା ତଥା ଯୁବ ସମାଜକୁ ଏହି ମାର୍ଗରେ ଅନୁପ୍ରାଣିତ କରିବା ପାଇଁ ସ୍ୱାମୀଜୀ ବହୁ ଅନଲାଇନ କାର୍ଯ୍ୟକ୍ରମ ମାଧ୍ୟମରେ ବି ପ୍ରଚାର କରିଥାନ୍ତି। ଟାଉନ ହଲରେ ପ୍ରବଚନ କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁ ସ୍ୱାମୀଜୀଙ୍କ ପ୍ରବଚନ ଶ୍ରବଣ କରିଥିଲେ। ରାଧା ଗୋବିନ୍ଦ



ଧାମର ସଭାପତି ଅଜୟ ମାଥୁର, ସମ୍ପାଦକ ଧର୍ମେନ୍ଦ୍ର ପ୍ରଧାନ, ଯୁଗ୍ମ ସଚିବ କାନ୍ଦର୍ପ ସାହୁ, କୋଷାଧ୍ୟ କୁରୁକ୍ଷେତ୍ର ବାଗ ଓ କମିଟି ମେମ୍ବର ଲିଙ୍ଗରାଜ ପ୍ରଧାନ, ଦିଲ୍ଲୀପ ପ୍ରହରାଜ, ଚିନ୍ମୟ ଗୌଡ଼ ଏବଂ ସମସ୍ତ ରାଧା ଗୋବିନ୍ଦ ଧାମର ସତସଙ୍ଗ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଥୁଆମୂଳରାମପୁର, ୨୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ବ୍ଲକସଦର ମହକୁମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତପିମଣୀ ଜାନୀ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସ୍ଥାନୀୟ ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂଘର ନୂତନ ସଭାପତି ପଦ୍ମ ଲୋଚନ ନାଏକ, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ପଧାନ, ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ, କୋଷାଧ୍ୟକ୍ଷ ତପନ କୁମାର ବେହେରା, ନୋଡାଲ ସିଆର୍‌ସିସି ସୁନାଧର ମାଝୀ, କୋର୍ କମିଟି ସଦସ୍ୟ ରାମେଶ୍ୱର ନାଏକ ଓ ସୁବାଷ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ବ୍ଲକ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ସୁରେଶ ନାଏକ, ନାଗେଶ୍ୱର ନାଏକ, ଚୈତନ୍ୟ ନାଏକ, ସଭାନେତ୍ରୀ ଶିକ୍ଷୟିତ୍ରୀ ସୁକାନ୍ତି ନାଏକ, ସହ ସମ୍ପାଦିକା ଅନ୍ନପୂର୍ଣ୍ଣା ନାଏକ, ସହସମ୍ପାଦକ ଭବାନୀ ଶଙ୍କର ଗହୀର, ସଂଗ୍ରାମ କେଶରୀ ବେହେରା, କୋଷାଧକ୍ଷ ମାଧବ ଚରଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ମଣ୍ଡଳୀରୁ ପ୍ରଫୁଲ୍ଲ କୁମାର ମୁଣ୍ଡଛିନା, ଗଣେଶ୍ୱର ନାଏକ, ଭଜମନ ବାଗ, ଯଦୁମଣୀ ନାଏକ ଓ ଗଜେନ୍ଦ୍ର ମାଝୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶିକ୍ଷକ ରଶ୍ମିରଞ୍ଜନ ପଟ୍ଟନାୟକ କରିଥିଲେ।

### ମାଛ ଧରିବାକୁ ଯାଇଥିବା ବେଳେ ଜଣେ ନିଖୋଜ

# ଇନ୍ଦ୍ରାବତୀରେ ଓଲଟିଲା ଦେଶୀ ଡ଼ଙ୍ଗା



**ଥୁଆମୂଳରାମପୁର, ୨୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାର ନିକଟରେ ନୌକା ଅଘଟଣ ଘଟିଛି। ଶନିବାର ବ୍ରାହ୍ମଣୀଚଞ୍ଚରା ଗ୍ରାମର ହର ବେହେରୁକ, ରବି ପୁଝାରୀ ଓ ଚନ୍ଦ୍ର ବେହେରା ମାଛଧରା ଦେଶୀ ଡଙ୍ଗାରେ ମାଛ ଧରିବାକୁ ଜଳଭଣ୍ଡାର ଭିତରକୁ ପ୍ରବେଶ କରିଥିଲେ।ସୂଚନା ଅନୁସାରେ, କୂଳ ଠାରୁ ପ୍ରାୟ ୪ କିଲୋମିଟର ଦୂରେ ଜଳଭଣ୍ଡାରର ମଝିଭାଗରେ ଥିବା ସମୟରେ ହଠାତ୍ ଡଙ୍ଗାଟି ଅସନ୍ତୁଳିତ ହୋଇ ଓଲଟି ପଡ଼ିଥିଲା। ଅଘଟଣ ପରେ ରବି ପୂଝାରୀ ଓ ଚନ୍ଦ୍ର ବେହେରା ଦୀର୍ଘ ସମୟ ପହଁରି ପହଁରି କୂଳକୁ ପହଞ୍ଚିଥିବା ବେଳେ ହର ବେହେରୁକ ନିଖୋଜ ରହିଛନ୍ତି। ଘଟଣାସମ୍ପର୍କରେ ଖବର ପାଇ ଥୁଆମୂଳରାମପୁର ପୁଲିସ, ଅତିରିକ୍ତ ତହସିଲଦାର ଏବଂ ଅଗ୍ନିଶମ ବାହିନୀର ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। କିନ୍ତୁ ଜଳଭଣ୍ଡାରର ଅଧିକ ଗଭୀରତା ଓ ବିସ୍ତୃତ ଜଳରାଶି ହେତୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ସଂଧ୍ୟା ହେବା ସହ ଆଲୋକ ଅଭାବ ହେତୁ ଆଜିର ଉଦ୍ଧାର କାର୍ଯ୍ୟ ସ୍ଥଗିତ କରାଯାଇଛି। ରବିବାର ସକାଳେ ପୁଣି ଖୋଜାଖୋଜି ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ନିଖୋଜ ମାଛଧରାଙ୍କ ପରିବାର ମଧ୍ୟରେ ଶୋକ ଓ ଉତ୍କଣ୍ଠାର ପରିବେଶ ସୃଷ୍ଟି ହୋଇଛି।

## ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**କୋକସରା, ୨୮ ।୨ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଚିଲିଗୁଡାଠାରେ ଦୋଳ ପୂର୍ଣ୍ଣିମା ଅବସରରେ ରାଧାକୃଷ୍ଣ ଯାଦବ ସମାଜ ପକ୍ଷରୁ ହେବାକୁ ଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଲାଗି ଶୁକ୍ରବାର କଳସଯାତ୍ରା ଓ ଅଧିବାବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ପୂଜାମଣ୍ଡପରୁ ଶତାଧିକ ମହିଳା କଳସଯାତ୍ରାରେ ବାହାରି ମୁଟୁରା ନଦୀରୁ ଜଳପୂର୍ଣ୍ଣ କଳସୀ ଧାରଣ କରି ଶୋଭାଯାତ୍ରାରେ ଆସି ପୂଜାମଣ୍ଡପରେ କଳସ ସ୍ଥାପନ କରିଥିଲେ। ଷୋହଳ ପ୍ରହର ନାମଯଜ୍ଞର ପୂଜାକର୍ତ୍ତା ଲାଗି ସୁରେଶ ତାଣ୍ଡି ଓ ସପତ୍ନୀକ ମଦନା ତାଣ୍ଡି ଦାୟିତ୍ୱ ନିର୍ବାହ କରୁଛନ୍ତି। ଷୋହଳ ପ୍ରହର ନାମଯଜ୍ଞରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ସଂକୀର୍ତ୍ତନ ଗାୟିକା ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ, ରଞ୍ଜିତା ପୋଢ଼, ଛତିଶଗଡ଼ ରାଜ୍ୟର ଗାୟକ ନିଲୁ ଧଙ୍ଗଡ଼ାମାଝୀ, ଅଚ୍ୟୁତାନନ୍ଦ ଶତପଥୀ, ଅରୁଣ ଗହୀର, ନୃସିଂହ ବାଗ, ଜୟରାମ ଶବର, ସୁଧୀର ବେମାଲ ପ୍ରମୁଖ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହେବେ। ସୋମବାର ସକାଳେ ସମାପନ ହେବାକୁ ଥିବା ବେଳେ ଦହିହାଣ୍ଡି ଭଞ୍ଜନ ସହ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।


### ବେଲଗାଁ-କନ୍ଦଉଲବା ରାସ୍ତା ନିମ୍ନମାନର

## ହାତ ମାରିଲେ ଉଠିଯାଉଛି ପିଚୁ

ସଇଁତଲା,୨୮ ।୨(ସମିସ): ବଲାଙ୍ଗୀର ଜିଲ୍ଲାର ସଇଁତଲା ବ୍ଲକ୍ ବେଲଗାଁଠାରୁ କନ୍ଦଉଲବା ଜୋର ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପିଚୁ ରାସ୍ତାକୁ ନେଇ ଗାଁ ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି। ପ୍ରାୟ ୭ କିଲୋମିଟର ଦୈର୍ଘ୍ୟର ଏହି ରାସ୍ତା ପାଇଁ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ନିର୍ଦ୍ଧାରିତ ହୋଇଥିବା ବେଳେ କାମର ଗୁଣମାନକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗାଁଲୋକଙ୍କ କହିବା ଅନୁସାରେ, ରାସ୍ତାରେ ଠିକ ଭାବେ ପିଚୁ ପଡି ନ ଥିବାରୁ ହାତ ମାରିଲେ ମଧ୍ୟ ପିଚୁ ଉଠିଯାଉଛି। ଏହା ନିମ୍ନମାନର କାମର ସ୍ପଷ୍ଟ ପ୍ରମାଣ ବୋଲି ସେମାନେ ଅଭିଯୋଗ କରିଛନ୍ତି। କାମ ଆରମ୍ଭ ହେବାରୁ ଏପର୍ଯ୍ୟନ୍ତ କୌଣସି ସୂଚନା ଫଳକ ଲଗାଯାଇନାହିଁ। କେତେ ଟଙ୍କା ମଞ୍ଜୁର ହୋଇଛି, କେଉଁ ବିଭାଗ ଦ୍ୱାରା କାମ ହେଉଛି, କିଏ ଠିକାଦାର, କେତେ ଦିନ ମଧ୍ୟରେ କାମ ସମାପ୍ତ ହେବ ଏହି ସବୁ ତଥ୍ୟ ସ୍ପଷ୍ଟ କରାଯାଇ ନ ଥିବାରୁ ସନ୍ଦେହ ବଢ଼ିଛି। ସରକାରୀ ନିୟମ ଅନୁସାରେ ଯେକୌଣସି ଉନ୍ନୟନମୂଳକ କାମରେ ସୂଚନା ଫଳକ ଲଗାଇବା ଆବଶ୍ୟକ; କିନ୍ତୁ ଏଠାରେ ସେହି ନିୟମକୁ ଅନୁସରଣ କରାଯାଇନଥିବାରୁ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଭଲ ଭାବରେ ରୋଲର ଚଳାଇବା ଓ ଉଚିତ ପରିମାଣରେ ପିଚୁ ବ୍ୟବହାର କରିବା ଭଳି ପ୍ରକ୍ରିୟାକୁ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଏହା ଫଳରେ ରାସ୍ତାରୁ ସହଜରେ ପିଚୁ ଉଠି ଯାଉଛି। କେତେକ ସ୍ଥାନରେ ପଥର ବାହାରକୁ ଦେଖାଯାଉଛି। ଏହା ଦୀର୍ଘସ୍ଥାୟୀ ହେବନାହିଁ ବୋଲି ଲୋକମାନେ ଆଶଙ୍କା କରୁଛନ୍ତି। ଏତେ ବଡ଼ ରାଶିର ଟଙ୍କା ଖର୍ଚ୍ଚ ହେଉଥିବା ସତ୍ତ୍ୱେ କାମର ଏପରି ଅବସ୍ଥା ଦେଖି ଲୋକମାନେ ଦୁର୍ନୀତିର ଗନ୍ଧ ପାଉଛନ୍ତି ବୋଲି ଆଲୋଚନା ହେଉଛି। ୭ କିଲୋମିଟର ରାସ୍ତା ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଗୁଣମାନ ନ ଥିବା ଦୃଷ୍ଟିରେ ଟଙ୍କାର ଦୁରୁପଯୋଗ ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଏହି ରାସ୍ତା ଅଞ୍ଚଳର ପ୍ରମୁଖ ଯାତାୟାତ ସଂଯୋଗ ହେବାରୁ ଏହାର ଗୁଣବତ୍ତା ଉଚ୍ଚ ହେବା ଆବଶ୍ୟକ ବୋଲି ଗାଁ ଲୋକେ କହିଛନ୍ତି। ଛାତ୍ରଛାତ୍ରୀ, ଚାଷୀ ଓ ଦୈନନ୍ଦିନ ଯାତ୍ରୀମାନେ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ନିମ୍ନମାନର କାମ ଭବିଷ୍ୟତରେ ଦୁର୍ଘଟଣାର କାରଣ ହେବା ଆଶଙ୍କା ରହିଛି। ଏନେଇ ବିଭାଗୀୟ ଯନ୍ତ୍ରୀ ତୃପ୍ତି ଜେନାଙ୍କୁ ପଚାରିବାରୁ ଗାଁ ଲୋକେ ଅଭିଯୋଗ କଲେ କ'ଣ ହେବ କାମ ଠିକ ଥିବା କହିଛନ୍ତି। ଅନ୍ୟପକ୍ଷେ ଯଦି ଶୀଘ୍ର ଏହାର ସମାଧାନ ନ ହୁଏ ତେବେ ଗାଁଲୋକ ଆନ୍ଦୋଳନର ପଥ ଅବଲମ୍ବନ କରିବେ ବୋଲି ସ୍ଥାନୀୟ ସମିତି ସଭ୍ୟ ଉମାକାନ୍ତ ରଣା, ପବିତ୍ର ସାହୁ, ଶାନ୍ତନୁ ରଣା, ରଞ୍ଜନ ରଣା, ବିଶି ରଣା ପ୍ରମୁଖ ଚେତାବନୀ ଦେଇଛନ୍ତି।



## ପୂର୍ବତନ ସରପଞ୍ଚଙ୍କ ପରଲୋକ



ବଲାଙ୍ଗିର,୨୮ ।୨(ସମିସ): ପୁଇଁନ୍ତଲା ବ୍ଲକ ପିପିର୍ଡା ପଞ୍ଚାୟତ ପିପିର୍ଡା ଗାଁର ବିଶିଷ୍ଟ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ନୃପରାଜ ବାବୁଙ୍କ ପରଲୋକ ହୋଇଯାଇଛି। ସେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଏକାନ୍ତ ଅନୁଗତ ଥିଲେ। ଅଞ୍ଚଳରେ ତାଙ୍କ ବେଶ୍ ଖ୍ୟାତି ଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



କଣ୍ଟାବାଞ୍ଜି,୨୮ ।୨(ସମିସ): କଣ୍ଟାବାଞ୍ଜି ଅଶୋକ ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ମାସ ମାସିକ କ୍ଲଷ୍ଟର୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅଶୋକନଗର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟ ବତୀ ଧରୁଆ ଧନ୍ୟବାଦ ଦେଇଥିଲେ।

ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ସ୍ୱର୍ଣ୍ଣପ୍ରଭା ଦାସ, ନିରୁପମା ମିଶ୍ର, ସବିତା ରଣା, ଅଞ୍ଜଳି ମାଝୀ, କୁସୁମ୍ ମଞ୍ଜରୀ ନାଗ, ସୁଭାଷିନୀ ମେହେର, ସବିତା ରଣା, ଯଶୋଦା ବିଡିକା, ଭାରତୀ ସାହୁ, ସୁଜାତା ସାହୁ, ସୁନନ୍ଦା ପୁରୋହିତ, ମୁକ୍ତା ବେଜ, ଭାରତୀ ଦାସ, ଶିବାନୀ ନାଗ, ଶିକ୍ଷକ ଜାନକୀ ରାମ ସାମବେଦମ୍, ଲଳିତ ବିଶି, ମନୋଜ ମଲ୍ଲିକ, ନମିତା ପାଣିଗ୍ରାହୀ ପ୍ରମୁକ ଉପସ୍ଥିତ ଥିଲେ।

# ଅଧାରେ ଅଟକି ଯାଉଛି ଆବାସ

ବଲାଙ୍ଗିର,୨୮ ।୨(ସମିସ)

- ପିଏମଏୱାଇ- ଜି/ବିପିଜିୱାଇରେ ସଫଳତା ହାର ମାତ୍ର ୩୯.୪୩ ପ୍ରତିଶତ
- ଅନ୍ତୋଦୟ ଗୃହ ଯୋଜନାରେ ସଫଳତା ହାର ମାତ୍ର ୩୪.୮୫ ପ୍ରତିଶତ
- ଗୋଟିଏ, ଦୁଇଟି କିସ୍ତି ପାଇବା ପରେ ଘର ଆଗକୁ ବଢୁନି

ଗରିବ ଅସହାୟ ମାନଙ୍କ ମୁଣ୍ଡ ଉପରେ ଛାତ ପାଇଁ ଉଭୟ ରାଜ୍ୟ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଯୋଜନା ରହିଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନା, ବର୍ତ୍ତମାନ ଅନ୍ତ୍ୟୋଦୟ ଗୃହ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ତେବେ ଏହି ଯୋଜନା କାର୍ଯ୍ୟକାରିତାରେ ବଲାଙ୍ଗିର ଜିଲ୍ଲାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। କିଛି ଦିନ ପୂର୍ବରୁ ଆଗଲପୁର ଓ ପାଟଣାଗଡ ବ୍ଲକରୁ ଏହି ଯୋଜନକୁ ଶତ ପ୍ରତିଶତ ସଫଳ କରିବା ପାଇଁ କିଭଳି ଭାବେ ବିଡିଓମାନେ ହିତାଧିକାରୀଙ୍କୁ ସରକାରୀ ଯୋଜନା ସହାୟତା ବନ୍ଦ କରିବା ପାଇଁ ଯୋଜନା କରିଥିଲେ ତାହା ଦେଖିବାକୁ ମିଳିଥିଲା। ତେବେ ଲୋକଙ୍କ ସମସ୍ୟା କଣ ରହିଛି, କାହିଁକି ସରକାରୀ ଟଙ୍କା ମିଳିବା ସତ୍ତ୍ୱେ ଘର ତୋଳି ପାରୁନାହାନ୍ତି ସେନେଇ ଅଧିକାରୀମାନେ ଯାଞ୍ଚ କରିବା ବଦଳରେ କାର୍ଯ୍ୟାଦେଶ ଦେଇ ନୀରବ ରହୁଥିବା ଦେଖିବାକୁ ମିଳିଛି। ଏହାଫଳରେ ହିତାଧିକାରୀ ଠିକ୍ ଭାବେ ଘର ତୋଳି ନ ନପାରି ପକାଇ ରଖୁଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ଆଉ ମାସେ ପରେ ସରିବ; କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ କେବଳ ୩୪.୮୫ ପ୍ରତିଶତ ଅନ୍ତୋଦୟ ଗୃହ ଯୋଜନା ସଂପୁର୍ଣ୍ଣ ହୋଇଛି। ପୁରୁଣା ଯୋଜନାର ସଂପୂର୍ଣ୍ଣତା ହାର ମଧ୍ୟ ନିରାଶାଜନକ ରହିଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଦଳରେ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନାରେ ବଲାଙ୍ଗିର ଜିଲ୍ଲାରେ ୭୧୪୪ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭୦୩୪ ଜଣ ହିତାଧିକାରୀଙ୍କୁ ଘର ତୋଳିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ତେବେ ବିଭାଗୀୟ ସୂଚନା ଅନୁସାରେ ଏହି ୭୦୩୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୪୯୦ ଜଣ ହିତାଧିକାରୀ ଘର ସଂପୂର୍ଣ୍ଣ କରିସାରିଛନ୍ତି। ତେବେ ଘର ପାଇଥିବା ହିତାଧିକାରୀଙ୍କ ମଧ୍ୟରେ ୬୮୫୭ ଜଣ ପ୍ରଥମ କିସ୍ତି ପାଇଥିବା ବେଳେ ୪୧୦୯ ଜଣ ଦ୍ୱିତୀୟ କିସ୍ତି ପାଇଛନ୍ତି। ସେହିପରି ମାତ୍ର ୧୯୨୦ ଜଣ ହିତାଧିକାରୀ ତୃତୀୟ କିସ୍ତି ପାଇଥିବା ବେଳେ ୧୮୯ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ସମସ୍ୟା ଯୋଗୁ ସଂପୂର୍ଣ୍ଣ ହୋଇ ନ ଥିବା ଜଣାପଡିଛି। ତେବେ ବଲାଙ୍ଗିର ଜିଲ୍ଲାର ମାତ୍ର ୩୪.୮୫ ପ୍ରତିଶତ ସଫଳତା ହାର ରହିଥିବା ବେଳେ ଆଉ କିଛି ଦିନ ପରେ ଚଳିତ ଆର୍ଥିକ ବର୍ଷ ସଂପୂର୍ଣ୍ଣ ହେବାକୁ ଯାଉଛି। ତେବେ ଶତ ପ୍ରତିଶତ ସଫଳତା ହାର ରହିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। କେବଳ ଅନ୍ତଦୋୟ ଯୋଜନା କାହିଁକି ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନାରେ ମଧ୍ୟ ଜିଲ୍ଲାର ଯେତେ ହିତାଧିକାରୀଙ୍କୁ ସାମିଲ କରି ସହାୟତା ପ୍ରଦାନ କରାଯାଇଥିଲା ସେମାନେ ମଧ୍ୟ ଘର ସଂପୂର୍ଣ୍ଣ କରିପାରି ନ ଥିବା ଜଣାପଡିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସଂପୂର୍ଣ୍ଣ ହୋଇ ନ ଥିବା ୧୪୯୪୧ ଘର ସଂପୂର୍ଣ୍ଣ କରିବା ପାଇଁ ପ୍ରଶାସନ ଟାର୍ଗେଟ ନେଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬୨୧୮ ପ୍ରଧାନମନ୍ତ୍ରୀ ଆବାସ-ଗ୍ରାମୀଣ ଯୋଜନା ଘର ସଂପୂର୍ଣ୍ଣ ହୋଇପାରିଛି। ସେହିପରି ୮୭୬ ବିଜୁ ପକ୍କା ଘର ଯୋଜନା ସଂପୂର୍ଣ୍ଣ କରିବା ପାଇଁ ଟାର୍ଗେଟ ନିଆଯାଇଥିବା ବେଳେ ମାତ୍ର ୧୮ ଘର ହିଁ ସଂପୂର୍ଣ୍ଣ ହୋଇପାରିଛି। ଏବେବି ୯୫୧୮ ପ୍ରଧାନମନ୍ତ୍ରୀ ଆବାସ-ଗ୍ରାମୀଣ ଓ ବିଜୁ ପକ୍କା ଘର ସଂପୂର୍ଣ୍ଣ ନ ହୋଇ ପଡିରହିଛି। ଏଥିରେ ମଧ୍ୟ ଜିଲ୍ଲାର ପ୍ରଦର୍ଶନ ହାର ମାତ୍ର ୩୯.୪୩ ରହିଥିବା ଜଣାପଡିଛି।

ତେବେ ଏହି ଦୁଇ ପରିସଂଖ୍ୟାନ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହେଉଛି ଯେ ହିତାଧିକାରୀମାନେ ସାମିଲ ହୋଇ କାର୍ଯ୍ୟାଦେଶ ନେଇ ଘର ଆରମ୍ଭ କରୁଛନ୍ତି। ଗୋଟିଏ ଦୁଇଟି କିସ୍ତି ପାଇଯିବା ପରେ ଆଉ ଘର ତୋଳିବାକୁ ଅନେକ ଆର୍ଥିକ ସମସ୍ୟା ଯୋଗୁଁ ସାହସ ଜୁଟାଇପାରୁ ନ ଥିବା ବେଳେ ଆଉ ଅନେକ କିଛି ସରକାରୀ ଟଙ୍କା ଚଳୁ କରିବା ଉଦ୍ଦେଶ୍ୟ ନେଇ ଘର ନିର୍ମାଣ ଅଧାରେ ଛାଡିଦେଉଛନ୍ତି। ଏମିତିରେ ସରକାର ଯେଉଁ ଲକ୍ଷ୍ୟ ନେଇ ଏହି ଯୋଜନା କାର୍ଯ୍ୟକାରୀ କରୁଛନ୍ତି ତାହାର ସଫଳ ରୂପାୟନରେ ବାଧକ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏହି ହିତାଧିକାରୀମାନଙ୍କ ମଧ୍ୟରେ ଏମିତି କିଛି ଅଯୋଗ୍ୟ ହିତାଧିକାରୀ ରହିଛନ୍ତି ଯେଉଁମାନଙ୍କ ପାଖରେ ଘର ଅଛି; କିନ୍ତୁ ପୁଣି ଥରେ ଯୋଜନାରେ ସାମିଲ ହୋଇ ସରକାରୀ ଟଙ୍କା ହଡପ କରୁଛନ୍ତି।

ଏହା ସହିତ ଆଉ କିଛି ଏମିତି ହିତାଧିକାରୀ ଅଛନ୍ତି ଯେଉଁମାନଙ୍କ ଘର ତୋଳିବା ପାଇଁ ଅର୍ଥ କମ୍ ପଡୁଛି। ତେବେ ନିହାତି ଭାବେ ଯୋଜନା କାର୍ଯ୍ୟକାରିତାରେ କିଛିଟା ସମସ୍ୟା ରହିଛି ଯାହାକୁ ଅଧିକାରୀମାନେ ଅନୁଶୀଳନ କରି ତାହାର ସମାଧାନ କରିବାର ଆବଶ୍ୟକତା ରହିଛି।

## ଚାରପାଣିରେ ନାମଯଜ୍ଞ ପାଇଁ କଳସଯାତ୍ରା



କଣ୍ଟାବାଞ୍ଜି,୨୮ ।୨(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ବଡ଼ବାଙ୍କି ପଞ୍ଚାୟତ ଚାରପାଣି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶନିବାର ସନ୍ଧ୍ୟାରେ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଙ୍କୀର୍ତ୍ତନ ସହ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ଥିଲେ। ଗାଁ ପୋଖରୀରୁ ପାଣି ଆଣି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। କର୍ତ୍ତା ରୂପେ ବେଣୁଧର ନିଆଲ ଓ ତାଙ୍କ ପତ୍ନୀ ବିଳାସିନୀ ନିଆଲ, ପୂଜକ ଭାବେ ସୀତାରାମ ମିଶ୍ର ଓ ଟୁନା ମିଶ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି। ରବିବାର ସକାଳ ୮ଟା ୩୦ରେ ନାମଯଜ୍ଞ ଆରମ୍ଭ ହେବ।

### ଭୂଷଲାଡ ପଞ୍ଚାୟତ ଦୁର୍ନୀତି ଗନ୍ତାଘର

## ମୋରମ ଛିଞ୍ଚିଦେଇ ସରକାରୀ ଟଙ୍କା ଲୁଟ୍



କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା,୨୮ ।୨(ସମିସ): ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡା ବ୍ଲକ ସବୁବେଳେ ଚର୍ଚ୍ଚାରେ ରହି ଆସୁଛି। ଅତୀତରେ ଏଠାରେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇ ଆସିଛି। ଭିଜିଲାନ୍ସର ତଦନ୍ତ ପରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧ୍ୟ ଜେଲ୍ ଯାଇଛନ୍ତି। ଏବେ ଭୂଷଲାଡ ପଞ୍ଚାୟତ ଦୁର୍ନୀତି ଗନ୍ତାଘର ପାଲଟିଛି। ଭୂଷଲାଡଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ପାଣ୍ଠିରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି; ହେଲେ ରାସ୍ତାରେ ଅଳ୍ପ କିଛି ମେଟାଲ, ମୋରମ ପକାଇ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁସାରେ ଯେକୌଣସି ରାସ୍ତା ମରାମତି କଲେ ସେହି ରାସ୍ତା ପ୍ରଥମେ ସମତଳ କରିବା କଥା। ମେଟାଲ ଓ ମୋରମ ପକାଇ ପାଣି ପଡିବା ଆବଶ୍ୟ। ଏହାପରେ ରୋଲର ଚଳାଇ ସମତଳ କରିବା ଆବଶ୍ୟକ। ଏହା ବଦଳରେ କେବଳ କିଛି ପରିମାଣରେ ମେଟାଲ ଓ ମୋରମ ପକାଇ ଠିକାଦାର କାମ ସାରି ଦେଇଛନ୍ତି। ଏହାଫଳରେ ରାସ୍ତାଟି ସମତଳ ନାହିଁ। ଏଣୁ ଏହି ରାସ୍ତାରେ ଲୋକେ ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏଣୁ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଅଧିକାରୀ ଠିକାଦାରଙ୍କ ମିଶି ସରକାରୀ ଅନୁଦାନ ଲୁଟ୍ କରିଛନ୍ତି। ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ନ ଚେତ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଡୁଙ୍ଗୁରିପାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ




ବେଲପଡା,୨୮ ।୨(ସମିସ): ବେଲପଡା ବ୍ଲକ ଡୁଙ୍ଗୁରିପାଲିସ୍ଥିତ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେଶ୍ୱର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଖମାରି, ମୁଖ୍ୟବକ୍ତା ଭାବେ ଦିନରଘୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ଚାଚେରବେଙ୍ଗ କ୍ଲଷ୍ଟର ସିଆରସିସ କେଦାର ବଲ୍ଲଭ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଛନ୍ଦାଚରଣ ପଣ୍ଡା, ରସିକ ଧରୁଆ, ସ୍କୁଲ ପରିଚାଳନା କମିଟିର ସଭାପତି ଭିଭୀଷଣ ସୁବନ କେତକୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ସାଂସ୍କୃତିକ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୁରେଖା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋଳପୂର୍ଣ୍ଣିମା ପାଇଁ କଳସ ଶୋଭାଯାତ୍ରା



ସଇଁତଲା,୨୮ ।୨(ସମିସ): ସଇଁତଲା ସହର ହାଟପଦାରେ ଦୋଳପୂର୍ଣ୍ଣିମା ପାଇଁ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ୨୪ ପ୍ରହର ନାମଯଜ୍ଞ ପାଇଁ ଶନିବାର ସକାଳ ୧୦ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହାଟପଦାସ୍ଥିତ ପ୍ରହରୀ ମଣ୍ଡପଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ନୂଆଁବନ୍ଧ ପର୍ଯ୍ୟନ୍ତ ଗ୍ରାମର ଶତାଧକ ମହିଳା, ପୁରୁଷ ଯାଇଥିଲେ। ସେଠାରେ ପୂଜକ କିରଣ ମିଶ୍ର ପୂଜା କରିଥିଲେ। ପରେ କଳସ ନେଇ ସମସ୍ତେ ମଣ୍ଡପକୁ ଯାଇଥିଲେ। ସେଠାରେ ସ୍ଥାପନ କରାଯାଇଥିଲା। ସୀତାରାମ ପଟ୍ଟନାୟକ ଓ ତାଙ୍କ ପତ୍ନୀ କୁମୁଦିନୀ ପଟ୍ଟନାୟକ କର୍ତ୍ତା ଅଛନ୍ତି। କିରଣ ମିଶ୍ର ପୂଜାକାର୍ଯ୍ୟ ତୁଲାଉଛନ୍ତି। ନବଘନ ଷଡ଼ଙ୍ଗୀ, ମାନସ ମିଶ୍ର, ଶଙ୍କର ପାଣିଗ୍ରାହୀ, ଧ୍ରୁବ ଚରଣ ଯୋଷୀ, ରବି ପାଢ଼ୀ କାହ୍ନୁଚରଣ ମିଶ୍ର, ପ୍ରମୋଦ ଦାଶ, ଫିଟୁ ମିଶ୍ର, ହରି ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ୍ ଅଧକ୍ଷା ମୋନିକା ସିଂ ଭୋଇ, ସମ୍ପାଦକ ସୁବୋଧ ମିଶ୍ର, ଚୈତନ୍ୟ ସାହୁ, ଚୈତନ୍ୟ ପଟ୍ଟନାୟକ, ସର୍ବେଶ୍ୱର ଦଣ୍ଡସେନା, ଟିକେଲାଲ ସାହୁ, ଜାନନ ପଟ୍ଟନାୟକ, ଚନ୍ଦ୍ର ଚନ୍ଦନ, ବେଡ଼ା ସାହୁ, ବିଶାଳ ଅଗ୍ରୱାଲ, କିଶାନ ପଟ୍ଟନାୟକ, ଜଗବନ୍ଧୁ ପଷାୟତ, ଲଲାଟେନ୍ଦୁ ପୃଷେଠ, ରୋହିତ ଜାନୀ, ପ୍ରଶାନ୍ତ ପୃଷେଠ, କପିଳ ଅଗ୍ରୱାଲ, ଦୁର୍ବାଦଳ ପଷାୟତଙ୍କ ସହ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ବଡ଼ଟିକା କ୍ଷରେ ଧାନକିଣା ଅନିୟମିତତା ଘଟଣା

# କାରଣ ଦର୍ଶାଅ ନୋଟିସ୍‌ରେ ସୀମିତ କାର୍ଯ୍ୟାନୁଷ୍ଠାନ

ବଲାଙ୍ଗିର,୨୮ ।୨(ସମିସ)

- ଧାନକିଣାରେ ମିଥ୍ୟା ଏଣ୍ଟ୍ରି ଅଭିଯୋଗ
- ଯାଞ୍ଚ ପରେ ଭିତିରି ଡିଲ୍ ଅଭିଯୋଗ
- କାର୍ଯ୍ୟାନୁଷ୍ଠାନରୁ ଖସିଯାଉଛନ୍ତି ସମ୍ପାଦକ

ବଲାଙ୍ଗିର ଜିଲ୍ଲାରେ ଧାନକିଣାରେ ଅନେକ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ରହିଛି। ଜିଲ୍ଲାରେ ଏମିତି କିଛି ପ୍ରାଥମିକ ସମବାୟ ସମିତି ବା ପେକ୍ସ ରହିଛି ଯେଉଁଠି ଖୋଲାଖୋଲି ମିଥ୍ୟା ଏଣ୍ଟ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଥାଏ। ମିଲରଙ୍କ ସହ ପେକ୍ସ ସମ୍ପାଦକ ମିଶି ଏହି କାରବାର ଚଳାଇଛନ୍ତି। ଭାତାହାଣ୍ଡିରୁ ଗୋଟିଏ ଭାତ ଚିପୁଡିଲା ଭଳି ଆଗଲପୁର ବ୍ଲକ ଅଧୀନ ବଡଟିକା ପେକ୍ସ ଉପରେ ନଜର ପକାଇଲେ ଏହି ଅଭିଯୋଗର ସତ୍ୟତା ରହିଥିବା ଆଲୋଚନାକୁ ଖୋରାକ ଯୋଗାଇଛି। କିଛି ଦିନ ପୂର୍ବରୁ ପେକ୍ସରେ ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ଏହାର ଯାଞ୍ଚ କରିଥିବା ବେଳେ ପେକ୍ସ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ କରିଥିଲେ। ତେବେ ଏହି ଘଟଣାକୁ ମାସେ ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ସଂପୃକ୍ତ ପେକ୍ସ ସମ୍ପାଦକ କିମ୍ବା ମିଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି।

ଏହି ପେକ୍ସରେ ପ୍ରାୟ ସବୁ ବର୍ଷ ଧାନକିଣାରେ ଅନେକ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ହୋଇଥାଏ। ମିଲରଙ୍କ ସହ ମିଶି ପେକ୍ସ ସମ୍ପାଦକ ମିଥ୍ୟା ଏଣ୍ଟ୍ରି କରି ଲାଭ ଉଠାଉଥିବା ବେଳେ ଅନେକ ଚାଷୀ ମିଥ୍ୟା ଏଣ୍ଟ୍ରି ଯୋଗୁ ଟାର୍ଗେଟ ପୂରଣ ହେଉଥିବାରୁ ଧାନ ବିକି ପାରୁ ନ ଥିବା ଅଭିଯୋଗ ହୋଇଥାଏ। ଗତ ଖରିଫ ସମୟରେ ଜିଲ୍ଲାର ଗୁଡଭେଲା ବ୍ଲକରେ ଥିବା ଏକ ମିଲର




ଏହି ପେକ୍ସରେ ପ୍ରାୟ ହଜାରେ କ୍ୱିଣ୍ଟାଲ ଧାନ ମିଥ୍ୟା ଏଣ୍ଟ୍ରି କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ଯୋଗାଣ ବିଭାଗର ଏକ ଟିମ୍ ଯାଞ୍ଚ କରିଥିବା ବେଳେ କିଛି ଦିନ ପରେ ମାମଲାକୁ ଲକ୍ଷାଧିକ ଟଙ୍କା ଡିଲ୍‌ରେ ରଫାଦଫା କରିଦିଆଯାଇଥିବା ସେହି ସମୟରେ ଆଲୋଚନା ହୋଇଥିଲା। ତେବେ ଚଳିତ ଖରିଫରେ ପୁଣି ଏହି ପେକ୍ସ ବିରୋଧରେ ସାଂଘାତିକ ଅଭିଯୋଗ ହୋଇଥିଲା। ମିଥ୍ୟା ଏଣ୍ଟ୍ରି କରି ନିଜେ ପେକ୍ସ ସମ୍ପାଦକ କିଛି ଦଲାଲଙ୍କ ସହ ମିଶି ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା।

ତେବେ ଏହି ପେକ୍ସକୁ ଆସୁଥିବା ଟ୍ରକ୍‌ଗୁଡ଼ିକରେ ଯାଉଥିବା ଧାନର ପରିମାଣ ସବୁବେଳେ ଏପଟସେପଟ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଗୋଟିଏ ଟ୍ରକରେ ଗୋଟିଏ ତାରିଖରେ ୧୩୦ କ୍ୱିଣ୍ଟାଲ ଧାନ ଯାଉଥିବା ବେଳେ ସେହି ଟ୍ରକରେ କିଛି ଦିନ ପରେ ପୁଣି ୧୫୦ କ୍ୱିଣ୍ଟାଲ ଧାନ ଯାଇଥିବା ଦର୍ଶାଇ ମିଥ୍ୟା ଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ଅଭିଯୋଗ ପାଇବା ପରେ ପ୍ରାୟ ୨୦ ଦିନ ପୂର୍ବରୁ ଯୋଗାଣ ବିଭାଗର ଏକ ଟିମ୍ ପହଞ୍ଚି ବଡଟିକା ପେକ୍ସରେ ଅଭିଯୋଗର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ପେକ୍ସ ସମ୍ପାଦକଙ୍କ କାର୍ଯ୍ୟାକଳାପ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୋଗର ପ୍ରମାଣ ମଧ୍ୟ ପାଇଥିଲେ। ଏପରିକି ଏହି ପେକ୍ସରେ ବେଶ୍ ଚାଲାକିର ସହ ଧାନ କିଣା ଯାଉଥିବା ଅଭିଯୋଗ ହୋଇଥାଏ। ସିସିଟିଭି ଲାଗିଥିଲେ ମଧ୍ୟ ଯେଉଁ ଟ୍ରକରେ ଧାନ ଲୋଡ୍ ହୋଇଥାଏ ସେହି ଟ୍ରକ ନମ୍ବର କ୍ୟାମେରାରେ ଦେଖାଯାଏନାହିଁ। ଏହିଭଳି ଅନେକ ତଞ୍ଚକତା କରି ଏହି ପେକ୍ସରେ ଧାନକିଣାରେ ଅନିୟମିତତା କରାଯାଉଥିବା ଅଭିଯୋଗର ଯାଞ୍ଚ ପରେ ପେକ୍ସ ସମ୍ପାଦକ ଜଗନ୍ନାଥ ପଧାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଆଗଲପୁର ଯୋଗାଣ ନୀରିକ୍ଷକ ଚନ୍ଦନ ସ୍ୱାଇଁ କହିଛନ୍ତି। ତେବେ ଏହି ଘଟଣାକୁ ପ୍ରାୟ ୨୦ ଦିନ ବିତିଯାଇଥିବା ବେଳେ ସେ ଉପଯୁକ୍ତ କାରଣ ଦର୍ଶାଇଛନ୍ତି ନା ନାହିଁ ତାହା ଆଜି ବି ଅସ୍ପଷ୍ଟ। ଅନ୍ୟପକ୍ଷରେ ମିଲରଙ୍କ ସହ ମିଶି ଅଭ୍ୟାସଗତ ଭାବେ ଧାନକିଣାରେ ଅନିୟମିତତା କରୁଥିବା ପେକ୍ସ ସମ୍ପାଦକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ତେବେ ଚଳିତ ଖରିଫରେ ବି ହୋଇଥିବା ଯାଞ୍ଚ ଗତ ଖରିଫ ଭଳି ଲୁଚିଯିବ ନା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ଉପରେ ସମସ୍ତଙ୍କ ନଜର ରହିଛି।

### ● କଣ୍ଟାବାଞ୍ଜିରେ ବେଆଇନ ମଦ ଡେଲିଭରି ଘଟଣା

## ଛୋଟ ବେପାରୀ ଫସୁଛି; ବଡ଼ ବେପାରୀ ଖସୁଛି

କଣ୍ଟାବାଞ୍ଜି,୨୮ ।୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ରାତି ହେଲେ ବେଆଇନ ଏବଂ ବେଧଡକ ଭାବେ ମଦ ଡେଲିଭରି ହେଉଛି। ଏହି ଘଟଣାକୁ ନେଇ ଏବେ ସହରରେ ଚର୍ଚ୍ଚା। କଣ୍ଟାବାଞ୍ଜି ପୁଲିସର ଭୂମିକାକୁ ନେଇ ଦିନକୁ ଦିନ ଆହୁରି ସନ୍ଦେହ ବଢ଼ିବାରେ ଲାଗିଛି। କଣ୍ଟାବାଞ୍ଜି ସହରରେ ଥିବା ଲାଇସେନ୍ସଧାରୀ ମଦ ଦୋକାନରୁ କେତେକ ଯୁବକ ବିପୁଳ ପରିମାଣର ମଦ ନେଇ ଏହି କାରବାର କରୁଛନ୍ତି। ରାତି ୧୦ଟା ହେଲେ ମଦ ଦୋକାନ ବନ୍ଦ ହେଉଛି। ଏହାପରେ ସେମାନେ କଣ୍ଟାବାଞ୍ଜିର ୩ଟି ପ୍ରତିଷ୍ଠିତ ହୋଟେଲ ଏବଂ ବିଭିନ୍ନ ସ୍ଥାନକୁ ବେଆଇନ ଭାବେ ମଦ ଡେଲିଭରିରେ ଲାଗି ପଡୁଛନ୍ତି। ସବୁ ଜାଣି ଅବକାରୀ ବିଭାଗ ଓ କଣ୍ଟାବାଞ୍ଜି ପୁଲିସ ନିରବ ରହୁଛି। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ କଣ୍ଟାବାଞ୍ଜି ପୁଲିସ ଚାଲାକି କରିଛି। ନିଜ ମୁଣ୍ଡରୁ ଦୋଷ ହଟାଇବାକୁ ଯାଇ କିଛି କୁଚିଆ ବା ଛୋଟ ମଦ ବେପାରକୁ ଧରିଛି। ତାଙ୍କଠାରୁ କିଛି ମଦ ପାଉଚ ଜବତ କରିଛି। ଏହି ଛୋଟ ମଦ ବେପାରଙ୍କୁ ଥାନାକୁ ଆଣି ତାଙ୍କ ନାଁରେ କେସ୍ କରିଛି। ପୁଣି ଥାନାରୁ ଜାମିନ ଦେଇ ଛାଡ଼ି ଦେଇଛି। ଏଣୁ କଣ୍ଟାବାଞ୍ଜି ପୁଲିସର ଭୂମିକାକୁ ନେଇ ଆହୁରି ସନ୍ଦେହ ବଢ଼ିବାରେ ଲାଗିଛି। ଏହି ଛୋଟ ମଦ ବେପାରୀଙ୍କୁ ପୁଲିସ କାହିଁକି ଗିରଫ କଲା, ଯଦି ଗିରଫ କଲା ତେବେ ପୁଣି କାହିଁକି ସେମାନଙ୍କୁ ଜାମିନ ଦେଇ ଛାଡି ଦେଲା ବୋଲି ପ୍ରଶ୍ନ ଉଠୁଛି। ତେବେ

### ପୁଲିସର ଅହେତୁକ ଅନୁକମ୍ପା

ସେହି ଯୁବକମାନଙ୍କ ବିଷୟରେ ପୁଲିସ ପାଖରେ ସମସ୍ତ ଖବର ଥିବା ସତ୍ତ୍ୱ ମଧ୍ୟ ତାଙ୍କ ବିରୋଧରେ କାହିଁକି କଣ୍ଟାବାଞ୍ଜି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ପ୍ରଶ୍ନ ଉଠୁଛି। ହାତଗୁଞ୍ଜା ନେଇ ପୁଲିସ ସେମାନଙ୍କୁ ସୁରକ୍ଷା ଯୋଗାଉଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ବେଆଇନ ଭାବେ ମଦ ଡେଲିଭରି କରୁଥିବା ଯୁବକମାନେ ସହରର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଗୋଦାମ କରି ଲକ୍ଷାଧିକ ଟଙ୍କାର ମଦ ଗଚ୍ଛିତ ରଖିଛନ୍ତି। ଏହି କାରବାର ସମ୍ପର୍କରେ ଲଗାତାର ଖବର ପ୍ରକାଶିତ ହେବା ପରେ ସେହି ସବୁ ମଦକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ମାହାଦିପୁର ସୀମାନ୍ତ ଚେକ୍‌ପୋଷ୍ଟ



ସଂଯୁକ୍ତା ମହାନ୍ତି

ଚୁପ୍‌ଚାପ୍ ଆସି ସେ ଚୁପ୍‌ଚାପ୍ ଫେରି ଯାଇଥାନ୍ତା। ସେମାନେ କିନ୍ତୁ ତା' ଆସିବା ଖବର ଜାଣି ସାରିଥିଲେ। ଏଇ ହୋଟେଲରେ ରହିବାକୁ କହିଥିଲେ। ବାଧ ହୋଇ ସେ ନୀରବ ରହିଲା। ରାତି ନ'ଟା ଏବେ। ରୁମ୍ ଭିତରେ ବିଭାସ ଏକା ଏକା ଶୋଇ ରହିଥିଲା। ଏବେ ସୁଇଚ୍‌ଟା ମାରି ଅନ୍ଧାର କଲା। ମନେ ହେଲା ଛାତି ତଳେ ଗୋଟାଏ ପାହାଡ଼ୀ ଝରଣା ମଧୁର ଗୀତ ଗାଇ ଗାଇ ଝରି ଯାଉଛି। ସେହି ସୁଖରେ ତା'ର ଆଖି ବୁଜି ହୋଇ ଆସିଲା। ପୁଣି ଉଠି ଝରକା ଖୋଲି ଚାହିଁଲା। ପାଖ ମସଜିଦ୍‌ରୁ ଆସୁଥିଲା ଆଜାନର ସୁର। କିଛି ଦୂରରେ ଝାମ୍ପୁଡ଼ା ଗଛଟେ ଛାଇ ପରି ଦିଶୁଥିଲା। ଝରକା ପାଖରେ ପଡ଼ିଆଟେ। ନଭେମ୍ବରରେ ଉତ୍ତରବଙ୍ଗରେ ଶୀତ ଆସିସାରିଥିଲା। ନିଆଁ ପୋଇବାକୁ ବସିଥିଲେ କିଛି ଲୋକ। ଲାଗୁଥିଲେ ମଜଦୁର ଶ୍ରେଣୀୟ। ଦୂରର ପଡ଼ିଆରେ ମନେହେଲା ଗୋଟାଏ ନିଛୁମ ଶୂନ୍ୟତା ଢଳି ଢଳି ଚାଲିଛି ଅନିର୍ଦ୍ଦିଷ୍ଟ ପଥରେ। ଯାହା ହେଉ ଗଛଟାଏ ଅଛି ତ। ସକାଳୁ ଉଠିଲେ ଗୋଟାଏ ଚା' କପ୍‌ରେ ଏଇ ଗଛକୁ ଚାହିଁ ଶୋଷି ନେବ ସେ ଦିନକର ମଧୁରତା। ରାତିର ଆକାଶରେ ଅସଂଖ୍ୟ ନକ୍ଷତ୍ର ରୋଶଣି। ବାହୁନି ମରୁଛି ଏଠି ଗୌଡ଼ବଙ୍ଗର ଇତିହାସ। ମାଲଦା ସହର। ଫାଙ୍କା ପଡ଼ିଆଟାରେ ପୁଳାପୁଳା ଶୂନ୍ୟତା ଲମ୍ବିଥିଲା କେଉଁ ନକ୍ଷତ୍ର ଲୋକ ଯାଏ। ଅନ୍ଧାର ରାତି। ଶୂନ୍ୟତା ମେଞ୍ଚାଏ ବୁକୁ ତଳେ ନେସି ସେ ଶୋଇବାକୁ ଗଲା। ନା !ପୁଣି ବୁକୁ ଉପରେ କେହି ଜଣେ। କାହାର ଅସ୍ତିତ୍ୱ ନେସି ହୋଇ ରହିଛି। ତା' ସ୍ୱରୂପକୁ ଖୋଜିହେଲା ମନେ ମନେ। ନା....ତା'ର ମୁହଁ ସ୍ପଷ୍ଟ ଦିଶୁନି ତାକୁ। ଖାଲି ଅସ୍ତିତ୍ୱର ଅନନ୍ତ ଉପଲବ୍ଧି। ସେ ମୁଚୁକାଏ ହସିଦେଲା। ସେହି ଅସ୍ତିତ୍ୱର ଶୂନ୍ୟପଣ ହିଁ ପୂର୍ଣ୍ଣତା। "ଅଙ୍ଗବିହୀନ ଆଲିଙ୍ଗନେ ସକଳ ଅଙ୍ଗ ଭରେ" – ରବୀନ୍ଦ୍ରନାଥ ଠାକୁର ପଶି ଆସିଲେ ତା' ଛାତି ଭିତରକୁ। ଧାଡ଼ିଟା ତା' ମୁଣ୍ଡରେ ବାରମ୍ବାର ଝଙ୍କୃତ ହେଲା। ଗୋଟାଏ ଅଦ୍ଭୁତ ଆନନ୍ଦରେ ସେ ଜାଗି ଉଠିଲା। ପରେ ପରେ ଚାଲିଗଲା ଗୋଟାଏ ସୁସୁପ୍ତି ଅବସ୍ଥାକୁ। ଯେଉଁଠି ସ୍ୱପ୍ନ ବି ନାହିଁ। ଅସ୍ତିତ୍ୱର ଅନୁଭବ ନାହିଁ। ଖାଲି ଅଛି ଅହେତୁକ ଆନନ୍ଦ।

ସକାଳୁ ଉଠି ଦେଖିଲା କୁହୁଡ଼ି ଢଙ୍କା ପଡ଼ିଆଟା। ଗଛଟା ଆମ୍ବ ଗଛ। ମନେମନେ ଉଲ୍ଲସିତ ହେଲା। ଭାରତ ଟ୍ରେଡର୍ସର ମାଲିକକୁ କହିଥିଲା ଆସିଲେ ସୀମାନ୍ତ ଦେଖିବାକୁ ଯିବ। ଶୀଘ୍ର ଗଲେ ସେ ଫେରିଯିବ ସିଲିଗୁଡ଼ି। ବାଟରେ ଏତେ ଜାମ୍ ଗୋଟାଏ ଜାଗାରେ ଘଣ୍ଟାଏ ଅଟକି ଯିବାକୁ ହୁଏ। ବେଲ୍ ବାଜିଲା। ହୋଟେଲ ବୟ ଚା' ଦେଇଗଲା। ନ'ଟା ବେଳେ ଜଳଖିଆ ଦେଇଗଲା। ଭାରତ ଟ୍ରେଡର୍ସର ମାଲିକ ଦୀପାନ୍ତର ଦେଖା ନ ଥିଲା। ବଙ୍ଗଳା ଦେଶକୁ ମାଲ ପଠାଏ। ଅପେକ୍ଷା ଭିତରେ ସେ ଫେରିଯାଉଥିଲା ସେହି ଅସ୍ତିତ୍ୱ ଭିତରକୁ। ଯିଏ ତାକୁ କାବୁ କରି ରଖିଛି ଅହରହ। ସେ ବେଳକୁ ବେଳ ଚୁପ୍ ହୋଇ ଯାଉଛି। ଗାଢ଼ ପ୍ରତୀକ୍ଷାଟାଏ ତାକୁ କାବୁ କରିନେଲାଣି। ତା'ର ମଥା ଲାଗୁଛି ତା' ଭାରରେ ଝୁଙ୍କି ପଡ଼ୁଛି ଓଜନିଆ ହୋଇ। ବାସ୍ତବତା ଖୋଜି ସେ ଫୋନ୍ କରିଛି। ଅବୁଝା ସେହି ଅସ୍ତିତ୍ୱ। ବାରମ୍ବାର ଆଘାତ ଦେଇଛି। ନିର୍ମମତାର ମାଟି ଉପରେ ସେ କଚାଡ଼ି ହୋଇ ପଡୁଛି। ସେ ଅସ୍ତିତ୍ୱ ବୁଝେନା, ସେ ତା'ର ସତ୍ତାକୁ ଘେରି ରଖିଛି। ତା' ଆତ୍ମାର ଛାଇ ପାଲଟି ଯାଇଛି। ଯୁଆଡ଼େ ଗଲେ ସେ ତା' ସାଙ୍ଗେ ସାଙ୍ଗେ ଚାଲିଛି। ଗୋଟାଏ ଜମାଟବନ୍ଧା ଶନିର ବଳୟ ପରି ତାକୁ ଘେରି ରହିଛି। ତା' ଭିତରେ କେହି ପଶି ପାରୁନାହାନ୍ତି। ଦୁଶ୍ଚିନ୍ତା, ସ୍ୱପ୍ନ, ମୃତ୍ୟୁର ଶୋକ ବି।

ଦଶଟା ହେଲା। ଦୀପାନ୍ତ ଆସୁନି। ଫୋନ୍ କରିବାର ଇଚ୍ଛା ହେଲାନି ତା'ର। କାଉଣ୍ଟରରେ ପଚାରିଲା। ଦୀପାନ୍ତର ସାନଭାଇ ହୋଟେଲ ଚଲାଏ। ସେ ଫୋନ୍ ଲଗାଇଲା। ସେହି ସମୟତକ ସେ ଠିଆ ହେଲା ତଳକୁ ମୁହଁପୋତି। ଶୁଣିଲା ସେହି ଅସ୍ତିତ୍ୱର କୋମଳ କଣ୍ଠର ନିବିଡ଼ ସ୍ୱର। କେବେକେବେ ତା' ହସ ଶୁଭେ ଜ୍ୟୋତ୍ସ୍ନା ରାତିର ମାୟା ପରି। ସେ ସେଇ ମାୟାବୀ ସମ୍ମୋହନରେ ଘାରି ହୁଏ।

ଆଜ୍ଞା ! ଆସୁଛନ୍ତି କହିଲେ।

ଏଗାରଟା ବେଳକୁ ଦୀପାନ୍ତ ଆସିଲା। ଲାଗୁଥିଲା ବଡ଼ ସ୍ମାର୍ଟ। ଯେମିତି କି ଏଠାକାର ନେତା।

ଦୁଃଖିତ। ଡେରି ହୋଇଗଲା।

ଦୀପାନ୍ତ ଆଗ ନେଇଗଲା ଗୌଡ଼ର ଇତିହାସର ସ୍ମାରକୀ ଦେଖେଇବାକୁ। ବଙ୍ଗ ସୁଲତାନଙ୍କ ମସ୍‌ଜିଦ୍, କଦମ ରସୁଲ, ଲୁକୋଚୋରି ଦରଜା। ପରିତ୍ୟକ୍ତ ଆଜି ଅଞ୍ଚଳଟି। ହେଲେ ଭୟାନକ ସେହି ଇତିହାସ। ଏଇଠୁ ଆକ୍ରମଣ ହେଉଥିଲା ଓଡ଼ିଶା ଉପରେ! ଲାଗିଲା ଘୋଡ଼ା ଝପଟାଇ କଳାପାହାଡ଼ ଛୁଟୁଛି। ଭାଙ୍ଗୁଛି ଓଡ଼ିଶାର ଦେବଦେବୀ ମନ୍ଦିର, ଟଳି ପଡୁଛି ମୁକୁନ୍ଦ ଦେବଙ୍କ ସାମ୍ରାଜ୍ୟ। ଚୈତନ୍ୟ ଦେବଙ୍କ ମୂର୍ତ୍ତି। ରାମକେଳି ମନ୍ଦିର। ଇତିହାସ ଆଜି ମୌନ। ଅଥଚ କେତେ ରକ୍ତାକ୍ତ ତା'ର ପୃଷ୍ଠା!

ଦୀପାନ୍ତ କହିଲା "ଏଇତକ ତ ଆମ ସହରର ଗର୍ବ, ଗୌରବ। ଆମେ ଯତ୍ନରେ ରଖିଛୁ। ଏବେ ଯିବା ବଙ୍ଗଳାଦେଶ ବର୍ଡର ମାହାଦିପୁର। ମୋର ସମସ୍ତେ ଚିହ୍ନା।" ଏକ୍ସପୋର୍ଟ ବିଜିନେସ୍ ତା'ର ଚିହ୍ନା ହେବା ସ୍ୱାଭାବିକ।

ସେଠି ପହଞ୍ଚି ଆଇକାର୍ଡ ଦରକାର ହେଲାନି। ବଙ୍ଗଳାଦେଶର ସୀମାନ୍ତ ରକ୍ଷୀମାନେ ବେଶ୍ ଅମାୟିକ। କହିଲେ - "ଚାଲନ୍ତୁ ଚା' ପିଇବେ। ମାଲ କେମିତି ରହୁଛି ଦେଖିବେ।"

ସେ ଘଣ୍ଟା ଦେଖିଲା। ଡେରି ହେବ ଫେରିବାକୁ। ପୁଣି ଡାଲଖୋଲା ପାଖରେ ଯେଉଁ ଟ୍ରକର ଧାଡ଼ି। କହିଲା – "ଏବେ ତ ସମୟ ହୋଇଯାଇଛି। ଆଉଥରେ ଆସିଲେ ଦେଖିବି।"

ଫେରି ଆସି ଠିଆ ହେଲା ଜିରୋ ପଏଣ୍ଟ ଉପରେ। ମନର ଅତଳତଳରୁ ଉଠି ଆସୁଥିଲା ଗୋଟାଏ ରୁଦ୍ଧଶ୍ୱାସ। କଣ୍ଟାବାଡ଼କୁ ଚାହିଁ ତା'ର ଏମିତି ଗୋଟାଏ ଅସ୍ୱସ୍ତିବୋଧ ହେଉଥିଲା....। କାହିଁକି ପଡ଼ିଲା ଏଇ କଣ୍ଟାବାଡ଼ ? ଏଠି ଯେ କେତେ ହା...ହା...କାର, କେତେ ରକ୍ତପାତ, କେତେ ଘରଛଡ଼ା ମଣିଷର ଆକୁଳ କାନ୍ଦଣା, କେତେ ହଣାହଣି ମରାମରିର ରକ୍ତ ଛଟିକି ପଡ଼ିଛି ! ଅଥଚ ପକ୍ଷୀଟି ଉଡୁଥିଲା କଣ୍ଟା ବାଡ଼ ଉପରେ ମନ ଖୁସିରେ। ଲଳିତା କିଆରୀ ସେପଟେ, ଏପଟେ ବି। ଆମ୍ବଗଛ ବି। ପକ୍ଷୀଟି କହୁଥିଲା ପାରିଲନି ରବୀନ୍ଦ୍ର, ନଜରୁଲଙ୍କୁ ଅଲଗା କରି। କଣ୍ଟାବାଡ଼ର ଏପଟେ ସେପଟେ କେତେ ଯେ କାହାଣୀ! କେତେ ଇତିହାସ! ହଠାତ୍ ତା ଆଖିରେ ପଡ଼ିଲା ଗୋଟାଏ ସାଇନବୋର୍ଡ। ନାଟୋର ୧୩୧ କି.ମି। ଇସ୍ ନାଟୋର? ସେହି ଦୁଃଖୀ ଜୀବନାନନ୍ଦଙ୍କ ନାୟିକାର ଗାଁକୁ ଏ ରାସ୍ତା। "ଆମାରେ ଦୁଦଣ୍ଡ ଶାନ୍ତି ଦିୟେଛିଲ ନାଟୋରର ବନଲତା ସେନ୍।" କି ଭାଗ୍ୟବାନ ତୁମେ କବି! ଦୁଦଣ୍ଡ ତ ପାଇଛ! କିନ୍ତୁ ସେ... ଗୋଟାଏ ଏ ଦଣ୍ଡ ବି ପାଇନି!

ଗୋଟାଏ ଦୀର୍ଘଶ୍ୱାସ ତା'ର ଉତୁରି ଆସିଲା ତା' ବୁକୁ ଥରାଇ। ନୀରବରେ ଆସି ଗାଡ଼ିରେ ବସିଲା। ସାରା ରାସ୍ତା ଥିଲା ସେ ଚୁପ୍‌ଚାପ୍। ଚାଲିଯାଉଥିଲା ତା' ଚାରିପଟେ ରୂପସୀ ବାଲାଂ। ସବୁ ରୂପକୁ ଅନ୍ଧାରରେ ବୁଡେଇ ରାତି ନଇଁ ଆସୁଥିଲା ସିଲିଗୁଡ଼ି ଯିବାର ରାସ୍ତାରେ। ସେ ଥିଲା ଖୁବ୍ ନୀରବ। ବରଫାବୃତ୍ତ ହିମାଳୟର ନିବିଡ଼ ନୀରବତା ପରି।■





ରାଜା ବଗିଚା, କଟକ -୭୫୩୦୦୯
ମୋ: ୯୪୩୭୬୭୨୫୮୫

## ପୁସ୍ତକ ପରିଚୟ

### ପ୍ରଚ୍ଛଦ କବିତା

ପ୍ରଶାନ୍ତ ଦାସ





ଟୁପୁର କ୍ରିଏସନ୍ସ
ଆଜିମାବାଦ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୧ ଟଙ୍କା

କବି ପ୍ରଶାନ୍ତ ଦାସଙ୍କ ଏକ ନିଆରା କବିତା ସଂକଳନ 'ପ୍ରଚ୍ଛଦ କବିତା'। ସାଂପ୍ରତିକ ଓଡ଼ିଆ ସାହିତ୍ୟର ୨୬ ଜଣ ପ୍ରତିନିଧି ସ୍ଥାନୀୟ କବି, ଲେଖକଙ୍କ ପୁସ୍ତକର ପ୍ରଚ୍ଛଦକୁ ନେଇ କବିତା ରଚନା କରିଛନ୍ତି। ପୁସ୍ତକର ନାମକରଣ ଅନୁଯାୟୀ କବିତାଗୁଡ଼ିକ ରଚିତ ହୋଇଛି। ଏହି କ୍ରମରେ ଦୀପ୍ତି ଦାସଙ୍କ 'କହିଲ ବୋଲି', ଗଙ୍ଗାଧର ବିଶ୍ୱାଳଙ୍କ 'ମୁନିର ରଫ୍‌ଖାତାରେ ପୂର୍ଣ୍ଣିମାର ଗାଁ ଓ ଅନ୍ୟାନ୍ୟ କବିତା', କୃଷ୍ଣ କୁମାର ମହାନ୍ତିଙ୍କ 'ଶ୍ୟାମଳୀ ଦାସ', ଶ୍ରୀଦେବଙ୍କ 'ଚାଷବାସ', ସମରେନ୍ଦ୍ରନାଥ ମହାପାତ୍ରଙ୍କ 'ଟଙ୍କିକିଆ ମଣିଷ', ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ 'କେଉଁଠି ଖୋଜିବି ତାକୁ', ସୈରିନ୍ଧ୍ରୀ ସାହୁଙ୍କ 'ସଖା', ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ 'ମେଷପାଳକର ଗୀତ', ନିବାରଣ ଜେନାଙ୍କ 'ବିଶ୍ୱାସର ଭୂମି', ସିତାଂଶୁ ଲେଙ୍କାଙ୍କ 'ମନ', ଡକ୍ଟର ଦେବାଶିଷ ପାତ୍ରଙ୍କ 'ଶବ୍ଦ ସଙ୍ଗମ' ଆଦି ପୁସ୍ତକକୁ ନେଇ ରଚିତ କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି କବିତା ପୂର୍ବରୁ ସଂପୃକ୍ତ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଓ ପୁସ୍ତକର ପ୍ରଚ୍ଛଦ ସ୍ଥାନୀତ ହୋଇଛି। ପ୍ରଚ୍ଛଦର ଭାବ ଓ ଅର୍ଥକୁ ନେଇ ପ୍ରତି କବିତାର ମର୍ମଧ୍ୱନି ପ୍ରତିଫଳିତ ହୋଇଛି। ପୁସ୍ତକର ପ୍ରଚ୍ଛଦକୁ ନେଇ କବିତା ଲେଖିବାର ଏଇ ନିଆରା ପ୍ରୟାସ ପାଠକମାନଙ୍କୁ ନିଶ୍ଚୟ ଆକୃଷ୍ଟ କରିବ। ■

### ଭୂମି ଭୂମା

ଚିତ୍ତରଞ୍ଜନ ଚିରଞ୍ଜିତ




ତୀର ତରଙ୍ଗ
ଚନ୍ଦକା ଶିଳ୍ପାଞ୍ଚଳ
ଭୁବନେଶ୍ୱର-୨୪
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

କଥାକାର ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଭୂମି ଭୂମା' ଉପନ୍ୟାସିକା ଦୁଇଟି ଯୁଦ୍ଧ ଓ ପ୍ରେମ ଆଧାରିତ। ପ୍ରଥମ ଉପନ୍ୟାସିକା 'ଭୂମି' ଯୁଦ୍ଧ ଉପରେ ଆଧାରିତ। ଯୁଦ୍ଧଭୂମି ଅର୍ଥ ଧ୍ୱସ୍ତବିଧ୍ୱସ୍ତର ଏକ ବିଖଣ୍ଡିତ ପୃଥିବୀ। ଯେମିତି ପହଲଗାମ୍ ଆକ୍ରମଣ ଘଟଣା ହଷ୍ଟେଲ ଅନ୍ତେବାସୀମାନଙ୍କ ଭିତରେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ଛାତ୍ର ଗୌତମର ଆଦର୍ଶ ଚିନ୍ତାଧାରାକୁ ନେଇ 'ଭୂମି'ର କାହାଣୀ ଗତିଶୀଳ। ସେପଟେ ଆଜାଦ ଭଳି ନିରୀହ ଛାତ୍ର ନିଜ ଜନ୍ମଭୂମି ଆତଙ୍କବାଦୀଙ୍କ ଆଡ୍ଡା ସ୍ଥଳୀ ପାକିସ୍ତାନକୁ ଦେଖିବାକୁ ଯାଇ ପୋଲିସ ହାବୁଡ଼ରେ ପଡ଼ିଯାଇଛି। ସେହିପରି ଦ୍ୱିତୀୟ ଉପନ୍ୟାସିକା 'ଭୂମା' ପ୍ରେମ ଆଧାରିତ। ସ୍ତ୍ରୀ ପରିତ୍ୟକ୍ତା ସ୍ୱାମୀ ଓ ସ୍ୱାମୀଙ୍କୁ ହରାଇ ଜଣେ ନାରୀର ବେଦନା ଭରା ଜୀବନକୁ ନେଇ ଏହି ଉପନ୍ୟାସିକାର କାହାଣୀ ଗତିଶୀଳ। ସରୋଜ ଓ ନିକିତା ଦୁଇ ଅନ୍ତରଙ୍ଗ ମଣିଷ। ତେବେ ଦୁର୍ଭାଗ୍ୟ ସରୋଜଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ ଅନ୍ୟ ପୁରୁଷକୁ ବିବାହ କରିବା ଓ ଦୁର୍ଘଟଣାରେ ନିକିତା ନିଜ ସ୍ୱାମୀଙ୍କୁ ହରାଇବା ଘଟଣା ଏକ ସଂଯୋଗ। ପରସ୍ପର ଜୀବନ କାହାଣୀ ମଧ୍ୟରେ ରହିଛି ଅନେକ ସାମଞ୍ଜସ୍ୟ। ଗୋଟିଏପଟେ ଯୁଦ୍ଧ ଆତଙ୍କ, ଅନ୍ୟପଟେ ପ୍ରେମର ପ୍ରଗାଢ଼ ଦୁଇଟି ଉପନ୍ୟାସିକାକୁ ଅଧିକ ଆକର୍ଷଣୀୟ କରିଛି। 'ଭୂମି ଭୂମା'ର ନିଆରା କାହାଣୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଅବଧାରଣା



ସତ୍ୟରଂଜନ ପ୍ରହରାଜ

ଆମେ ସବୁ ବସିରହୁ ଅନେକବେଳ
ଚୁପଚାପ୍
ଯଦିଓ ତର୍କ ଚାଲିଥାଏ ଆଖି ଭିତରେ
ଚା' କପରେ
ନାକ କୁଂଚି କୁଂଚି
ଜଣେ ଆରଜଣଙ୍କ ଅଲକ୍ଷ୍ୟରେ
ହଠାତ୍ କେହିଜଣେ ଖବର ଦିଏ
ନଣ୍ଡା ପାହାଡ଼ ଉପରେ ଥିବା ମଣିଷଟା ଦିଶୁ ନାହିଁ
ଦିଶୁଛନ୍ତି ପଲେ ଚଢ଼େଇ
ଚିଲ କି ଶାଗୁଣା
ନୀଳ କି ନାରଙ୍ଗୀ
ବିଦେଶୀ କି ଦେଶୀ
ଜଣାନାହିଁ
ତର୍କ ସରିଯାଇଛି
କଳାକଳା ଜନ୍ଦାଙ୍କ ଧାଡ଼ି ଚାଲିଯାଉଛି
ଆମ ଭିତର ଦେଇ
ଛାତିରେ
କାହା କାହାର ଆଖିରେ, ପାଟିରେ
ରାମନାମ ସତ୍ୟ ନ ଡାକି
ନିର୍ମମ ନୀରବତାରେ
ଆମେମାନେ କାନ୍ଦିବା ଆରମ୍ଭିଲୁ
ଆଖିମାନଙ୍କ ଆଢୁଆଳେ
ଚେତନାର କନ୍ଦି ବିକନ୍ଦିରେ
ଟିକେ ଟିକେ ଦାନ୍ତ ଚିପି ହସିଲୁ
ଦୁଇ ବଗଙ୍କ ଦାନ୍ତରେ ଉଡ଼ିଯାଉଥିବା
କଇଁଛ ହସିଲା ପରି
କାଲୁଆ ପଡ଼ିଗଲା ଆମ
କଣ୍ଠ, କଲିଜା ଓ କଳେବର
ସଞ୍ଜ ନଇଁ ଆସିଲା
ଆମେ ସମସ୍ତେ ଦିଶିଲୁ
ଶବ ପରି କ୍ରୁଶବିଦ୍ଧ
ପୁଣି ଦୟାମୟ ଓ ଦୁଃସ୍ଥ
ପରଦିନ ତର୍କରେ ନୀରବତା ନୁହେଁ
ଜୀବନ ଝଡ଼
ଦୁଃଖ ଭିଡ଼
କ୍ରମଶଃ। ■

ଲେନ୍ ନଂ-୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର-୭୫୧୦୨୦
ମୋ: ୯୬୫୮୪୯୩୫୩୪



## ଛାଇପ୍ରେମ



ସୁଜିତ କୁମାର ସତପଥି

ନିଜକୁ ପଚାରିଲି ତୁ କିଏ କି ?
ଛାଇକୁ ପଚାରିଲି ତୁ କିଏ କି ?
ଦେହରେ ବିଦେହକୁ ଖୋଜିଲି
ବିଦେହରେ ଦେହ
ଲୁହରେ ହସକୁ ମାପିଲି
ହସରେ ଲୁହ
ଦି ପାଦ ପଡ଼ିଲି, ପାଦେ ଘୁଞ୍ଚିଲି
ମାଟିକୁ ଥରେ ଆକାଶକୁ ଥରେ
ଅନେଇଲି
ସେମାନଙ୍କର ତ ପାଦ ନାହିଁ
ତଥାପି କେମିତି ରହିଛନ୍ତି ସବୁଠି
ପରସ୍ପରର ବିମ୍ବ ହୋଇ !
କାହାକୁ ପଚାରିବି
ଆକାଶକୁ, ମାଟିକୁ, ନିଜକୁ
ସନ୍ଦିହାନରେ ପଡ଼ିଲି
ପୁଣି ଗଲି ପାଦେ
ଶୁଣିଲି କାହାର ପାଦ ଶବ୍ଦ
ମୋ' ସହ ତାଳ ଦେଇ
କିଏ ସେ
କ'ଣ ତା'ର ପରିଚୟ ?
ପଚାରିବି ବୋଲି ଭାବି ଭାବି
ତା' ପ୍ରେମରେ ପଡ଼ିଲି
ନିଜେ ହିଁ ନିଜର
ବିମ୍ବ ହୋଇଗଲି
ବୁଝିଲି ଭିନେ ନୁହଁ ମାଟି ଓ ଆକାଶ
ଭିନେ ନୁହଁ ଶୋକ ଓ ଉଲ୍ଲାସ
ଭିନେ ନୁହଁ ସେ ଓ ମୁଁ
ଥିଲୁ, ଥିବୁ ପରସ୍ପରର ଛାଇ ମାତ୍ର ହୋଇ। ■

ମୋ: ୯୫୫୬୭୧୧୨୭୨



ମୁଁ କାହିଁକି ଲେଖେ

# "ନିଷ୍ଠାପର ସାହିତ୍ୟସେବା ସବୁଠାରୁ ପୁଣ୍ୟ ଓ ପବିତ୍ର କାର୍ଯ୍ୟ"



ପ୍ରଫେସର ବିଜୟାନନ୍ଦ ସିଂହ

ମୋ ଜୀବନ ଆରମ୍ଭ ହୁଏ ଅଖ୍ୟାତ ପଲ୍ଲୀରେ। କଟକ ଜିଲ୍ଲା ମାହାଙ୍ଗା ନିକଟସ୍ଥ ଯଶୁଆପୁର ମୋର ଜନ୍ମଭୂମି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗାଁର ପରିବେଶ। ଗାଁ ପାଖ ପଡ଼ିଆରେ କିଆଜଙ୍ଗଲ, କିଆଫୁଲ, ବର୍ଷାଦିନର କଦମ୍ବଫୁଲ, ଗ୍ରୀଷ୍ମଦିନର ମଲ୍ଲୀଫୁଲ ମୋତେ ଯେପରି ଆକର୍ଷିତ କରେ, ତାହା ଅବର୍ଣ୍ଣନୀୟ। ଗାଁ ପୋଖରୀରେ ବର୍ଷାର ଟପ୍‌ଟପ୍ ପାଣି ମୋତେ ଯେମିତି ବିହ୍ୱଳିତ କରେ, ଗଭୀର ନିଶାର୍ଦ୍ଧରେ ବର୍ଷାର ରିମ୍‌ଝିମ୍ ଶବ୍ଦ ସେହିପରି ରୋମାଞ୍ଚିତ କରେ। କୁମାର ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀର ଜହ୍ନକିରଣ ମୋତେ ପୁଲକିତ କରେ, ରଜ ଓ ଦୋଳଯାତ୍ରା ସେହିପରି ଆନମନା କରିଦିଏ। ଏହି ସବୁ ପରିବେଶ ମୋତେ ସାହିତ୍ୟ ମନସ୍କ ପିଲାଦିନରୁ କରାଇଥିଲା।

ଗାଁ ମୋ ପାଇଁ ଆନନ୍ଦ ଉତ୍ସାହର ଭୂମି। ଗାଁରେ ଯେପରି ସ୍ନେହ ଶ୍ରଦ୍ଧା, ଆନ୍ତରିକତା ଥାଏ, ତାହାର ପଟାନ୍ତର ନାହିଁ। ଗାଁ ମୋ ପାଇଁ ଅଣିମାଦି ସୁଖ, ଅଷ୍ଟବର୍ଗ ଐଶ୍ୱର୍ଯ୍ୟ। ଆତ୍ମୀୟମାନଙ୍କ ସ୍ନେହବୋଳା ଡାକ ମୋ ଲାଗି ଆଶୀର୍ବାଦ, ମା'ବାପାଙ୍କ ସ୍ନେହ ଆଦର ମୋ ପାଇଁ ଅମୃତ, ଭାଇ-ଭଉଣୀଙ୍କ ସ୍ନେହ ଅପାସୋରା, ଗାଁ ଧୂଳିମାଟି ଚନ୍ଦନ ଅବିର ସଦୃଶ। ମୁଁ ଗର୍ବିତ ଜନ୍ମମାଟି ପାଇଁ। ବିରୂପା ଅବବାହିକାରେ ଗଢ଼ି ଉଠିଥିବା ମାହାଙ୍ଗା ଭୂମି ଓଡ଼ିଶା ଇତିହାସରେ ଏକ ଗୌରବମୟ ପୃଷ୍ଠା ମଣ୍ଡନ କରିଛି। ପୁଷ୍ପଗିରି ମହାବିହାର, ଲଳିତଗିରି, ଓଳାଶୁଣି ଗୁମ୍ଫା, ସନ୍ଥ ଅରକ୍ଷିତ ଦାସଙ୍କ ସମାଧି, ସନ୍ଥ ଅଚ୍ୟୁତାନନ୍ଦଙ୍କ ଗାଦି, ସନ୍ଥ ହାଡ଼ି ଦାସଙ୍କ ସ୍ମୃତିପୀଠ ମୋତେ ଯେମିତି ଆଧ୍ୟାତ୍ମିକ ଭାବ ଭାବନାରେ ଆଲୋଡ଼ିତ କରେ, ପାଖଆଖ ଗାଁର ପଲ୍ଲୀପ୍ରକୃତି, ନଦୀନାଳ, ପର୍ବପର୍ବାଣି, ଯାନିଯାତ୍ରା ମୋ ଭିତରେ ଅହେତୁକ ଶିହରଣ ଜନ୍ମାଏ। ଆଦି ନାଟ୍ୟକାର ଜଗନ୍ମୋହନ ଲାଲ, ମନସ୍ୱୀ ପ୍ୟାରୀମୋହନ ଆଚାର୍ଯ୍ୟ, ବାଗ୍ମୀ ବିଶ୍ୱନାଥ କର, ଗଣକବି ବୈଷ୍ଣବ ପାଣି, ପଲ୍ଲୀକବି ନନ୍ଦକିଶୋର ବଳ, କବିପ୍ରାଜ୍ଞ ପ୍ରାଣକୃଷ୍ଣ ସାମଲ, ଶିଳ୍ପୀଗୁରୁ ବିମ୍ବାଧର ବର୍ମା, ସଂସ୍କାରକ ବୈରାଗୀ ମିଶ୍ର, କର୍ମବୀର ଗୌରୀଶଙ୍କର, ରାମଶଙ୍କର ସର୍ବୋପରି ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନ-ସାଧନାକୁ ପଢ଼ି ଶୁଣି ମୁଁ ଗର୍ବ ଅନୁଭବ କରିଛି। ବିରୂପାର, ଚିତ୍ରୋତ୍ପଳାର ଅଥଳ ଜଳରାଶି, ମୋ ଆଖିରେ ନୂତନ ଅଞ୍ଜନ ଲଗାଇ ଦେଇଥିଲା। କେବେ ଶାନ୍ତକୋମଳ ତ କେବେ ଭୀମଭୟଙ୍କର ଫେନିଳ ଜଳରାଶି ମୋ ଭିତରେ ମୋହନି ଜଗାଇ ଥିଲା ତ ଆଉ କେବେ ମୋ ହୃତ୍‌କମ୍ପକୁ ବଢ଼ାଇ ଦେଇଥିଲା।

ମଠ, ମନ୍ଦିରର ମାଟି ମାହାଙ୍ଗା। ଏହି ଭୂମିରେ ମୋର ଜୀବନ ଗଢ଼ି ଉଠିଛି। ପରମ୍ପରା, ମାଟି ଓ ଆକାଶ ମୋତେ ବାନ୍ଧି ରଖିଛି ଚିରକାଳ। ଏହି ପ୍ରକ୍ରିୟାରୁ ମୁଁ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ। ପ୍ରକୃତିର ସୌନ୍ଦର୍ଯ୍ୟରେ ବିଭୋର, ଗାଁର ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଗୋଧୂଳିରେ ଗାଈଗୋରୁ ଗୋଠରୁ ଫେରିବା, ଗାଁଦାଣ୍ଡର ଧୂଳି, ବାଡ଼ି ବରକୋଳି, ରଞ୍ଜାରେ ଫଳିଥିବା କାକୁଡ଼ି, ବର୍ଷାପାଣିରେ ଚାଳମଥାନରୁ ନିଗିଡ଼ି ଆସୁଥିବା ପାଣିସୁଅରେ ଭସାଉଥିବା କାଗଜଡ଼ଙ୍ଗାର ଦୃଶ୍ୟ, ବର୍ଷା ଋତୁରେ ମୁହଁ ସଂଜରେ ହଳଦିଆ ଜହ୍ନିଫୁଲ, ଫଗୁଣର ଆମ୍ବବଉଳ ଓ ଆମ୍ବକଷି ମୋତେ ମୁଗ୍ଧ କରେ। ଏସବୁ ଭାବଭାବନାକୁ ପ୍ରକାଶ କରିବା ପାଇଁ ମୁଁ ଯେତେବେଳେ ବ୍ୟାକୁଳ ହୁଏ, ସେତେବେଳେ ମୋ ଆଗରେ ସେହି ଅନ୍ତରଙ୍ଗ ମୁହୂର୍ତ୍ତମାନ ପ୍ରମୂର୍ତ୍ତ ହେବା ପାଇଁ କାଗଜ, କଲମର ସହାୟତା ଲୋଡ଼ନ୍ତି।

ମାହାଙ୍ଗା ସ୍କୁଲ୍‌ରେ ପାଠପଢ଼ିଲା ବେଳେ ଦେଖା ହୁଅନ୍ତି ପ୍ରଧାନ ଶିକ୍ଷକ ବିଜୟ କୁମାର ବାରିକ। ସ୍କୁଲ ପରିସରରେ ପ୍ରତି ରବିବାର ଦିନ ଗଳ୍ପ, କବିତା ନବୀନ ଲେଖକମାନେ ପାଠ କରନ୍ତି ଓ ତାହା ଆଲୋଚିତ ହୁଏ। ଏସବୁ ଦେଖି ମୁଁ ଲେଖିଲି କବିତା ଅଷ୍ଟମ ଶ୍ରେଣୀରେ।

"ନିଦରେ ନିଦରେ ଏମିତି ନିଦ
ଦେଖା ନଥିଲା କାହିଁ
ପରୀକ୍ଷା ବେଳେ ବାଘ ପରିକା
ଆସିଲା ଧାଇଁ ଧାଇଁ।"

ନବମ ଶ୍ରେଣୀରେ ପଢୁଥିଲାବେଳେ ଲେଖିଲି କେତୋଟି ମନଛୁଆଁ ଗପ ଓ ଭ୍ରମଣକାହାଣୀ, ଦଶମ ଶ୍ରେଣୀରେ ଲେଖି ବସିଲି ଗୌତମ ବୁଦ୍ଧଙ୍କ ଜୀବନୀ, ଆଉ ଏମିତି ଆଉ କିଛି ଲେଖା। ଲେଖାସବୁ ପ୍ରକାଶିତ ହେଲା, ପ୍ରଶଂସା ବି ମିଳିଲା। ପ୍ରଶଂସା ଆଣିଦେଲା ଉତ୍ସାହ। ବିଜୟ ସାର୍ ଥରେ ଗୋଟିଏ ସଭାରେ କହୁଥିଲେ, " ସାହିତ୍ୟର ସେବା ଈଶ୍ୱରଙ୍କ ସେବା। ସାହିତ୍ୟର ସେବା ଦେଶର ସେବା, ସାହିତ୍ୟର ସେବା ସମାଜର ସେବା।" ତେଣୁ ଜୀବନର ପ୍ରତିଟି ପର୍ଯ୍ୟାୟରେ ମୁଁ ସାହିତ୍ୟ ସେବାକୁ ଗୁରୁତ୍ୱ ଦେଇ ଆସିଛି। ସାହିତ୍ୟ ପଢ଼ି ମୁଁ ପାଏ ପ୍ରଚୁର ଆନନ୍ଦ। ଭଲ ବହି ଖଣ୍ଡିଏ ପଢ଼ି ସାରିଲେ ମୁଁ ଯେପରି ବିସ୍ତାରିତ ହୋଇଯାଏ, ତା'ର କଳନା କରିହେବ ନାହିଁ। ଭଲ ବହିଟିଏ ଜୀବନକୁ ମୁକ୍ତ କରିଦିଏ। ସେହିପରି ମଣିଷର ଦୁଃଖ-ଯନ୍ତ୍ରଣା, ବେଦନା, ଲୁହ ମୋ ପାଇଁ ଅସହ୍ୟ। ଦୁଃଖରୁ ମୁକ୍ତି ପାଇଁ ଗଳ୍ପ ଲେଖିବା ପାଇଁ ପ୍ରୟାସୀ ହେଲି। ଗଳ୍ପ ଲେଖିବା ପାଇଁ ଗଳ୍ପ ଲେଖେ ନାହିଁ। ଜଣେ ମଣିଷର ସ୍ଥିତି ଅବସ୍ଥା, ଦୁଃଖ-ନୈରାଶ୍ୟ ବେଦନାର ଚିତ୍ର ଆଙ୍କି ଉପଶମ ପାଏ। ମୋ ଗପ-ବେଦନା-ବଧୂର ଜୀବନର ମର୍ମଳିପି। ମୋ ଗଳ୍ପରେ ଥାଏ ଦୁଃଖୀ, ନିର୍ଯାତିତ, ଅନ୍ୟାୟର ଶିକାର ହୋଇଥିବା ମଣିଷର କରୁଣ କାହାଣୀ। ବିଶେଷ ଭାବରେ ନାରୀମାନଙ୍କ ଦୁଃଖ ମୋତେ ମର୍ମାହତ କରେ। ସମକାଳୀନ ସମାଜର ବିଧିବ୍ୟବସ୍ଥା ଏଥିପାଇଁ ଦାୟୀ। ମୋର ମନରେ ସୃଷ୍ଟି ହୁଏ ବିଦ୍ରୋହ। ଏହି ଦୁଃଖ ଯନ୍ତ୍ରଣାରୁ ମୁକ୍ତି ସହ ନୂଆ ସକାଳର ସ୍ୱପ୍ନ ଦେଖେ। ଏସବୁକୁ ସାହିତ୍ୟରେ ରୂପାୟିତ କରି ଆତ୍ମସନ୍ତୋଷ ଲାଭ କରେ। ଲେଖାଲେଖିରେ ମୁଁ ଗଭୀର ଆନନ୍ଦ ପାଏ, ବିସ୍ମୟାଭିଭୂତ ବି ହୁଏ।

ସାହିତ୍ୟ ରଚନା ମୋର ସ୍ୱତଃସ୍ଫୂର୍ତ୍ତ। ପରିସ୍ଥିତି-ପରିବେଶରୁ ପ୍ରଭାବିତ ହୋଇ ମୁଁ ସାହିତ୍ୟ ଲେଖେ। ପ୍ରବନ୍ଧ ଗବେଷଣାରେ ନୂଆକଥା ଦେଖାଇବା, ନୂଆ ଚିନ୍ତା-ଚେତନାକୁ ବିକଶିତ କରାଇବାରେ ମୁଁ ବିଶ୍ୱାସ କରେ, ଗଡ୍ଡାଳିକା ପ୍ରବାହରେ ରଚିତ ହେଉଥିବା ପ୍ରବନ୍ଧ ଆଲୋଚନା କେଜାଣି କାହିଁକି ମୋତେ ପ୍ରଭାବିତ କରିପାରେ ନାହିଁ। ସେଥିପାଇଁ ପ୍ରବନ୍ଧ ରଚନା କଲାବେଳେ ଏହି ଦିଗ ପ୍ରତି ସଚେତନ ଥାଏ।

ଜୀବନୀ ରଚନା କରିବାରେ ପାଏ ପ୍ରଚୁର ଆନନ୍ଦ। ଜଣେ ବିଶିଷ୍ଟ ଲେଖକ ବା ସାହିତ୍ୟ ସ୍ରଷ୍ଟାଙ୍କୁ ଭିନ୍ନ ରୂପରେ ଆବିଷ୍କାର କରେ। ତାଙ୍କ ଜୀବନର ମହନୀୟ ଦିଗ, ସାଧନାଦୀପ୍ତ ଜୀବନର ଅବିସ୍ମରଣୀୟ ଅଧ୍ୟାୟକୁ ଚିତ୍ରିତ କରିବା ଜୀବନୀ ରଚନାର ଲକ୍ଷ୍ୟ। ମୋର ବ୍ୟକ୍ତିଗତ ମତ, ଉପଲବ୍ଧି ଅନୁଭବ କ୍ଷେତ୍ରରେ ଯେତେ ଗଭୀର ହେବ, ଜୀବନୀ ସେତେ ଜୀବନ୍ତ ଓ ବାସ୍ତବ ହେବ। ସେଥିପାଇଁ ଲେଖୁଥିବା ଜୀବନୀର ନାୟକମାନଙ୍କ ଜନ୍ମମାଟି ଓ ସେମାନଙ୍କ ଆତଯାତ ହେଉଥିବା ବିଭିନ୍ନ କ୍ଷେତ୍ରକୁ ଯାଏ। ତାଙ୍କ ସହିତ ମିଶିଥିବା ମଣିଷମାନଙ୍କୁ ଭେଟେ, ସେମାନଙ୍କ ଉପଲବ୍ଧ ଅନୁଭବକୁ ସଂଗ୍ରହ କରିବାକୁ ଚେଷ୍ଟା କରେ। ଜୀବନୀ ରଚନା ଏକ ଜାତୀୟ କର୍ତ୍ତବ୍ୟ ବୋଲି ବିଚାର କରେ।

ସାହିତ୍ୟ ରଚନା କେବଳ ନୁହେଁ, ସାହିତ୍ୟର ପରିବ୍ୟାପ୍ତି ଓ ପ୍ରସାର ଏକାନ୍ତ ଅପରିହାର୍ଯ୍ୟ। ସାହିତ୍ୟର ବିକାଶ ହେଲେ ସମାଜ ସୌନ୍ଦର୍ଯ୍ୟପୂର୍ଣ୍ଣ ହୋଇଯିବ। ସାହିତ୍ୟକୁ ବୁଝିଲେ ମଣିଷମାନଙ୍କ ଭିତରେ ଈର୍ଷା, ହିଂସା, ଦ୍ୱେଷ, ପରଶ୍ରୀକାତରତା ଲୋପ ପାଇଯିବ। ସତ୍ ସାହିତ୍ୟ ମଣିଷକୁ ଏକ ସୂତ୍ରରେ ବାନ୍ଧି ରଖିବା, ମଣିଷ ମଣିଷର ସମ୍ପର୍କକୁ ନିବିଡ଼ କରାଇବାରେ ସହାୟକ ହେବ। ତେଣୁ ସାହିତ୍ୟର ପ୍ରସାର ପାଇଁ ସଂଗଠନର ଆବଶ୍ୟକତା ଅଛି। ସେଥିପାଇଁ ସାହିତ୍ୟ ରଚନା ସହିତ ସାହିତ୍ୟର ବିସ୍ତାର ପାଇଁ ସାହିତ୍ୟ ଅନୁଷ୍ଠାନ ଗଠନ, ପ୍ରାଚୀନ ସାହିତ୍ୟ ଅନୁଷ୍ଠାନର ସଂରକ୍ଷଣ ଓ ଉନ୍ନତି ପାଇଁ ସାଧ୍ୟମତେ ପ୍ରୟାସ କରେ। ମୋର ବିଶ୍ୱାସ, ନିଷ୍ଠାପର ସାହିତ୍ୟସେବା ସବୁଠାରୁ ପୁଣ୍ୟ ଓ ପବିତ୍ର କାର୍ଯ୍ୟ। ■

ପୂର୍ବତନ ସଭାପତି
ଉତ୍କଳ ସାହିତ୍ୟ ସମାଜ, କଟକ
ମୋ: ୯୪୩୭୫୦୪୨୪୫

## ଶାଶୂଘରୁ ନବବଧୂକୁ ଉଠାଇନେଲା ପ୍ରେମିକ

ଦେଓଗାଁ,୨୮।୨(ସମିସ): ବଲାଙ୍ଗିର ଜିଲ୍ଲାରେ କିଛି ଦିନ ହେଲା ନବବଧୂକୁ ପ୍ରେମିକ ଉଠାଇନେବା ଘଟଣା ଗୋଟିଏ ପରେ ଗୋଟିଏ ଚର୍ଚ୍ଚାର କେନ୍ଦ୍ର ପାଲଟଛି। ଦେଓଗାଁ ଥାନା ମୁରସିଂ ଗାଁରେ ମଧ୍ୟ ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମୁରସିଂର ଜଣେ ଯୁବକ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହର ମାତ୍ର ଦୁଇ ଦିନ ପରେ ନବବଧୂକୁ ତାଙ୍କ ପ୍ରେମିକ ଆସି ଘର ବାହାରୁ ବାଇକରେ ବସାଇ ନେଇଯାଇଛନ୍ତି। ବିବାହିତ ଯୁବକଙ୍କ ଲିଖିତ ଅଭିଯୋଗ ପରେ ଦେଓଗାଁ ପୁଲିସ ମାମଲା ରୁଜୁ କରିଥିଲା। କଣ୍ଟାମାଳ ଅଞ୍ଚଳରୁ ଉଭୟ ପ୍ରେମିକ ଓ ନବବଧୂକୁ ଉଦ୍ଧାର କରି ପୁଲିସ ଦେଓଗାଁ ଥାନାକୁ ଆଣିଥିଲା। ଥାନାରେ ନବବଧୂର ପରିବାର, ମୁରସିଂର ବିବାହିତ ଯୁବକଙ୍କ ପରିବାର ଓ ପ୍ରେମିକଙ୍କ ପରିବାରଲୋକଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଛି। ସମସ୍ତଙ୍କ ସହମତିରେ ସଂପୃକ୍ତ ନବବଧୂକୁ ପୁଲିସ ତାଙ୍କ ପ୍ରେମିକ ସହ ଛାଡ଼ିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁରେଶ ଚନ୍ଦ୍ର ବିଶି ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାରୁଦ ଗଦାରେ...

କରିଥିଲେ, ମାତ୍ର ଆମେ ଏହାକୁ ଶେଷ କରିବୁ। ଶତ୍ରୁକୁ ଦଳି ଦେବୁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଇରାନର ସରକାରୀ ମୁଖପାତ୍ର କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ୧୪ଟି ସାମରିକ ଘାଟୀ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯାଇଛି ଏବଂ ଏଥିରେ ଆମେରିକାର ଶତାଧିକ ସୈନିକ ନିହତ ହୋଇଛନ୍ତି। ଯୁଦ୍ଧକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏହା ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରିପାରେ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ତେହରାନର ତିନିରୁ ଚାରୋଟି ସ୍ଥାନରେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଥିଲେ। ଦୁଇରୁ ଚାରି ଘଣ୍ଟା ପର୍ଯ୍ୟନ୍ତ ତୁହାକୁ ତୁହା ବିସ୍ଫୋରଣ ହୋଇଥିଲା। ଇରାନର ବିଭିନ୍ନ ସହରରେ ହୋଇଥିବା ବିସ୍ଫୋରଣର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇରାନର ଗୁଇନ୍ଦା ମନ୍ତ୍ରାଳୟ, ପ୍ରତିରକ୍ଷା ମନ୍ତ୍ରାଳୟ, ପରମାଣୁ ଶକ୍ତି ସଂଗଠନ, ସର୍ବୋଚ୍ଚ ଶାସକ ଆୟତୁଲ୍ଲା ଅଲ ଖାମନେଇଙ୍କ ଅଫିସ ନିକଟରେ ମଧ୍ୟ ଆକ୍ରମଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୮୬ ବର୍ଷୀୟ ଖାମନେଇଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଛି। ସେ ତେହରାନ ଛାଡ଼ି ଦେଇଛନ୍ତି। ଦେଶରେ ଜରୁରୀକାଳୀନ ସ୍ଥିତି ଲାଗୁ କରାଯାଇଛି। ଲୋକଙ୍କୁ ତେହରାନ ଛାଡ଼ିବାକୁ କୁହାଯାଇଛି। ଦେଶର ବାୟୁସୀମା ବନ୍ଦ କରିଦିଆଯାଇଛି।

ଇସ୍ରାଏଲ ଏହି ଅଭିଯାନର ନାମ 'ଅପରେସନ ଲାୟନ୍ସ ରୋର୍' ତଥା ସିଂହର ଗର୍ଜନ ଏବଂ ଆମେରିକା 'ଅପରେସନ ଏପିକ୍ ଫ୍ୟୁରି' ତଥା ମହାକ୍ରୋଧ ରଖିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ବିଶାଳ ନୌସେନା ଅଭିଯାନ କହିଛନ୍ତି। ଆମେରିକା ଏବଂ ଦେଶର ଲୋକଙ୍କୁ ବିପଦରୁ ସୁରକ୍ଷା ଦେବା ଏହି ଅଭିଯାନର ଉଦ୍ଦେଶ୍ୟ। ଇରାନର କ୍ଷେପଣାସ୍ତ୍ର ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ପାଇଁ ଆମେରିକା ସେନା ଲାଗିଛି। କାରଣ ଇରାନର କାର୍ଯ୍ୟକଳାପ ଆମେରିକା, ଦେଶର ସୈନିକ, ବିଦେଶରେ ଥିବା ସାମରିକ ଠିକଣା ଏବଂ ସହଯୋଗୀ ଦେଶଙ୍କ ପାଇଁ ବିପଦ। ଦୀର୍ଘ ବର୍ଷ ହେଲା ଆମେରିକା ବିରୋଧରେ ଇରାନ ଶାସକ କାର୍ଯ୍ୟକରି ଆସୁଛନ୍ତି। ତେହରାନ ନିଜ କାର୍ଯ୍ୟାନୁଷ୍ଠାନରେ ଆମେରିକା ଏବଂ ଅନ୍ୟ ଦେଶର ଲୋକଙ୍କୁ ନିଶାଣ କରି ଆସିଛି। ସେହିପରି ଟ୍ରମ୍ପ ଇରାନର ରିଭୋଲ୍ୟୁସନାରୀ ଗାର୍ଡ୍ସଙ୍କୁ ଆତ୍ମସମର୍ପଣ କରିବାକୁ କହିଛନ୍ତି। ଏପରି କଲେ ସମ୍ପୂର୍ଣ୍ଣ ଭାବେ କ୍ଷମା କରିଦିଆଯିବ ବୋଲି ରାଷ୍ଟ୍ରପତି ପ୍ରତିଶ୍ରୁତି ଦେଇଛନ୍ତି। ଏବେ କେବଳ ଆକାଶ ମାର୍ଗରୁ ଆକ୍ରମଣ ହେଉଛି। ମାତ୍ର ଆତ୍ମସମର୍ପଣ କରିବା ଭଳି କୌଣସି ସ୍ଥାନ ଏବେ ବାକି ନ ଥିବା କହିଛନ୍ତି।

ଅନ୍ୟପକ୍ଷରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଯୁଦ୍ଧ ବିଶ୍ୱ ଶାନ୍ତି ଏବଂ ସୁରକ୍ଷା ପାଇଁ ବଡ଼ ବିପଦ। ସ୍ଥିତି ବହୁତ ବିପଜ୍ଜନକ ହେବାରେ ଲାଗିଛି। ଏହି ଉତ୍ତେଜନାକୁ ତୁରନ୍ତ ବନ୍ଦ କରିବା ଉଚିତ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି। ନିଜ ଦେଶ, ନାଗରିକ ଏବଂ ମଧ୍ୟପ୍ରାଚ୍ୟରେ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ଫ୍ରାନ୍ସ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଯଦି ସହଯୋଗୀ ରାଷ୍ଟ୍ର ସହାୟତା ମାଗିବେ ତେବେ ସୁରକ୍ଷା ଦେବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ଦେଶ ପ୍ରସ୍ତୁତ ଅଛି। ସେହିପରି ଇରାନ ଉପରେ ଇସ୍ରାଏଲ୍ ଓ ଆମେରିକାର ମିଳିତ ଆକ୍ରମଣ ବିଶ୍ୱପାଇଁ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ଉଭୟ ପକ୍ଷ ସଂଯମ ରକ୍ଷା କରିବା ଜରୁରୀ ବୋଲି ସ୍ପେନ୍ କହିଛି। ଅନ୍ୟପକ୍ଷରେ ଋଷ ମଧ୍ୟ ଆମେରିକାର ଆକ୍ରମଣକୁ ଅନୁଚିତ କହିବା ସହ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଜାତିସଂଘ ମହାସଚିବ ମଧ୍ୟ ଆକ୍ରମଣର ନିନ୍ଦା କରିବା ସହିତ ତୁରନ୍ତ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି।

ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ଦେଖି ତୁରନ୍ତ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସ୍‌ସି) ବୈଠକ ଡାକିବାକୁ ଓମାନ ପକ୍ଷରୁ ଦାବି କରାଯାଇଛି। କୁହାଯାଇଛି ଯେ ଇରାନରେ ଆକ୍ରମଣ ଦ୍ୱାରା ସ୍ଥିତି ଅଧିକ ବିଗିଡ଼ି ଯାଇପାରେ। ଏହାର ପ୍ରଭାବ ସମଗ୍ର ଅଞ୍ଚଳରେ ପଡ଼ିପାରେ। ଏହାକୁ ସମ୍ଭାଳିବା ମଧ୍ୟ କଷ୍ଟସାଧ୍ୟ ହୋଇଯିବ। ତେଣୁ ଅସ୍ତ୍ରବିରତି କରିବା ପାଇଁ ତୁରନ୍ତ ୟୁଏନଏସ୍‌ସି ବୈଠକ ଡାକିବାକୁ କୁହାଯାଇଛି। ସବୁ ଦେଶ ଅନ୍ତର୍ଜାତୀୟ ଆଇନକୁ ମାନିବା ଉଚିତ ବୋଲି ଓମାନ କହିଛନ୍ତି। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ, ନିଜର ସୁରକ୍ଷା ପ୍ରତ୍ୟେକ ଦେଶର ଅଧିକାର। ମାତ୍ର ସବୁ ପକ୍ଷ ସଂଯମ ଅବଲମ୍ବନ କରି ଆଲୋଚନାର ପନ୍ଥା ଆପଣାଇବା ଆବଶ୍ୟକ। ସେହିପରି ଇରାନ ଉପରେ ଆକ୍ରମଣ ଆମେରିକା ଏବଂ ସାରା ବିଶ୍ୱ ପାଇଁ ଲାଭଜନକ ନୁହେଁ ବୋଲି ଓମାନ ପକ୍ଷରୁ କୁହାଯାଇଛି।

### ୩୦୦ ମୃତ...

କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନ ସହିତ ମୋର ଭଲ ସମ୍ପର୍କ ଅଛି ଏବଂ ପାକିସ୍ତାନ ବର୍ତ୍ତମାନ ଭଲ ପ୍ରଦର୍ଶନ କରୁଛି। ଶୁକ୍ରବାର ଏହି ଯୁଦ୍ଧ ନେଇ ଟ୍ରମ୍ପଙ୍କୁ ପଚରା ଯିବାରୁ ସେ ସେନା ମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନୀର ଓ ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, 'ମୁଁ ହସ୍ତକ୍ଷେପ କରିଥାନ୍ତି, କିନ୍ତୁ ଆପଣଙ୍କ ପାଖରେ ଜଣେ ମହାନ ପ୍ରଧାନମନ୍ତ୍ରୀ ଓ ଜଣେ ମହାନ ଜେନେରାଲ ଅଛନ୍ତି। ମୁଁ ସେମାନଙ୍କୁ ବହୁତ ସମ୍ମାନ କରେ।' ସେପଟେ ପାକିସ୍ତାନ ସେନା ମୁଖପାତ୍ର ଅଭିଯୋଗ କରିଛନ୍ତି ଯେ ପାକିସ୍ତାନରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ପଛରେ ଭାରତର ହାତ ରହିଛି ଏବଂ ଏଥିପାଇଁ ଆଫଗାନିସ୍ତାନର ମାଟି ବ୍ୟବହାର କରାଯାଉଛି।

### ସଂତୃପ୍ତ, ଦଣ୍ଡେଶ୍ୱର...

ନାମକୁ ଘୋଷଣା କରିଛନ୍ତି। ରାଜ୍ୟ ରାଜନୀତିରେ ନିଜର ସରପ୍ରାଇଜ ପାଇଁ ସବୁବେଳେ ନବୀନ ପଟ୍ଟନାୟକ ଚର୍ଚ୍ଚାରେ ରହି ଆସୁଥିବା ବେଳେ ତାଙ୍କ ଚତୁର୍ଥ ଆସନ ନିଷ୍ପତ୍ତିକୁ ସମସ୍ତେ ଚାହିଁ ବସିଥିଲେ। ପୂର୍ବରୁ ରାଜ୍ୟସ୍ୱାର୍ଥ ପାଇଁ ନବୀନ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରିଥିବା ବେଳେ ଆସନ୍ତା ନିର୍ବାଚନରେ କେଉଁ ପଦକ୍ଷେପ ନେଉଛନ୍ତି, ସେନେଇ ସାଧାରଣରେ ଉତ୍କଣ୍ଠା ବଢ଼ିଥିଲା। ଏହି ସମୟରେ ଗୁରୁବାର ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକରେ ସଦସ୍ୟମାନେ ପ୍ରାର୍ଥୀ ମନୋନୟନ ଦାୟିତ୍ୱ ସମ୍ପୂର୍ଣ୍ଣ ରୂପେ ନବୀନଙ୍କ ଉପରେ ନ୍ୟସ୍ତ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ବିଧାୟକମାନଙ୍କ ସହ ଏହି ପ୍ରସଙ୍ଗରେ ନବୀନ ଆଲୋଚନା କରିଥିଲେ। ଶନିବାର ସକାଳେ ମଧ୍ୟ ଏ ସଂକ୍ରାନ୍ତରେ ଦଳର ବିଧାୟକମାନଙ୍କର ମତାମତ ସଂଗ୍ରହ କରାଯିବା ପରେ ନବୀନ ମଧ୍ୟାହ୍ନରେ ଡା. ହୋତାଙ୍କ ନାମ ଘୋଷଣା କରିଛନ୍ତି।

ଡା. ହୋତାଙ୍କୁ ରାଜ୍ୟସଭା ପ୍ରାର୍ଥୀ ଘୋଷଣାକୁ କଂଗ୍ରେସ ସମର୍ଥନ ଜଣାଇଛି। ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଚତୁର୍ଥ ଆସନ ପାଇଁ କୌଣସି ଦଳ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ। ତେଣୁ ଓଡ଼ିଶା ପାଇଁ କାମ କରିଥିବା ଜଣେ ନିରପେକ୍ଷ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବାକୁ ସେ ଦୁଇ ତିନି ସପ୍ତାହ ହେଲା କହୁଥିଲେ। ବିଜେଡିର ବଳକା ଭୋଟ ଓ କଂଗ୍ରେସ ପ୍ରାର୍ଥୀଙ୍କ ସମର୍ଥନ ୪ର୍ଥ ପ୍ରାର୍ଥୀଙ୍କୁ ବିଜୟୀ କରିବାରେ ସକ୍ଷମ ହେବେ। ନବୀନ ବାବୁ ଡା. ହୋତାଙ୍କୁ ଆଜି କମନ କ୍ୟାଣ୍ଡିଡେଟ୍ ଘୋଷଣା କରିଛନ୍ତି। ବିରୋଧୀ ଦଳ ହିସାବରେ ଆମେ ଏହାକୁ ସମ୍ମାନ କରୁଛୁ ଓ ତାଙ୍କୁ ସାଧୁବାଦ ଜଣାଉଛୁ। ଡାକ୍ତର ଦଣ୍ଡେଶ୍ୱର ହୋତା ଜଣେ ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ୟୁରୋଲୋଜିଷ୍ଟ। ରାଜ୍ୟରେ ଓ ଦେଶରେ ସେ ବହୁତ ପ୍ରସିଦ୍ଧ। ନିଜେ ପ୍ରତିଷ୍ଠା କରିଥିବା ଟ୍ରଷ୍ଟ ଜରିଆରେ ସେ ରାଜ୍ୟର ଉପାନ୍ତ ଅଞ୍ଚଳଗୁଡ଼ିକରେ ୧୦୦ରୁ ଅଧିକ ମାଗଣା ଚିକିତ୍ସା ଶିବିର ଆୟୋଜନ କରିଛନ୍ତି। ବିଭିନ୍ନ ଜିଲ୍ଲା ଓ ବ୍ଲକର ଅଗମ୍ୟ ଅଞ୍ଚଳରେ ସେ ଲୋକଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ତାଙ୍କର ଏହି ସେବା ମନୋଭାବ ଯୋଗୁ ପ୍ରାୟ ଏକ ଲକ୍ଷ ଲୋକ ମାଗଣାରେ ଚିକିତ୍ସିତ ହୋଇଛନ୍ତି। ଚିକିତ୍ସା କ୍ଷେତ୍ରରେ ସେ ଭଲ ନାମ ଅର୍ଜନ କରିଛନ୍ତି। ତେଣୁ ତାଙ୍କ ଭଳି ଜଣେ ବ୍ୟକ୍ତିତ୍ୱଙ୍କୁ କମନ କ୍ୟାଣ୍ଡିଡେଟ୍ କରାଯିବା ନିଷ୍ପତ୍ତିକୁ ନେଇ ଆମେ ଏକମତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ପ୍ରଭାତ ବିଶ୍ୱାଳ...

ଦୃଷ୍ଟିଗୋଚର ହୋଇଥିଲା। ଅନୁରୂପ ଭାବରେ ବିଜେଡିର କଟକ ଜିଲ୍ଲା ସଂଗଠନରେ ମଧ୍ୟ ସେ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଥିବା ଓ ପଦାଧିକାରୀଙ୍କ ଉଦ୍ଦେଶ୍ୟରେ ମନ୍ଦ ଟିପ୍ପଣୀ ଦେଉଥିବା ସଂକ୍ରାନ୍ତ ଅଭିଯୋଗ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଦଳର ପୁରୁଣା କର୍ମୀ ଭାବରେ ଶୃଙ୍ଖଳା ମଧ୍ୟରେ ରହିବା ପାଇଁ ତାଙ୍କୁ ଅନେକ ସୁଯୋଗ ଦିଆଯାଇଥିଲେ ହେଁ ଏହାକୁ ଶ୍ରୀ ବିଶ୍ୱାଳ ଭିନ୍ନ ଅର୍ଥରେ ନେଇଥିଲେ। କ୍ରମାଗତ ଭାବରେ ଦଳୀୟ ଶୃଙ୍ଖଳା ଭଙ୍ଗ କରୁଥିବା ନେଇ ଅଭିଯୋଗ ପରେ ସଭାପତି ବାଧ୍ୟ ହୋଇ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଶ୍ରୀ ବିଶ୍ୱାଳଙ୍କୁ ଦଳୀୟ ଶୃଙ୍ଖଳା ମଧ୍ୟରେ ରହିବା ପାଇଁ ଅନେକ ସୁଯୋଗ ଦିଆଯାଇଥିଲେ ହେଁ, ସେ ଲାଗାତାର ଭାବେ ଏହାକୁ ଉଲ୍ଲଂଘନ କରି ଚାଲିଥିଲେ। ଫଳରେ ବାଧ୍ୟହୋଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ବିରୋଧେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଉଛି।

### ଏଚ୍‌ପିଭି ଟିକାକରଣ...

ହ୍ୟୁମାନ ପାପିଲୋମା ଭାଇରସ୍ ବା ଏଚ୍‌ପିଭି ପାଇଁ ଏହି ଟିକା ଆମ କନ୍ୟା ମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। କର୍କଟ ରୋଗର ମୁକାବିଲା ନିମନ୍ତେ ୨୦୨୬-୨୭ ବଜେଟ୍ ରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା କାର୍ଯ୍ୟକ୍ରମ' ଘୋଷଣା କରାଯାଇଛି। ଏଥିରେ ବ୍ୟାପକ କମ୍ୟୁନିଟି ଆୱାରନେସ୍ ସହିତ ଗାଁ ଗହଳିରେ ସ୍କ୍ରିନିଂ, ମୋବାଇଲ୍ କ୍ୟାମ୍ପ ଜରିଆରେ ପଦକ୍ଷେପ ନିଆଯାଇ ଆଗୁଆ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଓଡିଶା ପାଇଁ ସ୍ୱତନ୍ତ୍ର ଭାବେ ୧୨୧ଟି କର୍କଟ ଚିକିତ୍ସା ପ୍ୟାକେଜ୍ ମଧ୍ୟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବା ପାଇଁ ୨୮ଟି ନୂଆ ୧୦୮ ଆମ୍ବୁଲାନ୍ସ ମଧ୍ୟ ଲୋକାର୍ପଣ କରିଛନ୍ତି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୪୦୦ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଥିବା ବେଳେ ୪୨୮ଟି ନୂଆ ଆମ୍ବୁଲାନ୍ସ ରାଜ୍ୟବାସୀଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଯୋଡି ହୋଇଛି। ଏହି ନୂଆ ଆମ୍ବୁଲାନ୍ସ ଗୁଡିକ ରାଜ୍ୟବାସୀଙ୍କୁ ଜରୁରୀକାଳୀନ ସେବା ଯୋଗାଇଦେଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ମଜବୁତ୍ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡି ଓ ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍ ସ୍ୱାଗତ ଭାଷଣ ଦେଇଥିଲେ।


## NOTICE

This is to inform that Majhiguda Decorative Stone Quarry of M/s Sri Bhubaneswari Granites over an are of 10.522 Hectares or 26.00 Acres located in Majhiguda Village, Khairaput Tahasil, Malkangiri District has accorded Environmental Clearance by State Environmental Impact Assessment Authority (SEIAA), Odisha for production of Decorative Stone to the tune of 19,308 cum/annum vide letter dated 06.11.2025. File number - File No.522541/63-MINB1/02-2025. EC identification Number - EC25B0108OR5615025N.

Sd/- K.Srinivasa Rao
Managing partner, M/S Sri Bhubaneswari Granites

## NOTICE

This is to inform that Majhiguda Decorative stone Quarry of M/s KPK Granites over an area of 14.016 hectares or 34.635 Acres located in Majhiguda Villagem Khairput Tahasil, Malkangiri District has accorded Environmental Clearance by State Environmental Impact Assessment Authority (SEIAA), Odisha for production of decorative stone to the tune of 20,870 cum/annum vide letter dated 23.02.2026. File number548781/102 - MINB1/09-2025, EC Identification number - EC 25B0108OR5971113N

Sd/- Srinivasa Rao
Managing Partner, M/s KPK Granites

## AFFIDAVIT (DEED OF ADOPTION)

By virtue of an affidavit sworn before the Notary Public, Nayagarh, dtd- 26/02/2026. I, **Kuber Pradhan,** aged about 39 years, natural born son of Ramachandra Pradhan and Sabitri Pradhan, resident of Vill- Luharkhani, P.O- Koska, P.S- Khandapada, Dist- Nayagarh, State- Odisha, at Present- **Kuber Pal,** adopted son of Satyabadi Pal & Sabita Dei of Vill- Pathuripada, P.O- Barapalli, P.S/Dist- Nayagarh, Odisha, by caste chasa.

Henceforth, I shall be known as **Kuber Pal, S/o** Satyabadi Pal for official, non official and all other purposes.

**Sd/- Kuber Pal**

## ZILLA PARISHAD OFFICE, BALANGIR

Dist.-BALANGIR, Odisha. Pin- 767001
E-mail : ori-dbolangir.odisha.gov.in
Ph. - 06652-232863

Panchayati Raj

Notice No. 982 / Date 26.02.2026 — 19001/59/2526

**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME.**

Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad, Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.

The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.

1. Opening of RFP documents : 25.03.2026 at 11.30 A.M.(Technical Bid)
2. Opening of RFP documents : 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of Rs.**10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir** from any of the Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.

C.D.O-cum-E.O.,
Zilla Parishad, Balangir

OIPR-19001/19248/1/25-26/0001

## DISTRICT PROJECT MANAGEMENT UNIT-ECRICC PROJECT
## OFFICE OF THE DIVISIONAL FOREST OFFICER: PURI WILDLIFE DIVISION: CHAKRATIRTHA ROAD: PURI-752002

8001/105/2526

**Advertisement Notice for Engagement of Subject Mailer Specialists and Finance & Admn. Officer for "Enhancing Climate Resilience of Indian Coastal Communities (ECRICC) Project under PURI (WL) Division, PURI**

CVs are invited from the interested and eligible candidates for recruitment of the following

| Sl.No | Name of the Contractual Position | Total No of Position | Place of Deployment/ Duty Station |
|---|---|---|---|
| 1 | SMS-Seagrass (Plant Specialist) | 1 | O/O DFO (WL) Puri |
| 2 | SMS-Seagrass (Marine Biologist) | 1 | |
| 3 | SMS-Seagrass (Plant Specialist) | 1 | O/O DFO (WL) Chilika |
| 4 | SMS- Seagrass (Marine Biologist) | 1 | |
| 5 | SMS-Finance & Admn. Officer | 1 | |

The SMSs will be responsible for implementation of Project activities in the operational area of Puri & Ganjam. The initial period of engagement will be 1 (one) year with renewable in nature upon satisfactory performance. The detail ToRs, eligibility criteria, remuneration, etc. are available at www.puri.odisha.gov.in from 27th Feb.2026 till 16th March. 2026.

A certified copy of the Application Format along with necessary documents must reach the O/O DFO Puri (WL) latest by 5 PM of 16th March 2026 through Registered or Speed Post only. No other mode of communication will be entertained. The incomplete or applications received after due date and time will summarily be rejected and not to be considered for further processing.

The date, time and venue of the Interview will be intimated ONLY to the shortlisted candidates though E- mail provided by the candidate in the application format.

No TA/DA will be provided to candidates for attending the interview.

The undersigned reserves the right to accept or reject any or all applications or to postpone the selection process without assigning any reason thereof.

DIVISIONAL FOREST OFFICER PURI
WILDLIFE DIVISION, PURI.

OIPR-8001/8140/1/25-26/0013

25001/275/2526

E-mail: eerw_ptng@yahoo.in
Phone No – 06658-222121

## GOVT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION PATNAGARH

**e Procurement Notice**

IFB IDENTIFICATION NO. **EEPTNG- Online -23/2025-26**

| | | | |
|---|---|---|---|
| 1. | Name of work | : | Special Repair of Road |
| 2. | Total no of work | : | 02 (One) No works |
| 3. | Time for completion | : | 01 (One) Calendar month or 31st March' 2026 whichever is earlier |
| 4. | Approximate estimated cost | | 18.33 lakh to 42.37 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | **Other details are as follow** | | |

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Patnagarh | EEPTNG-Online-23/2025-26 | 05.03.2026 at 11.00 AM | 12.03.2026 upto 5.00 P.M | 11.03.2026 upto 5.00 PM | 13.03.2026 at 11.000 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

-Sd- Executive Engineer
R.W.Division, Patnagarh

OIPR-25001/25154/1/25-26/0005

## ୟୁନିଅନ ବ୍ୟାଙ୍କ Union Bank of India
## କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର

ମାଣିଖାନ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର
ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର **ସମ୍ପୃକ୍ତ ଶାଖା** ପରିସରରେ ତା.୧୩.୦୩.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୬୩୭୨୬୧୮୪୪** | | | |
| ୧. | ଶ୍ରୀ ପ୍ରଭାତ କୁମାର ମହାପାତ୍ର, ପିତା: ବି ମହାପାତ୍ର, ସା: ରାଇଦାନୀ, ପୋ: କୁଶଳଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୮୫ / ୨୫୫୪୧୬୫୪୦୦୦୦୭୯୩ | ଟ.୮,୫୮୬.୦୦ | ୨ | ୨.୩୯ |
| ୨. | ଶ୍ରୀ ପ୍ରଭାତ କୁମାର ମହାପାତ୍ର, ପିତା: ବି ମହାପାତ୍ର, ସା: ରାଇଦାନୀ, ପୋ: କୁଶଳଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୮୫ / ୨୫୫୪୧୬୫୪୦୦୦୦୬୬୯ | ଟ.୫୯,୪୮୩.୨୩ | ୧୦.୫୬ | ୧୨.୫୯ |
| ୩. | ଶ୍ରୀମତୀ ପ୍ରମିଳା ଦାସ, ସା: କାଠପାଳ, ପୋ: ବୈରିତପୁର, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୧୦୧ / ୨୫୫୪୧୬୫୪୦୦୦୦୭୮୩ | ଟ.୧୧,୦୪୬.୪୯ | ୨.୨୬ | ୨.୮୩ |
| | **ବଡବିଲ-୧ ଶାଖା, ଷ୍ଟେସନ୍ ରୋଡ୍, ବଡବିଲ, କେନ୍ଦୁଝର, ଓଡ଼ିଶା-୭୫୮୦୩୫, ମୋ.: ୯୧୭୮୬୫୪୮୬୪** | | | |
| ୧. | ଶ୍ରୀ ଦୀପକ କୁମାର ଯାଦବ, ପିତା: ଦିଲୀପ ଯାଦବ, ସା: ରେଲୱେ ମାର୍କେଟ ମସଜିଦ୍ ନୁଆ, ପୋ: ଗୁଆ, ଜିଲ୍ଲା: ନୋଆମୁଣ୍ଡି, ଝାଡ଼ଖଣ୍ଡ, ପିନ୍-୮୩୩୨୧୩ / ୫୫୪୧୦୬୫୪୦୦୦୦୨୦୭ | ଟ.୩୧,୬୧୫.୫୨ | ୭.୪୨ | ୯.୧୮ |
| ୨. | ଶ୍ରୀ ମନୋଜ କୁମାର ଗିରି, ପିତା: କରୁଣା କର ଗିରି, ସା: ବିକାଶ ମହଲ, ପୋ/ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୫ / ୫୫୪୧୦୬୫୪୦୦୦୦୨୦୨ | ଟ.୧୬,୮୫୯.୦୦ | ୫.୪୮ | ୭.୦୫ |
| ୩. | ଶ୍ରୀମତୀ ଅଞ୍ଜୁ ଯୋଶୀ, ସ୍ୱାମୀ: ଅଜୟ ପ୍ରସାଦ ମିଶ୍ର, ଗ୍ରାମ/ପୋ: ନାଳଦା, ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୫ / ୫୫୪୧୦୬୫୪୦୦୦୦୨୦୧ | ଟ.୬୬,୨୩୦.୨୯ | ୧୧.୯୦୯ | ୧୫ |
| | **ମାର୍କୋଣା ଶାଖା, ମାର୍କୋଣା ଷ୍ଟେସନ ବଜାର, ଶ୍ରୀମୁଳିଆ ପୋଷ୍ଟ ଅଫିସ୍ ଉପର ମହଲା, ଷ୍ଟେସନ ବଜାର ରୋଡ୍, ପୋ: ଶ୍ରୀମୁଳିଆ ବଜାର, ବାଲେଶ୍ୱର, ଓଡ଼ିଶା-୭୫୬୧୨୬, ମୋ.: ୮୭୯୪୨୩୦୭୨୬** | | | |
| ୧. | ଶ୍ରୀ ଦିପେନ କୁମାର ବେହେରା, ସା: ରାଇକୁଦା, ପୋ: କୁରୁଣ୍ଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୭ / ୭୬୯୮୦୬୫୪୦୦୦୦୭୭୭ | ଟ.୩୧,୩୩୩.୪୨ | ୫.୬୨ | ୬ |
| | **କେନ୍ଦୁଝର-୩ ଶାଖା, ପ୍ଲଟ୍ ନଂ.: ୧୩୨, ହୋଲ୍ଡିଂ ନଂ.: ୨୫୫, ଜଗନ୍ନାଥପୁର, କେନ୍ଦୁଝର, ଓଡ଼ିଶା-୭୫୮୦୦୧, ମୋ.: ୯୯୦୯୯୧୦୨୫୪** | | | |
| ୧. | ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ, ପିତା: ରବୀନ୍ଦ୍ର ସ୍ୱାଇଁ, ମାର୍ଫତ: ପ୍ରେମଲତା ପଣ୍ଡା, ସା: କାଶିପୁର, ପୋ: କେନ୍ଦୁଝରଗଡ଼, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୦୧ / ୨୯୭୦୨୬୫୪୦୦୦୦୩୦୯ | ଟ.୧୬,୩୫୨.୦୦ | ୩ | ୪.୨ |
| ୨. | ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ, ପିତା: ରବୀନ୍ଦ୍ର ସ୍ୱାଇଁ, ମାର୍ଫତ: ପ୍ରେମଲତା ପଣ୍ଡା, ସା: କାଶିପୁର, ପୋ: କେନ୍ଦୁଝରଗଡ଼, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୦୧ / ୨୯୭୦୨୬୬୩୦୦୦୦୦୩୪ | ଟ.୧୧,୯୫୧.୦୦ | ୨.୩୪ | ୨.୬ |
| | **ବରୁଆଁ ଶାଖା, ସା: ବରୁଆଁ, ପୋ: କବୀରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୯, ମୋ.: ୯୪୪୯୦୦୮୨୫୨** | | | |
| ୧. | ଶ୍ରୀମତୀ ନୀଳିମା ରାଣୀ, ସା: ଉପର ବରୁଆଁ, ପୋ: କବୀରପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୯ / ୬୬୩୧୬୫୪୦୦୦୦୨୬୬ | ଟ.୭୫,୮୬୪.୦୧ | ୧୫.୨ | ୨୩.୫ |
| | **ବଡବିଲ ମୁଖ୍ୟ ଶାଖା, ମାୟା କମ୍ପ୍ଲେକ୍ସ, ବଡବିଲ ମେନ୍ ରୋଡ୍, ବଡବିଲ, କେନ୍ଦୁଝର, ଓଡ଼ିଶା-୭୫୮୦୩୫, ମୋ.: ୮୦୦୭୯୨୨୩୩୬** | | | |
| ୧. | ଶ୍ରୀମତୀ ରୀନା ସାମଲ, ସ୍ୱାମୀ: ରଜତ କୁମାର ସାମଲ, ୱାର୍ଡ ନଂ. ୮ ପିଏଚଡି ରୋଡ୍, ପୋ/ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୫ / ୩୧୦୨୨୬୫୪୦୦୦୦୨୪୯ | ଟ.୨୭,୧୩୭.୪୩ | ୮.୧୭ | ୯.୪ |
| ୨. | ଶ୍ରୀ ରାଜେନ୍ଦ୍ର ସିଂହ, ପିତା: ଇନ୍ଦ୍ରଜିତ ସିଂହ, ୱାର୍ଡ ନଂ. ୭, ବେଲକୁଣ୍ଡି ରୋଡ୍, ବଡବିଲ, ପୋ/ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୫ / ୩୧୦୨୨୬୬୩୦୦୦୦୦୯୫ | ଟ.୯୫,୪୪୮.୦୦ | ୧୯.୩୩ | ୨୧.୪୮ |
| ୩. | ଶ୍ରୀ ବିକାଶ ଚନ୍ଦ୍ର ନାଏକ, ପିତା: ବିରେଶ ନାଏକ, ପୋ: ବଲାଣି, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୭ / ୩୧୦୨୨୬୫୩୦୦୦୦୭୪୮ | ଟ.୫୧,୯୧୬.୫୦ | ୧୧.୬୪ | ୧୫.୫୨ |
| | **ବାଲେଶ୍ୱର-୩ ଶାଖା, ବାଗବୃନ୍ଦାବନ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୧, ମୋ.: ୮୦୧୬୨୨୮୩୯୦** | | | |
| ୧. | ଶ୍ରୀମତୀ ଅଞ୍ଜଳି ଦାସ, ସ୍ୱାମୀ: ତୁଷାରେନ୍ଦ୍ର ନାଥ ଦାସ, ରେମୁଣା ବ୍ଲକ୍ ନିକଟ, କାନୁଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୧୯ / ୩୦୯୯୨୬୫୪୦୦୦୦୮୬୩ | ଟ.୧,୫୩,୬୭୬.୨୪ | ୩୯.୦୧ | ୪୯.୧୪ |
| | **ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ପ୍ରଥମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯** | | | |
| ୧. | ଶ୍ରୀ ରାକେଶ କୁମାର ମହାପାତ୍ର, ମାର୍ଫତ: ଚିନ୍ମୟ ମହାପାତ୍ର, ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୨୭ / ୫୦୦୬୦୬୬୩୦୦୦୦୦୨୨୯ | ଟ.୪୮,୫୬୧.୦୦ | ୯.୩ | ୧୨.୬୬ |
| | **ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ପ୍ରଥମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯** | | | |
| ୧. | ଶ୍ରୀ ରାକେଶ କୁମାର ମହାପାତ୍ର, ମାର୍ଫତ: ଚିନ୍ମୟ ମହାପାତ୍ର, ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୨୭ / ୫୦୦୬୦୬୬୩୦୦୦୦୦୨୨୯ | ଟ.୪୮,୫୬୧.୦୦ | ୯.୩ | ୧୨.୬୬ |
| | **ବେତନଟୀ ଶାଖା, ପ୍ଲଟ୍ ନଂ.: ୨୯୪, ଖାତା ନଂ.: ୧୬୫, ବେତନଟୀ ଏମ୍.ପି.ସି. ହାଇ ସ୍କୁଲ ରୋଡ୍, ବେତନଟୀ, ମୟୂରଭଞ୍ଜ, ଓଡ଼ିଶା-୭୫୭୦୨୫, ମୋ.: ୯୧୦୮୨୭୮୧୮୪୬** | | | |
| ୧. | ଶ୍ରୀମତୀ ମୟୂରୀ ମାହୁଆଳ, ସ୍ୱାମୀ: ତାପସ କୁମାର ମାହୁଆଳ, ଛତ୍ରୁନାପଦା ମୁକ୍ତାପୁର, ବେତନଟୀ, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୧୦୦ / ୩୧୦୩୨୬୬୩୦୦୦୦୧୩୩ | ଟ.୧୨,୭୯୩.୦୦ | ୨.୧୬ | ୨.୪୧ |
| | **ଭଦ୍ରକ ମୁଖ୍ୟ ଶାଖା, ରାଜଘାଟ, ଭଦ୍ରକ, ପୋ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡ଼ିଶା-୭୫୬୧୦୧, ମୋ.: ୭୬୮୪୯୧୪୪୫୩** | | | |
| ୧. | ସୟଦ ଅନସର, ପିତା: ସୟଦ ମୁସ୍ତଫା, ୨୯୧, କାଜି ମୋଲ୍ଲା, ମୀର ସାହି, ପୁରୁଣା ବଜାର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୦୦ / ୩୮୫୯୦୬୬୩୦୦୦୦୨୦୮ | ଟ.୮୫,୬୮୯.୦୦ | ୧୪ | ୧୮.୬ |
| | **ବାରିପଦା-୩ ଶାଖା, ହୋଲ୍ଡିଂ ନଂ. ୫୩୩, ରକ୍ସି ମେନ୍ ରୋଡ୍, ବାରିପଦା-୭୫୭୦୦୧, ମୋ.: ୭୦୦୪୮୭୯୦୯୩** | | | |
| ୧. | ଶ୍ରୀ ପଙ୍କଜ କୁମାର ମିଶ୍ର, ପିତା: ଗୋପୀନାଥ ମିଶ୍ର, ସା: ଗୌଡ଼ଡିହ, ପୋ: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୩ / ୩୪୭୯୨୬୬୩୦୦୦୦୧୬୩ | ଟ.୨୨,୦୦୦.୦୦ | ୪ | ୪.୨୩ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ।

ସ୍ଥାନ : ବାଲେଶ୍ୱର, ତାରିଖ : ୨୭.୦୨.୨୦୨୬ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ପୂର୍ବ ତଟ ରେଳପଥ

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

**ଷ୍ଟେସନ ଏବଂ ସ୍ଥାନ :** 1) ଖୁର୍ଦ୍ଦାରୋଡ଼ ଷ୍ଟାଣ୍ଡ ନଂ 2 (2 ଚକିଆ) (ପ୍ଲାଟଫର୍ମ ନଂ.1 ପାର୍ଶ୍ୱରେ RMS କାର୍ଯ୍ୟାଳୟ ନିକଟରେ), 2) ଭୁବନେଶ୍ୱର (2 ଚକିଆ) (ପ୍ଲାଟଫର୍ମ ନଂ.1A ପାର୍ଶ୍ୱରେ ପମ୍ପ ଘର ନିକଟରେ), 3) କଟକ (2 ଚକିଆ) (ରେଲୱେ ଇନଷ୍ଟିଚ୍ୟୁଟ ନିକଟରେ), 4) କଣାସ ରୋଡ୍ (2 ଚକିଆ) (ଷ୍ଟେସନ ଭବନ ବାହାରେ)।

**ନିଲାମ ଆରମ୍ଭ ତାରିଖ ଓ ସମୟ :** (ସମସ୍ତ କ୍ରମ ସଂ. ପାଇଁ) : ତା.10.03.2026ରିଖ 1500 ଘଟିକା

**ନିଲାମ ଅନ୍ତିମ ତାରିଖ ଓ ସମୟ :** ତା.10.03.2026ରିଖ 1530 ଘଟିକା (କ୍ରମ ସଂ.1 ପାଇଁ), 1540 ଘଟିକା (କ୍ରମ ସଂ.2 ପାଇଁ), 1550 ଘଟିକା (କ୍ରମ ସଂ.3 ପାଇଁ) ଏବଂ 1600 ଘଟିକା (କ୍ରମ ସଂ.4 ପାଇଁ)

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡ଼ରମାନଙ୍କୁ ୱେବସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

PR-1175/Q/25-26

## AFFIDAVIT

I, Fauziya Nasreen Khan, W/o. Mr. Abdul Sajid Khan, D/o. Abdul Rafique Khan, resident of C4/201, Aditya Alumimium township, PO- Lapanga, Dist-Sambalpur, Pin-768212, Odisha declare by this affidavit no.6, dt.12/01/2026 that now onwards I shall be known as **FAUZIA NASREEN KHAN** for all future purposes.

## AFFIDAVIT

By virtue of an affidavit no.1089 before Executive Magistrate, Dhenkanal, dtd.21.02.2026, I, Tasweer Ahmad Khan, At- Maheswarpur, Brahmabarada, P.S.- Dharmasala, Dist- Jajpur hereby declare that my actual name is **Tasweer Ahmad Khan** but in some records including Birth Certificate and Aadhaar its wrongly mentioned as Tasweer Ahamed Khan. That Tasweer Ahmad Khan & Tasweer Ahamed Khan is one and the same person i.e myself. Henceforth I shall be known as **Tasweer Ahmad Khan** for all purposes.

## AFFIDAVIT

By virtue of this affidavit sworn before the Executive Magistrate, P.K.Jena (O.A.S.), Puri on dtd. 23.02.2026 that I want to change my name from Chinmayee Gochhayat to Geetarani Gochhayat of address Bhuan, P.O.- Chhaitana, P.S. Ramachandi, Dist.- Puri in my Aadhaar Card vide No. 7826 4424 4327. Henceforth I shall be known as **Geetarani Gochhayat** for all purposes.

## AFFIDAVIT

By virtue of an affidavit before Executive Magistrate, Rairangpur, I Md Anis S/o- Md Neshar Vill/P.O- Badadundu, P.S- Bahalda, Dist- Mayurbhanj, Odisha- 757046 declare that my correct name is Md Anis S/o- Md Neshar is mentioned in my Aadhar card. But in my Passport my name is mentioned as Mohammad Anis S/o- Neshar Mohammad Vill/P.o- Baddundu, Mayurbhanj, Pin-757046, Odisha, India. Both **Md Anis S/o- Md Neshar and Mohammad Anis S/o- Neshar Mohammad** is one and same person.

**● ମେଧାବୃତ୍ତି ପରୀକ୍ଷା ଫଳ**

## ବୌଦ୍ଧ ବ୍ଲକର ୨୮ ଛାତ୍ରଛାତ୍ରୀ କୃତକାର୍ଯ୍ୟ

ଜହ୍ନାପଙ୍କ,୨୮ ।୨(ସମିସ): ବୌଦ୍ଧ ବ୍ଲକରେ ୨୦୨୫ ଶିକ୍ଷାବର୍ଷର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୨୮ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଶନିବାର ପ୍ରକାଶ ପାଇଥିବା ଚିଠିରେ ଉଭୟ ମେଧା ଓ ମେଧା ତଥା ଗରିବ ବର୍ଗରେ ତୃତୀୟରୁ ୧୪ ଜଣ ଏବଂ ପଞ୍ଚମରୁ ୧୪ ଜଣ ଛାତ୍ରଛାତ୍ରୀ ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଛନ୍ତି । ବ୍ଲକର ସରକାରୀ ବିଦ୍ୟାଳୟରୁ ଉଭୟ ତୃତୀୟ ଓ ପଞ୍ଚମ ବୃତ୍ତି ପରୀକ୍ଷାରେ ୧୪ ଜଣ ସଫଳତା ପାଇଥିବା ବେଳେ ୫ଟି ବେସରକାରୀ ବିଦ୍ୟାଳୟରୁ ଉଭୟ ଶ୍ରେଣୀରେ ୧୪ ଜଣ କୃତିତ୍ୱ ଅର୍ଜନ କରିଛନ୍ତି । ବୌଦ୍ଧ ଶିଶୁ ମନ୍ଦିରରୁ ୪ ଜଣ ବୃତ୍ତି ପାଇଥିବା ବେଳେ ଓ ବାଉଁସୁଣୀ ସରସ୍ୱତୀ ଶିଶୁ ମନ୍ଦିରରୁ ୫ ଜଣ ବୃତ୍ତି ପାଇଛନ୍ତି । ଲକ୍ଷ୍ମୀପ୍ରସାଦ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରୁ ୨ ଜଣ ବୃତ୍ତି ପାଇଥିବା ବେଳେ ବଘିଆପଡା ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରୁ ୨ ଜଣ ଓ ସ୍ୱାମୀ ବିବେକାନନ୍ଦ ସ୍କୁଲରୁ ଜଣେ ଛାତ୍ରୀ ବୃତ୍ତି ପାଇଛନ୍ତି । ସେହିଭଳି ସାଲେଇସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସମ୍ଭବ ଶୁଭୋଦୟ ସାହୁ ବୌଦ୍ଧ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

## କଳସ ଶୋଭାଯାତ୍ରା ଓ ଚଣ୍ଡୀଯଜ୍ଞ

ଜହ୍ନାପଙ୍କ,୨୮ ।୨(ସମିସ): ବୌଦ୍ଧ ବ୍ଲକ୍ ବଘିଆପଡ଼ା ପଞ୍ଚାୟତ ଡୁମାଳ ସମାଜ ମାଝୀସାହି କେନ୍ଦ୍ରର ମା' ମାହେଶ୍ୱରୀଙ୍କ ପ୍ରାଣ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କଳସ ଶୋଭାଯାତ୍ରା ବଘିଆପଡା ଶିବ ମନ୍ଦିର ଘାଟରୁ ବାହାରି ଥିଲା । ବୌଦ୍ଧ ଧାର୍ମିକ ସାଂସ୍କୃତିକ ସେବା ମହାସଂଘ ତରଫରୁ କୃଷ୍ଣଗୁରୁ ନାମ ମଣ୍ଡଳୀ ସହ ସଉରା ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା । ବହୁ ଆଡମ୍ବରରେ କଳସ ଶୋଭାଯାତ୍ରା ମା' ମାହେଶ୍ୱରୀଙ୍କ ପୀଠ ଆମଠାପଡ଼ା, ଲଉରିଆ ସାହିରେ ପହଞ୍ଚିଥିଲା । କର୍ତ୍ତା ଭାବେ ଜୟସ୍ୱର ପାତ୍ର, ପ୍ରେମଶିଳା ପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ପୁଷ୍ପାଞ୍ଜଳି ପ୍ରଧାନ ଏବଂ ଗଣେଶ୍ୱର ପ୍ରଧାନ, ସନ୍ତୋଷିନୀ ପ୍ରଧାନ ପୂଜାରେ ବସିଥିଲେ । ଶ୍ରୀକାନ୍ତ ମହାପାତ୍ର ଏବଂ ଶିବ ପ୍ରସାଦ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇଥିଲେ । ମିଟୁ ମହାକୁଡ଼ ମାହେଶ୍ୱରୀ ପୀଠରେ ପୂଜା କାର୍ଯ୍ୟ କରିଥିଲେ । କେନ୍ଦ୍ରର ସଂପାଦକ ଧରଣୀଧର ଲୌରିଆ ସହଯୋଗ କରିଥିଲେ ।

## ଦୋଳ ପୂର୍ଣ୍ଣିମା ପାଇଁ କଳସ ଶୋଭାଯାତ୍ରା

ବୀରମହାରାଜପୁର,୨୮ ।୨(ସମିସ): ବୀରମହାରାଜପୁରରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ଯାତ୍ରା ପୂଜା କମିଟିର ସଭାପତି ବିଧାୟକ ଇ. ରଘୁନାଥ ଜଗଦଳା ଓ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡାଙ୍କ ନେତୃତ୍ୱରେ ପୂଜକ ସଦାନନ୍ଦ ପଣ୍ଡାଙ୍କ ଦ୍ୱାରା ମନ୍ଦିରର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମନ୍ଦିରରୁ ଶତାଧିକ ମହିଳା ଓ ପୁରୁଷମାନେ ଘଣ୍ଟ, ଶଙ୍ଖ, କୀର୍ତ୍ତନ ବାଦ୍ୟ ସହ କଳସ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ରଜାବନ୍ଧରୁ କଳସରେ ଜଳଆଣି ସ୍ଥାପନ କରିଥିଲେ । ଏହି ନାମଯଜ୍ଞ ପୂଜାରେ କର୍ତ୍ତା ଭାବେ ବସନ୍ତ ମହାକୁର ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇଛନ୍ତି । ଆସନ୍ତା ୩ ତାରିଖରେ ହେବାକୁ ଥିବା ଦୋଳଯାତ୍ରା ଅବସରରେ ରବିବାର ଠାରୁ ତିନିଦିନ ଧରି ଚବିଶ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ । ୪ ତାରିଖ ସକାଳ ୫ଟା ୩୦ମିନିଟ୍‌ରେ ହରିହର ଭେଟ ତହସିଲ ମେଳଣ ପଡିଆରେ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରଶାସନ ତରଫରୁ ମେଳଣ ପଡିଆ ସଫା ସୁତୁରା ଚାଲିଥିବା ବେଳେ ଭକ୍ତମାନଙ୍କ ଦର୍ଶନ ଓ ଭିଡ଼କୁ ଦୃଷ୍ଟିରେ ରଖି ମେଳଣ ପଡିଆରେ ବେରିକେଟ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହି କଳସ ଶୋଭାଯାତ୍ରାରେ ସତ୍ୟବ୍ରତ ମିଶ୍ର, ଦାମୋଦର ହୋତା, ବିପିନ ପଣ୍ଡା, ବସନ୍ତ ମହାକୁର, ବିଷ୍ଣୁ ଚରଣ ପଣ୍ଡା, ମନୋରଞ୍ଜନ ତରିଆ, ଦୈତାରି ମହାକୁର, ଶିବ ପ୍ରସାଦ ଅଗ୍ରୱାଲା, ଅକ୍ଷୟ ମିଶ୍ର, ପୀତବାସ ଶତପଥୀ, ଭଗବାନ ପଣ୍ଡାଙ୍କ ସମେତ ଦୋଳ ଉତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଅମଠାପଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ

ଜହ୍ନାପଙ୍କ,୨୮ ।୨(ସମିସ): ବୌଦ୍ଧ ବ୍ଲକ୍ ବଘିଆପଡା ପଞ୍ଚାୟତ ଆମଠାପଡାରେ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡିଶା ସଙ୍ଗଠନର ବୌଦ୍ଧ ଜିଲ୍ଲା କମିଟି ତରଫରୁ ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ସନ୍ତୋଷ ଭୋଳ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଦାଶ, ରାଜ୍ୟ ଉପ ସଭାପତି ପ୍ରଦୀପ ଦାଶ, ରାଜୀବ ମିଶ୍ର, ରାଜ୍ୟ ସମ୍ପାଦକ ଶଙ୍କର୍ଷଣ ଆଚାର୍ଯ୍ୟ, ରାଜ୍ୟ ପ୍ରବକ୍ତା ଦେବାନନ୍ଦ ନାୟକ ଯୋଗ ଦେଇଥିଲେ । ରମେଶ ପ୍ରସାଦ ମେହେର ସଂଯୋଜନା କରିଥିଲେ । ଅରୁଣ ମେଣ୍ଡୀଲି ସହଯୋଗ କରିଥିଲେ ।

## ବିଦ୍ୟାଳୟସ୍ତରୀୟ ସେବା ସମ୍ମାନ ସମାରୋହ

ଶଗଡା,୨୮ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ପଞ୍ଚାୟତ ଅଧୀନ ପୁରୁଣାପାଣି ବିଦ୍ୟାଳୟରେ ସେବା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ଖଗେଶ୍ୱର ବସ୍ତିଆଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଛନ୍ତି ।

# ତେଲେଙ୍ଗାନାରେ ଫସିଥିବା ୧୫ ଶ୍ରମିକ ଉଦ୍ଧାର

ଡୁଙ୍ଗୁରିପାଲି,୨୮ ।୨(ସମିସ)



ତେଲେଙ୍ଗାନା ରାଜ୍ୟର ମଞ୍ଚେରିଆଲ ଅଞ୍ଚଳକୁ ଇଟା ଭାଟିରେ କାମ କରିବାକୁ ଯାଇ ଫସି ରହିଥିବା ୧୫ ଜଣ ଶ୍ରମିକଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ଓ ଜିଲ୍ଲା ଶ୍ରମ ବିଭାଗ ଉଦ୍ଧାର କରିଛି । ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ଥାନାର ନାଗପାଲି ଗ୍ରାମର ଦେବାରଚନ ମେଘାନିଙ୍କ ସମେତ ୬ ଜଣ ବ୍ୟକ୍ତି ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାର ଲୁଇସିଙ୍ଗା ଥାନାର ଫାସଡ ଗ୍ରାମର ସୁଦାମ ଦାସଙ୍କ ସମେତ ଅନ୍ୟ ୭ଜଣ ବ୍ୟକ୍ତି ରହିଛନ୍ତି । ସମସ୍ତେ ତେଲେଙ୍ଗାନା ରାଜ୍ୟର ମାଞ୍ଚେରିଆଲ ଅଞ୍ଚଳକୁ ଗୋଟିଏ ଇଟା କାରଖାନାରେ କାମ କରିବା ପାଇଁ ଯାଇଥିଲେ । ସେଠାରେ ଇଟା ଭାଟିରେ କାମ କରିବା ସମୟରେ ତାଙ୍କୁ ଉପଯୁକ୍ତ ପାରିଶ୍ରମିକ ଦିଆଯାଉ ନଥିବା ବେଳେ ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିଲେ । ଉକ୍ତ ବ୍ୟକ୍ତିମାନେ କୁଞ୍ଜ ଭାରତୀ ଜରିଆରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେମାନଙ୍କୁ ଉଦ୍ଧାର ଓ ଉପଯୁକ୍ତ ପଦକ୍ଷେପ ନେବାକୁ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ପରେ ଜିଲ୍ଲା ପୁଲିସ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହ ମିଶି ଫଶି ରହିଥିବା ଲୋକମାନଙ୍କ ସହ ଯୋଗାଯୋଗ କରି ଉଦ୍ଧାର କରିଥିଲେ । ଗତକାଲି ୭ ସୁବର୍ଣ୍ଣପୁର ଓ ୮ ଜଣ ବଲାଙ୍ଗିର ଜିଲ୍ଲାର ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଆଜି ରେଳ ଯୋଗେ ସୁବର୍ଣ୍ଣପୁରକୁ ଅଣାଯାଇଛି । ସମସ୍ତଙ୍କୁ ସୁବର୍ଣ୍ଣପୁର ଡିଏଲଓ, ବଲାଙ୍ଗିର ଡିଏଲଓ ଏବଂ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ସୁମିତ ଏଜେନ୍ସିରୁ ଚୋରି ଘଟଣା; ଅଭିଯୁକ୍ତ ଗିରଫ

ଡୁଙ୍ଗୁରିପାଲି,୨୮ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସୁମିତ ଏଜେନ୍ସିରୁ ଚୋରି ଘଟଣାରେ ଅଭିଯୁକ୍ତ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ତା'ଠାରୁ ଚୋରି ହୋଇଥିବା ଟଙ୍କାରକୁ ପୁଲିସ ଜବତ କରିଛି । ଅଭିଯୁକ୍ତ ଜଣକ ସୁମିତ ଏଜେନ୍ସିରେ କାର୍ଯ୍ୟ କରୁଥିବା ଉତ୍ତର ପ୍ରଦେଶର କୁଲଦୀପ ବିହାରୀ (୨୫) ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ, ଗତ ୨୧ତାରିଖରେ ସୁମିତ ଏଜେନ୍ସିର ମାଲିକ ଲକ୍ଷ୍ମଣ ମେହେର ତାଙ୍କ ଦୋକାନରୁ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାକୁ ନେଇ ପୁଲିସ ଛାନଭିନ୍ ଆରମ୍ଭ କରିଥିଲା । ଡୁଙ୍ଗୁରିପାଲି ରେଳ ଷ୍ଟେସନରେ ପ୍ଲାଟଫର୍ମ ନମ୍ବର ୧ରେ ଜଣେ ଯୁବକ ଏକାକୀ ବସିଥିବା ଦେଖି ଆରପିଏଫ୍ ହାବିଲଦାର ଏ.କେ. ସିଂହ ସନ୍ଦେହ କରି ପଚରାଉଚରା କରିବା ସମୟରେ ଯୁବକ ଜଣକ ନିଜର ବ୍ୟାଗ୍ ଛାଡ଼ି କୌଶଳ କ୍ରମେ ସେଠାରୁ ଫେରାର ହୋଇଯାଇଥିଲେ । ପୁଲିସ ଓ ଆରପିଏଫ୍ ଟିମ୍ ଉକ୍ତ ବ୍ୟାଗ୍ ଯାଞ୍ଚ କରିବା ପରେ ନଗଦ ୨ ଲକ୍ଷ ୬୯ହଜାର ଟଙ୍କା ଓ ବିଦେଶୀ ମୁଦ୍ରା ମୋଟ ୧୯ଟି ମୁଦ୍ରା ଥିବା ଦେଖିବାକୁ ପାଇଥିଲେ । ବଲାଙ୍ଗୀର ଆରପିଏଫ୍ ଡୁଙ୍ଗୁରିପାଲି ଷ୍ଟେସନ ମାଷ୍ଟରଙ୍କ ସହାୟତାରେ ଏହି ଟଙ୍କା ଜବତ କରିଥିଲା । ଫେରାର ଯୁବକଙ୍କୁ ଧରିବା ପାଇଁ ଆଖପାଖ ଅଞ୍ଚଳରେ ଛାନ୍‌ଭିନ୍ ଜାରି ରଖିଥିଲା । ଆଜି ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ମହୁମାଛି ଆକ୍ରମଣରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁତର

ତରଭା,୨୮ ।୨(ସମିସ): ତରଭା ବ୍ଲକ ପରିସରରେ ଆୟୋଜିତ ହେବାକୁ ଥିବା ଏକ ସଭାରେ ଯୋଗଦେବାକୁ ଆସିଥିବା ଜଣେ ଅବସରପ୍ରାପ୍ତ ଶିକ୍ଷକ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇ ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ସୂଚନାରୁ ପ୍ରକାଶଯେ, ତରଭା ବ୍ଲକ ଦୁବୁଲା ପଞ୍ଚାୟତ ସରପଞ୍ଚଙ୍କ ବାପା ଗିରିଶ ଚନ୍ଦ୍ର ବଗର୍ତ୍ତି ଏକ ସଭାରେ ଯୋଗଦେବା ପାଇଁ ଶନିବାର ତରଭା ବ୍ଲକ୍ କାର୍ଯ୍ୟାଳୟ ଉପର ମହଲା ସଭାଗୃହ ବାହାରେ ଅପେକ୍ଷା କରିଥିଲେ । ଏହି ସମୟରେ ଅସଂଖ୍ୟ ମହୁମାଛି ଅତର୍କିତ ଭାବେ ଆକ୍ରମଣ କରିଥିଲେ । ମହୁମାଛି ଆକ୍ରମଣରେ ଶ୍ରୀ ବାଗର୍ତ୍ତି ଗୁରୁତର ହୋଇଥିଲେ । ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ନ ସୁଧୁରିବାରୁ ବଲାଙ୍ଗୀର ଭୀମ ଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି ।

## ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ

ବୌଦ୍ଧ,୨୮ ।୨(ସମିସ): ବଲମତୁମା ଘାଟି ତଳ ଘଞ୍ଚ ଜଙ୍ଗଲରୁ କଣ୍ଟାମାଳ ପୁଲିସ ବ୍ୟାପକ ପରିମାଣର ଗଞ୍ଜେଇ ଚାଷ ନଷ୍ଟ କରିଛି । ଥାନା ଅଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ କଣ୍ଟାମାଳ ପୁଲିସର ଏକ ଟିମ୍ ବଲମତୁମା ଘାଟି ତଳ ଘଞ୍ଚ ଜଙ୍ଗଲର ୧୨୬ ଏକର ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ଉପରେ ଚଡଉ କରିଥିଲେ । ପୁଲିସ ସମସ୍ତ ଗଞ୍ଜେଇ ଗଛ କାଟିବା ପରେ ପୋଡ଼ି ନଷ୍ଟ କରିଛି । ଏ ସମ୍ପର୍କରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି । ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ସହଲା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଡୁଙ୍ଗୁରିପାଲି,୨୮ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସହଲା କ୍ଲଷ୍ଟରସ୍ତରୀୟ ଅଷ୍ଟମ ତଥା ଶେଷ ମାସିକ ବୈଠକ ହରିହର ନଗର ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ରୂପେ ସିଆରସିସି ରଞ୍ଜନ କୁମାର ଦାଶ ଯୋଗଦେଇଥିବାବେଳେ କ୍ଲଷ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ । ଶେଷରେ ଶିକ୍ଷକ ପଲସ୍ତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାନଦୀ ଭିଜନ ସେଣ୍ଟର ଉଦ୍‌ଘାଟିତ



ତରଭା,୨୮ ।୨(ସମିସ): ସୋନପୁର ଲେପ୍ରା ସୋସାଇଟି ତରଫରୁ ତରଭାରେ ନବ ନିର୍ମିତ ମହାନଦୀ ଭିଜନ ସେଣ୍ଟର ଶନିବାର ଉଦ୍‌ଘାଟିତ ହୋଇଛି । ଏଥିରେ ଲେପ୍ରା ସୋସାଇଟି ମୁଖ୍ୟ କାର୍ଯ୍ୟ ନିର୍ବାହୀ ପ୍ରଶାନ୍ତ କୁମାର ନାଏକ, ଓଡିଶା ରାଜ୍ୟ ଲେପ୍ରା ସୋସାଇଟି ଆମ୍ବାସାଡ଼ର ଗୋରେଖ ନାଥ ସାହୁ, ମହାନଦୀ ନେତ୍ର ଚିକିତ୍ସାଳୟ ମୁଖ୍ୟ ଡାକ୍ତର ଦେବେନ୍ଦ୍ର କୁମାର ସହୁ, ସୋନପୁର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ରଶ୍ମିତା ଷଡଙ୍ଗୀ, ଲେପ୍ରା ସୋସାଇଟି ଓଡିଶାର ଚକ୍ଷୁ ବିଭାଗ ମୁଖ୍ୟ ମାଧବ ଚନ୍ଦ୍ର ମିଶ୍ର, ମହାନଦୀ ନେତ୍ର ଚିକିତ୍ସାଳୟର ଏଡ୍‌ମିଷ୍ଟ୍ରେଟର ବିଭୁପ୍ରସାଦ ବଳିଆରସିଂ ଅତିଥିଭାବେ ଯୋଗଦେଇଥିଲେ । ଶ୍ରୀମତୀ ଷଡଙ୍ଗୀ ଫିତା କାଟି ଭିଜନ ସେଣ୍ଟରର ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ଦିବସରେ ୯୮ ଜଣ ଚକ୍ଷୁ ରୋଗୀଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା କରାଯାଇ ୪୦ ଜଣଙ୍କୁ ମାଗଣାରେ ଚଷମା ଓ ୨୦ ଜଣଙ୍କୁ ଆଇଡ୍ରପ ବିତରଣ କରାଯାଇଥିଲା । ୨୨ ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ବିଏମପୁର ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟକୁ ନିଆଯାଇ ଅସ୍ତ୍ରୋପଚାର କରାଯିବ ବୋଲି ସୂଚାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ମାନସ ସାହୁ, ସଞ୍ଜୀବ ନାଏକ, ବିଭୀଷଣ ସାହୁ, ସୁବଳ ଗୁରୁ, ସନ୍ତୋଷ କୁମାର ସାହୁ, କୃଷ୍ଣଚନ୍ଦ୍ର ମିଶ୍ର, ମାଙ୍ଗେଲାଲ ଅଗ୍ରୱାଲ, ସାମ୍ବାଦିକ ଅଶୋକ କୁମାର ସାହୁ, ଅନ୍ତର୍ଯ୍ୟାମୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ମହାନଦୀ ନେତ୍ର ଚିକିତ୍ସାଳୟର ଜିଲ୍ଲା ସଂଯୋଜକ ଧର୍ମରାଜ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର କୋଶଳ ପଟେଲ, ପ୍ରଶାନ୍ତ ଦାସ, ଟେକ୍ନିସିଆନ ମାନସ ଦଣ୍ଡସେନା, ଲାବଣ୍ୟବତୀ, ପୂଜା ଓ ଭାଗବତ ପାଣ୍ଡେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

କଣ୍ଟାମାଳ,୨୮ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ରେଞ୍ଜ ରେଞ୍ଜ ପକ୍ଷରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ବରପଦର ସେକ୍ସନର ବଲମତୁମ୍ବା ଓ ମାର୍ଡୁଳ ବିଟ୍‌ର ଫରେଷ୍ଟ ଗାର୍ଡ ସୁନୀଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବଲମତୁମ୍ବା, ମୁଡରା, ରେକଡୁଲ, ଖଇରମାଳ ଓ ଅରଖପଦର ଗାଁ ନଚନିଆ ପାର୍ଟି ମାଧ୍ୟମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଲାଗି ଗ୍ରାମବାସୀଙ୍କୁ ସଚେତନ କରାଯାଇଛି । କଣ୍ଟାମାଳ ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମରେ ପାଲା ମାଧ୍ୟମରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଇଛି । ଜଙ୍ଗଲରେ ନିଆଁ ନ ଲଗାଇବା, ବିଡି ସିଗାରେଟ ଟୁକୁଡ଼ା ନ ପିଙ୍ଗିବା ଓ ମହୁଲ ଟେଣ୍ଡା କିମ୍ବା ଶିକାର ସମୟରେ ନିଆଁ ଜଳାଇବାରୁ ବିରତି ରହିବାକୁ ଅନୁରୋଧ କରାଯାଇଛି । କଣ୍ଟାମାଳ ବନାଞ୍ଚଳରେ ପ୍ରଚାର ପତ୍ର ବଣ୍ଟନ କରାଯାଇଛି । ଡାକବାଜି ଯନ୍ତ୍ରରେ ପଚାର କରାଯାଉଛି । ପୋଷ୍ଟର ଲାଗିଛି । ପାଲା, ଦାସକାଠିଆ ମାଧ୍ୟମରେ ମଧ୍ୟ ସଚେତନ କରାଯାଉଛି । ଏହା ସହ ବନ ସୁରକ୍ଷା ସମିତି, ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଯୁବକଙ୍କୁ ନେଇ ଅଗ୍ନି ନିର୍ବାପଣ ଦଳ ଗଠନ କରାଯାଇଛି । କୌଣସି ସ୍ଥାନରେ ନିଆଁ ଲାଗିଥିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବା ପାଇଁ ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି ।

## ବୌଦ୍ଧ ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ



ବୌଦ୍ଧ,୨୮ ।୨(ସମିସ): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁବାଟିକା ବିଭାଗର ଘର ହିଁ ବିଦ୍ୟାଳୟର ତୃତୀୟ ପର୍ଯ୍ୟାୟ ପରିବାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଭିଭାବିକା ଦ୍ରୌପଦୀ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପଦ୍ମନାଭ ସୁବୁଦ୍ଧି ଉପସ୍ଥିତ ଥିଲେ । ଶିଶୁ ବାଟିକା ପ୍ରମୁଖ ନବୀନ ସାହୁଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ଆଚାର୍ଯ୍ୟା ମୀନା କୁମାରୀ ବାଘ ଅତିଥି ପରିଚୟ ଦେଇଥିଲେ । ଏହି ପ୍ରଶିକ୍ଷଣରେ ୫୦ ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଶ୍ରୀବସ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

## ୫୧ତମ ଫଗୁନ ପୁନୀ ମହୋତ୍ସବ ଉଦ୍‌ଘାଟିତ

ବୀରମହାରାଜପୁର,୨୮ ।୨(ସମିସ): ବୀରମହାରାଜପୁର ୫୧ତମ ଫଗୁନ୍‌ପୁନୀ ମହୋତ୍ସବର ପ୍ରଥମ ଦିନରେ ଶନିବାର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭଜନ ସନ୍ଧ୍ୟାରେ ସତ୍ୟନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ । ମ୍ୟୁଜିକ୍‌ରେ ପ୍ରଭାତ ଦାସ, ହୃଷୀକେଶ ମେହେର ଓ ସାଥୀ ସହଯୋଗ କରିଥିଲେ । ଅଞ୍ଚଳର ନାମୀ ଦାମୀ କଳାକାର ସୁଶ୍ରୀ ଅନ୍ୱେଷା ରଥ, ଶିବାନୀ ମହାନ୍ତି, ବୁଲୁ ସୁନା, ସିକୁଙ୍କ ଜଗନ୍ନାଥ ଓ ଆଦି ଶକ୍ତି ମାଙ୍କ ଭଜନ, ଜଣାଣ ଦର୍ଶକଙ୍କୁ ବିମୋହିତ କରିଥିଲା । ପରେ ସମ୍ବଲପୁରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କାଳୀଚରଣ ବାଗ, ରବି ରତ୍ନ, ରାଜକୁମାର, ଟ୍ୱିଙ୍କିଲ ମହାପାତ୍ର, ଘନଶ୍ୟାମ ଲୁହା ସମ୍ବଲପୁରୀ ଗୀତରେ ଦର୍ଶକଙ୍କୁ ଝୁମାଇଥିଲେ । ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ଲୁହା, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ବରିଷ୍ଠ ଓକିଲ ବିଷ୍ଣୁ ଚରଣ ପଣ୍ଡା, ସରପଞ୍ଚ ସୂର୍ଯ୍ୟନାରାୟଣ ନନ୍ଦ, ସରପଞ୍ଚ ମହେନ୍ଦ୍ର ଜଗଦଳା, ସମିତିସଭ୍ୟ



ସଇଲେନ୍ଦ୍ର ବାଦି, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ସଇନ୍ଦୁ ସାହୁ ଉପସ୍ଥିତ ଥିଲେ । ଶତ୍ରୁଘ୍ନ ମେହେର ଓ ଗୁପ୍ତେଶ୍ୱର ରଣା, ଦାମୋଦର ହୋତା ସମସ୍ତ କଳାକାରମାନଙ୍କୁ ସମ୍ମାନିତ ଓ ମାନପତ୍ର ଦେବାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୪ ଦିନ ଧରି ପ୍ରତିଦିନ ସଂଧ୍ୟାରେ ଆୟୋଜିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ବୌଦ୍ଧ,୨୮ ।୨(ସମିସ): ବଘିଆପଡ଼ା-ବିରିଗଡ଼ ରାସ୍ତାର ଜାମୁଖୋଲ୍ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହାଫଳରେ ବାଇକରେ ଥିବା ଦୁଇ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ । ଉଭୟଙ୍କ ଚେତା ଫେରି ନ ଥିବା ହେତୁ ସେମାନଙ୍କ ପରିଚୟ ମିଳି ପାରିନାହିଁ ।

**● ମାଁ କନ୍ଧେନବୁଢ଼ୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଦେଢେଣମାଲ ଚାମ୍ପିଅନ



ବୌଦ୍ଧ,୨୮ ।୨(ସମିସ): କଣ୍ଟାମାଳ ବ୍ଲକ୍ ଫଟାମୁଣ୍ଡା ବନମାଳି ଖେଳ ପଡିଆରେ ଯୁବୋଦୟ ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ମାଁ କନ୍ଧେନବୁଢ଼ୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ୨ଟି ସେମି ଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ସେମି ଫାଇନାଲ ଖେଳରେ ମସିଣାଗୋରା ଦଳକୁ ପରାସ୍ତ କରି ଦେଢେଣମାଲ ଫାଇନାଲକୁ ପ୍ରବେଶ କରିଥିଲା । ଦ୍ୱିତୀୟ ସେମିଫାଇନାଲ ଖେଳରେ ଫଟମୁଣ୍ଡା ଦଳକୁ ପରାସ୍ତ କରି ନାରାୟଣପ୍ରସାଦ ଦଳ ଫାଇନାଲକୁ ଯାଇଥିଲା । ଫାଇନାଲ ଖେଳରେ ଦେଢେଣମାଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ଖେଳରେ ୧୧୪ ରନ୍ ସଂଗ୍ରହ କରିଥିଲା । ଜବାବରେ ନାରାୟଣପ୍ରସାଦ ଦଳ ୮୩ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା । ଆଜାଦ କଲତା ଓ ଦେବେନ୍ଦ୍ର ଭୋଇ ଖେଳ ପରିଚାଳନା କରିଥିଲେ । ଭଜମନ ମେଣ୍ଡିଲି ଓ ଶିବଶଙ୍କର କାଲସେ ଧାରାବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ ନୀଳାଚଳ ଭୋଇ, ବରିଷ୍ଠ ନାଗରିକ ଖଗେଶ୍ୱର ଭୋଇ, ଖୁଣ୍ଟିଗୋରା ସରପଞ୍ଚ ରବିଚନ୍ଦ୍ର ମହାକୁଡ଼, ଜିଲ୍ଲାପରିଷଦ ପ୍ରତିନିଧି ଲୋକେଶ ଭୋଇ, ସୁଦାମ ଭୋଇ, ହରିଶ୍ଚନ୍ଦ୍ର ମେଣ୍ଡିଲି, ରଞ୍ଜିତ ଖଟୁଆ, ବଂଶୀଧର ମାଝୀ, ବଳରାମ ବାଘ, ସଞ୍ଜୀବ କମ୍ପ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

**ଫ୍ରେଣ୍ଡସ କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**


## ଫାଇନାଲରେ ମୁଣ୍ଡାପଡ଼ା



ଜହ୍ନାପଙ୍କ,୨୮ ।୨(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ମୁଣ୍ଡାପଡା ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ୨୩ତମ ମୁଣ୍ଡାପଡା ଫ୍ରେଣ୍ଡସ କ୍ଲବ୍ ଫୁଟବଲ୍ ପ୍ରତିଯୋଗିତା ଚାଲିଛି ।

ଚତୁର୍ଥ ଦିବସରେ ମୁଣ୍ଡାପଡା ଓ ଗିରାସିଙ୍ଗା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଣ୍ଡାପଡା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରଛି । ମୁଖ୍ୟ ଅତିଥି ଭାବେ ମୁଣ୍ଡାପଡା କୃଷି ଅଧିକାରୀ ନାରସୀନାମ ଶୁଣ୍ଢୀ, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ପରିସଂଖ୍ୟାନ କ୍ଷେତ୍ର ପରିଦର୍ଶନ ଅଧିକାରୀ ସୁଶୀଲ ସାହୁ ଯୋଗ ଦେଇ ଖେଳ ଉଦ୍‌ଘାଟନ କରିଥିଲେ । ରେଫରୀ ଭାବେ ଶ୍ରବଣ ବେହେରା ଦାୟିତ୍ୱ ତୁଲାଇଥିଲେ । ଅମରେଶ ପ୍ରଧାନ, ପ୍ରହ୍ଲାଦ ଭୋକ୍ତା ସହଯୋଗ କରିଥିଲେ । ନିରଞ୍ଜନ ବଗର୍ତ୍ତୀ ଧାରାବିବରଣୀ ପ୍ରଦାନ କରିଥିଲେ । ରବିବାର ମନୁପାଳି ସହ ମୁଣ୍ଡାପଡା ମଧ୍ୟରେ ପାଇନାଲ ମ୍ୟାଚ ଖେଳାଯିବ ।

## ୧୫ତମ ଅଲ ଓଡ଼ିଶା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ




ଡୁଙ୍ଗୁରିପାଲି,୨୮ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସାଇ ବିହାର ପଡିଆ ଠାରେ ୧୫ତମ ଅଲ ଓଡିଶା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଶିବ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଖେଳ ପଡିଆକୁ ଯାଇଥିଲା । ଏଥିରେ ୪୨ ଗୋଟି ଦଳ ଭାଗ ନେଇ ନେଇଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ସଞ୍ଜିବ କୁମାର ସାହୁ ଓ ସମ୍ମାନୀତ ଅତିଥିଭାବେ ଥାନାଧିକାରୀ ରୋଜାଲିନ ପଟେଲ, ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଅବସରପ୍ରାପ୍ତ ସେନା କମାଣ୍ଡୋ ବିଘ୍ନରାଜ ପ୍ରଧାନୀ, ସୀତାରାମ ମେହେର, ଅନିଲ ଅଗ୍ରୱାଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚ୍ ଡୁଙ୍ଗୁରିପାଲି ଓ ବିନିକା ମଧ୍ୟରେ ଓ ଫାଇନାଲ ମ୍ୟାଚେ ବରଗଡ଼ ହିମାଂଶୁ, ଯୋଗୁ ସହିତ ସୋନପୁର ସରୋଜ ସାଥି ଇରଫାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସୋନପୁର ଦଳ ବିଜୟ ହୋଇଥିଲେ । ଉକ୍ତ ଖେଳକୁ ନୀତେଶ, ପ୍ରତିଶ, ସୁଦିପ ଖେଳ ପରିଚାଳନା କରିଥିଲେ । ଦ୍ୱିତୀୟ ଦିବସରେ ଫାଇନାଲରେ ମୁଖ୍ୟଅତିଥି ଭାବେ ସୋନପୁର ସାଂସଦ ପ୍ରତିନିଧି ସାନନ୍ଦ ମେହେର ଓ ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ପଣ୍ଡା, କିଶୋର ବିଶ୍ୱାଳ, ଉମେଶ ପୂଜାରୀ, ନିତେଇ ପାଲ, ସୁରେଶ ପଧାନ, ବିକାଶ ହାତୀ, ସୀତାରାମ ମେହେର, ବୀରେନ୍ଦ୍ର କଠାର ପ୍ରମୁଖ ଯୋଗ ଦେଇଥିଲେ । ଦ୍ୱିତୀୟ ଦିବସରେ ହୀରାକୁଦ ଓ ବଲାଙ୍ଗୀର ମଧ୍ୟରେ ଖେଳା ଯାଇଥିଲା । ଯଦୁମଣି କୁଦେଇ, ସରୋଜ ପଧାନ, ଜୀବର୍ଧନ ମହାଲିଙ୍ଗ, ରାଜେଶ ଅଗ୍ରୱାଲ, ଭାବେଶ ଅଗ୍ରୱାଲ, ରାହୁଲ ମେହେର, ଅଜୟ ଅଗ୍ରୱାଲ, ରାଜ ଅଗ୍ରୱାଲ, ରୋମିତ ମେହେର, ସୁମିତ ସେଠ, ଗଜେନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ ।

# ଛତିଶଗଡ଼ ସୀମାନ୍ତରେ ଟଙ୍କା ଓ ମାଓ ସାମଗ୍ରୀ ଜବତ





**ନୂଆପଡ଼ା, ୨୮ ।୨(ସମିସ):** ଛତିଶଗଡ଼ ରାଜ୍ୟ ସୀମାନ୍ତ ପୁଲିସକୁ ବଡ ଧରଣର ସଫଳତା ମିଳିଛି । ମାଓବାଦୀମାନେ ଲୁଚାଇ ରଖିଥିବା ୪୬ ଲକ୍ଷ ୩୧ ହଜାର ଟଙ୍କା ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି । ଛତିଶଗଡ଼ ରାଜ୍ୟ ମେନପୁର ଥାନା ବଡଗୋବରା ଓ ସାପଘାଟି ଜଙ୍ଗଲରେ ମାଓବାଦୀମାନେ ଲୁଚାଇ ରଖିଥିବା ୪୬ ଲକ୍ଷ ୩୧ ହଜାର ଟଙ୍କା ଓ ବିପୁଳ ପରିମାଣର ମାଓ ସାମଗ୍ରୀ ବିଶେଷ କରି ବନ୍ଧୁକ, ଗୁଳି, ମାଓ ପୋଷାକ ଆଦି ସାମଗ୍ରୀ ଜବତ ହୋଇଛି । ମାଓବାଦୀମାନେ ଲୁଚାଇ ରଖିଥିବା ଦୁଇଟି ସ୍ଥାନରୁ ଟଙ୍କା ଓ ମାଓ ସାମଗ୍ରୀ ଜବତ ହୋଇଛି । ଏଯାଏ ମାଓବାଦୀମାନେ ଲୁଚାଇ ରଖିଥିବା ୧କୋଟି ୮ ଲକ୍ଷ ଟଙ୍କା ଜବତ କରିଛି ଛତିଶଗଡ଼ ସୁରକ୍ଷା ବାହିନୀ ବୋଲି ମାଓ ଅପରେସନ ଗରିଆ ବନ୍ଧ ଏସ୍‌ପି ଧୀରେନ୍ଦ୍ର ପଟେଲ ସୂଚନା ଦେଇଛନ୍ତି ।

## ବିନା କାଗଜପତ୍ରରେ ଅନାଥ ଶିଶୁକୁ ହସ୍ତାନ୍ତର ପ୍ରସଙ୍ଗ

# ୩ ଜଣଙ୍କ ବିରୋଧରେ ମାମଲା

**ଭବାନୀପାଟଣା, ୨୮ ।୨(ସମିସ)**

ପୋଷ୍ୟପୁତ୍ର ଗ୍ରହଣ ପରମ୍ପରା ଦୀର୍ଘଦିନରୁ ରହି ଆସିଛି । କିନ୍ତୁ ଆଶ୍ରମ ଦାୟିତ୍ୱରେ ଥିବା ଶିଶୁକୁ ଅନ୍ୟ ହାତରେ ଟେକିଦେବା ଭଳି ସଙ୍ଗୀନ ଘଟଣା ହଜମ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି ।ସରକାରୀ ନିୟମକାନୁନକୁ ବେଖାତିର କରି ଅସହାୟ ଶିଶୁଙ୍କୁ ଥଇଥାନ କରାଯାଉଥିବା ଆଶ୍ରମ ଶିଶୁଙ୍କୁ ବାହାରେ ହସ୍ତାନ୍ତର କରି ଦିଆଯାଉଛି । ଏଭଳି ଏକ ଚାଞ୍ଚଲ୍ୟକର ଘଟଣା କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଗମ୍ଭାରୀ ଗୁଡା ସ୍ଥିତ ଯଶୋଦା ଆଶ୍ରମରେ ଦେଖିବାକୁ ମିଳିଛି ।ସୂଚନା ପାଇ ଶିଶୁ ମଙ୍ଗଳ ସମିତି( ସିଡବ୍ଲ୍ୟୁସି) ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଏତଲା ଦିଆଯାଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁସାରେ, ଯଶୋଦା ଆଶ୍ରମସ୍ଥିତ ପୋଷ୍ୟସନ୍ତାନ ସଂସ୍ଥାରୁ ଜଣେ ଶିଶୁକୁ ସେଠାକାର ପୋଷ୍ୟସନ୍ତାନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଭବାନୀପାଟଣା ଇରିଗେସନ କଲୋନିସ୍ଥିତ ଜଣେ ଦମ୍ପତିଙ୍କୁ ହସ୍ତାନ୍ତର କରିଦେଇଥିବା ନେଇଁ ଶୁକ୍ରବାର ରାତିରେ ଜଣାପଡ଼ିଥିଲା । ତେବେ କୌଣସି ଶିଶୁକୁ ପୋଷ୍ୟ ଭାବେ ସ୍ଥାନାନ୍ତର କରାଯିବା ପୂର୍ବରୁ ସରକାରଙ୍କ ପ୍ରଦତ୍ତ ନିୟମର ଅନୁପାଳନ କରାଯିବା ଆବଶ୍ୟକ ରହିଥାଏ । କେବଳ ସେତିକି ନୁହେଁ ବରଂ ଶିଶୁକୁ ଯେଉଁ ଅଭିଭାବକଙ୍କୁ ହସ୍ତାନ୍ତର କରାଯିବ ସେମାନଙ୍କ ସମ୍ପର୍କରେ ଛାନଭିନ୍ ସହିତ ଏକ ସୋସିଆଲ ଷ୍ଟଡି ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ । ଏହାପରେ 'କାରା' ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର ପୋଷ୍ୟ ନିୟମର ଅନୁପାଳନ ହେବା ପରେ ଜିଲା ମାଜିଷ୍ଟ୍ରେଟ ତାକୁ ମଞ୍ଜୁର କରିଥାନ୍ତି ଓ ତାହା ପରେ ଯାଇ ଶିଶୁକୁ ନୂତନ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଏ । କିନ୍ତୁ ଏହି ଘଟଣାରେ ଆଶ୍ରମର କର୍ମଚାରୀ ଶିଶୁ ମଙ୍ଗଳ ସମିତିରେ ଉକ୍ତ ଶିଶୁକୁ ଉପସ୍ଥାପନ କରାଯାଇ ନଥିବା ବେଳେ ଜିଲା ଶିଶୁ ସୁରକ୍ଷା ବିଭାଗକୁ ବି କୌଣସି ସୂଚନା ପ୍ରଦାନ କରାଯାଇନଥିଲା । ଯାହାକି କିଶୋର ନ୍ୟାୟ ଅଧିନିୟମ ୨୦୧୫ର ଧାରା ୮୦କୁ ମଧ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଛି । ଆଶ୍ରମ କର୍ତ୍ତୃପକ୍ଷ ଲୁଚାଚୋରାରେ ଉକ୍ତ ଶିଶୁକୁ କାହିଁକି ହସ୍ତାନ୍ତର କଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ, ଟଙ୍କା ଲୋଭରେ ଆଇନଗତ ପ୍ରକ୍ରିୟା ଏଡ଼ାଇ ଶିଶୁଟିକୁ ବିକ୍ରି କରିଦିଆଯାଇଥିବା ନେଇ ମଧ ଅଭିଯୋଗ ହେଉଛି । ତମାମ ଘଟଣା ପରେ ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଶିଶୁକୁ ଉଦ୍ଧାର କରିବା ପରେ ରେଳ ଷ୍ଟେସନ ଯିବା ରାସ୍ତାରେ ଥିବା ବାଲାଶ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ହସ୍ତାନ୍ତର କରିଥିଲେ । ଏ ନେଇ ସିଡବ୍ଲ୍ୟୁସିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ଯଶୋଦା ଆଶ୍ରମର ପରିଚାଳକ ଶ୍ୟାମ ସୁନ୍ଦର ଜାଲ ଓ ଇରିଗେସନ କଲୋନୀର ଦମ୍ପତିଙ୍କ ନାମରେ ଟାଉନ ଥାନାରେ ଏତଲା କରିଥିଲେ । ପରେ ଟାଉନ ଥାନା ପୋଲିସ ଉପରୋକ୍ତ ୩ ଜଣଙ୍କ ନାମରେ ମାମଲା ନଂ ୭୫/୨୭ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ ସାରସ୍ୱତ ଫଗୁଣ ରାଗ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୮ ।୨(ସମିସ):** ଶବ୍ଦର ରଙ୍ଗ ସତ୍ୟ-ଶିବ-ସୁନ୍ଦର ହେତୁ ସାହିତ୍ୟ ମାନବିକତା ମଖାଏ । ସାହିତ୍ୟର ରାଗ ଜୀବନ ଛୁଏଁ ବୋଲି ଯେତିକି ବିଭୋର କରେ ସେତିକି ସଂସ୍କାର ଦିଏ । ପୁଣି ସାହିତ୍ୟ ମା' ଭଳି ସ୍ନେହଫଗୁ ବୋଳି ଦେଇ ସତ୍-ଚିତ୍-ଆନନ୍ଦ ମନ୍ତ୍ର ତୋଳେ ବୋଲି ଜିଲ୍ଲା ସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ 'ଫଗୁଣ ରାଗ'ପାଳନ ଅବସରରେ କବିଗଣ ମତ ଦେଇଥିଲେ । ଭବାନୀପାଟଣାସ୍ଥ ସ୍ୱାମୀ ଶିବାନନ୍ଦ ବାଳ ବିକାଶ କେନ୍ଦ୍ର ପରିସରରେ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୯ ସଂଖ୍ୟକ ଏଇ ସାହିତ୍ୟ ଆସରରେ କବି ଅଶୋକ କୁମାର ଖମାରୀ ପୌରୋହିତ୍ୟ କରିଥିବା ବେଳେ କବୟିତ୍ରୀ ସବିତା ଶତପଥୀ ଅତିଥି ବକ୍ତା ଭାବେ ମଞ୍ଚାସୀନ ହୋଇଥିଲେ ।ଶିଳ୍ପୀ ଦୀପ୍ତି ମୁଣ୍ଡ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ ।



ଯୁବକବି ଆଶୁତୋଷ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କବି ସାଗର ବୈଠାରୁ, ଆନନ୍ଦିନୀ ପାତ୍ର, ପି. ମୋହନ ରାଓ ପାତ୍ର, ପ୍ରତାପ ପଣ୍ଡା, ଧର୍ମେନ୍ଦ୍ର ମୁଣ୍ଡ, ଶ୍ୟାମଘନ ସାହୁ, ମଳୟ କୁମାର ପଣ୍ଡା, ରଚିତା ମେହେର, କିଶୋର ମହାନନ୍ଦ, ଶିବଶକ୍ତି ପୁରୋହିତ, ରମେଶ ସେନାପତି, ଆଶୁତୋଷ ପୁରୋହିତ, ମକୁନ୍ଦ ନାଏକ, ସୁଜାତା ପଟ୍ଟନାୟକ ପ୍ରମୁଖ ସ୍ୱରଚିତ ଫଗୁଣ କବିତାବୃତ୍ତି କରିଥିଲେ । ଯୁବପ୍ରତିଭା ପ୍ରତାପ ଚନ୍ଦ୍ର ପଣ୍ଡା ବନ୍ଦେ ମାତରମ୍ ଗାନ କରିଥିବାବେଳେ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର



**ଗୋଲାମୁଣ୍ଡା, ୨୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନୀ ପାଡିଆଲପଡ଼ା ନିକଟରେ ସିଆରପିଏଫ ଓଡ଼ିଶା ସେକ୍ଟର ନିର୍ଦ୍ଦେଶକଙ୍କ ଦ୍ୱାରା ସିଆରପିଏଫ ଇନ୍ସପେକ୍ଟର ସୁଧୀରାମ ଜେନାଙ୍କ ତତ୍ୱାବଧାନରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସିଇଓ କାମାଣ୍ଡାଣ୍ଟ ଏନ.କେ କେ ପ୍ରସାଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅଞ୍ଚଳର ବିଭିନ୍ନ ମହିଳା ସଂଗଠନ, ଛାତ୍ରଛାତ୍ରୀ, ଯୁବକଯୁବତୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ । ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ସିଲେଇ ମେସିନ, ଅଗରବତୀ ତିଆରି ଯନ୍ତ୍ର, ବଣ୍ଟନ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଖେଳ ଉପକରଣ ଯଥା ବ୍ୟାଟ ବଲ, ବ୍ୟାଡ଼ ମିଣ୍ଟନ, ଭଲି ବଲ ଇତ୍ୟାଦି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଯବାନମାନଙ୍କ ସହିତ ଅଞ୍ଚଳବାସୀ ମୁଖ୍ୟ ଅତିଥିଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସହ ସମ୍ମାନିତ ଅତିଥି ଭାବରେ ଗୋଲାମୁଣ୍ଡା ଏସବିଆଇ ଶାଖା ପରିଚାଳକ ସୁଧାଂଶୁ ମିଶ୍ର ନକଟିକାନୀ ସରପଞ୍ଚ ସାବେତ୍ରୀ ମାଝୀ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ଆଇନଜୀବୀ କୁବେର ଚନ୍ଦ୍ର ସାହୁଙ୍କ ପରଲୋକ

**ଧର୍ମଗଡ଼, ୨୮ ।୨(ସମିସ):** ଧର୍ମଗଡ଼ ଅଞ୍ଚଳର ବରିଷ୍ଠ ଆଇନଜୀବୀ କୁବେର ଚନ୍ଦ୍ର ସାହୁଙ୍କ ୫୮ ବର୍ଷ ବୟସରେ ଶନିବାର ସକାଳେ ପରଲୋକ ହୋଇଯାଇଛି । ଅସୁସ୍ଥତା କାରଣରୁ ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣା ଯାଇ ଟ୍ରେନ ଯୋଗେ ଫେରିବା ସମୟରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି ।ତାଙ୍କ ଶବ ଧର୍ମଗଡ଼ ରେ



ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘ କଳାହାଣ୍ଡି ଓ ଟିଟଲାଗଡ଼ ସବ ଡିଭିଜନର ଜିଲ୍ଲା ସଭାପତି ଥବିର ପ୍ରସାଦ ସାହୁ, ଧର୍ମଗଡ଼/ଜୁନାଗଡ଼ ବ୍ଲକ ଆଞ୍ଚଳିକ କମିଟିର ସଭାପତି ବିଦ୍ୟାଧର ସାହୁ, ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ଆଇନଜୀବୀ ସମିର କୁମାର ମୁଣ୍ଡ, ବିଜୁ ଜନତା ଦଳର ବ୍ଲକ ସଭାପତି ଡାକେଶ୍ୱର ଲହଜଲ, ବରିଷ୍ଠ ନାଗରିକ ସଂଘର ସଦସ୍ୟ ଲବରାମ ସରାଫ ଓ ଆ ।ୀୟ ସ୍ୱଜନମାନେ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥଲେ । ତାଙ୍କର ପୈତୃକ ଗ୍ରାମ ମକ୍ରାଗୁଡା ଗ୍ରାମରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ପୁଅ ରିତେଶ ମୁଖାଗ୍ନି ଦେଇଥିଲେ । ଧର୍ମଗଡ଼ ଓକିଲ ସଂଘ ପକ୍ଷରୁ ଶୋକସଭା କରାଯାଇଅଛି । ଓକିଲ ସଂଘର ସଭାପତି କୃପାସିନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶୋକ ସଭାରେ ସମ୍ପାଦକ ବସନ୍ତ କୁମାର ଠାକୁର, ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ସନ୍ତୋଷ କୁମାର ପାତ୍ର, ତୁଷାର ରଞ୍ଜନ ପଟ୍ଟଯୋଶୀ, ଥବିର ପ୍ରସାଦ ସାହୁ, ଭବାନୀ ଶଙ୍କର ପଣ୍ଡା, ଆଶୁତୋଷ ପାତ୍ର, ସୁମନ୍ତ ପଣ୍ଡା, ଭବାନୀ ଦାସ, ସୁବାସ ପାଣିଗ୍ରାହୀ, ଦିଗାମ୍ବର ଦୁରିଆ, ମିହିର ପଟ୍ଟଯୋଶୀ, ବିନୋଦ ନାଏକ, ଅଜିତ କୁମାର ସାହୁ, ଅବିନାଶ ପଟ୍ଟଯୋଶୀ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପୂର୍ବକ ତାଙ୍କର ଆତ୍ମାର ସଦଗତି କାମନା କରିଥଲେ ।

# ମରାମତି ହେଲା ଅଚଳ ସୌର ଚାଳିତ ପ୍ରକଳ୍ପ

**କୋକସରା, ୨୮ ।୨(ସମିସ):** କୋକସରା ବ୍ଲକ ଆମପାଣି ପଞ୍ଚାୟତର ଉପାନ୍ତ ଆନ୍ଦୀଝରନରେ ଗ୍ରାମରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ଗୋଟିଏ ନଳକୂପ ଦିର୍ଘ ଦିନରୁ ଅଚଳହୋଇ ପଡ଼ି ରହିଥିଲା । ଯାହା ଫଳରେ ସେଠାରେ ପାନୀୟ ଜଳ ସଂକଟ ଦେଖାଦେଇଥିଲା । ଆନ୍ଦୀଝରନ ବାସିନ୍ଦା ଏ ବିଷୟରେ ଅନେକ ଥର ଅଭିଯୋଗ କରିଥିଲେ ମଧ କେହି ଦୃଷ୍ଟି ଦେଉ ନଥିଲେ । ଏନେଇ ଗତ ୨୬ ତାରିଖରେ'ସକାଳ'ରେ ଆନ୍ଦିଝରନରେ ପାନୀୟ ଜଳ ସଂକଟ 'ବର୍ଷେ ହେଲା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ' ହୋଇଥିବା ନେଇ ଖବର ପାଇଥିଲା । ଫଳସ୍ୱରୂପ ଶନିବାର ଆନ୍ଦିଝରନ ଗ୍ରାମରେ ସମ୍ପୃକ୍ତ ବିଭାଗର କର୍ମଚାରୀ ପହଞ୍ଚି ଅଚଳ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ନଳକୂପକୁ ମରାମତି କରି ସଚଳ କରିଛନ୍ତି । ବର୍ତ୍ତମାନ ପଡ଼ାରେ ପାନୀୟ ଜଳ ସଂକଟ ଦୂର ହେଇଥିବାରୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସମେତ ଦୈନିକ 'ସକାଳ'କୁ ଆନ୍ଦୀଝରନବାସିନ୍ଦା ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

'ସକାଳ' ପ୍ରଭାବ



## ବିକାଶ ଗ୍ରୁପର ଭି ଫେଷ୍ଟ ୪.୦ ଉଦ୍‌ଯାପିତ

# ତୃତୀୟ ଦିନରେ ଚମକିଲେ ଖେଳାଳି

**ଭବାନୀପାଟଣା, ୨୮ ।୨ (ସମିସ):** ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ହାୟର ଏଡୁକେସନାଲ୍ ଇନ୍‌ଷ୍ଟିଟ୍ୟୁସନ୍ସ ରେ ଚାଲିଥିବା ଭି ଫେଷ୍ଟର ଉଦ୍‌ଯାପନୀ ଦିନରେ ଭଲିବଲ୍, ବ୍ୟାଡମିଣ୍ଟନ୍, ଖୋଖୋ, ଟଗ୍ ଅଫ୍ ୱାର୍, ଫ୍ରି ଫାୟାର୍‌ର୍, ଥ୍ରୋ ବଲ୍ ଓ କବାଡ଼ି ପରି ବିଭିନ୍ନ କ୍ରୀଡା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କ୍ରୀଡା କାର୍ଯ୍ୟକ୍ରମକୁ ଅଧ୍ୟାପକ କୁମାର ମନ୍ଥନ ସାହୁ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ମିଳିତ ଭାବେରେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଏଲ୍‌ଭିଜିଆଇର ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମ କୁମାର, ଏକାଡେମିକ୍ ଇନ୍‌ଚାର୍ଜ୍ ଡି. ବିଜୟା, ପରିଚାଳନା ମଣ୍ଡଳୀର ସଦସ୍ୟା ଡି. ପଦ୍ମିନୀଙ୍କ ସହିତ ସମସ୍ତ ଅଧ୍ୟକ୍ଷ ଉପସ୍ଥିତ ରହି ସମସ୍ତ ବିଜେତାଙ୍କୁ ସମ୍ମାନିତ କରିଥିଲେ । ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ତିନି ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ର ଅଧ୍ୟକ୍ଷ ଗଣ ଯୁବରାଜ ନାୟକ, ଡ.ସୁଦୀପ୍ତ ଜନ, ଡ. ଆଦିତ୍ୟ ପଟ୍ଟନାୟକ, ଡ. ଗୋପୀନାଥ, ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।



# ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଲାଇଫ ଟ୍ରାନ୍ସମେସନ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୮ ।୨(ସମିସ):** ସ୍ୱାମୀ ଶ୍ରୀ ମୁକୁନ୍ଦାନନ୍ଦଜୀ ମହାରାଜଙ୍କ ଦୁଇ ଦିନିଆ ଲାଇଫ ଟ୍ରାନ୍ସମେସନ କାର୍ଯ୍ୟକ୍ରମ ଭବାନୀପାଟଣା ଟାଉନ୍ ହଲରେ ଆୟୋଜିତ ହୋଇଥିଲା । ୨୭ ତାରିଖ ପ୍ରଥମ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକା ନନ୍ଦ ମହାନନ୍ଦ ଓ ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠି ଅତିଥି ଭାବରେ ଯୋଗ ଦେଇ ସ୍ୱାମୀଜୀଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ୱାମୀଜୀ ସ୍ୱ ଲିଖିତ 'ଇସାବାଷ୍ୟ ଉପନିଷଦ' ଓ 'ନାରଦ ଭକ୍ତି ସୂତ୍ର' ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଆଧ୍ୟାତ୍ମିକ ଜ୍ଞାନ ଜୀବନରେ ସଫଳତା ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ । ଏହା ସ୍ୱାମୀଜୀ ତାଙ୍କ ପ୍ରବଚନରେ ବୁଝାଇଥିଲେ । ସ୍ୱାମୀଜୀ ଜଗଦଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କର ଏକ ବରିଷ୍ଠ ପ୍ରଚାରକ ଅଟନ୍ତି । ସନାତନ ଧର୍ମର ପ୍ରକୃତ ଅର୍ଥ ସାଧାରଣ ଜୀବନରେ ତାଙ୍କ ଆବଶ୍ୟକତା, ଶାନ୍ତି ଓ ସୁଖମୟ ଜୀବନ ଯାପନ କରିବା ପାଇଁ ଆଧ୍ୟାତ୍ମିକ ମାର୍ଗର ଉପାଦାୟତା ଉପରେ ଆଲୋକପାତ କରିଥିଲେ । ଆଜି ଦ୍‌ିତୀୟ ସନ୍ଧ୍ୟା ରେ ଭବାନୀପାଟଣା ତହସିଲଦାର କ୍ଷିରୋଦ ନାଗ ଅତିଥି ଭାବେ ଯୋଗ ଦେଇଥିଲେ । ରାଧା ଗୋବିନ୍ଦ ଧାମ ଭବାନୀପାଟଣାର ସଭାପତି ଅଜୟ ମାଥୁର, ସମ୍ପାଦକ ଧର୍ମେନ୍ଦ୍ର ପ୍ରଧାନ, ଯୁଗ୍ମ ସଭାପତି କନ୍ଦର୍ପ ସାହୁ, କୋଷାଧ୍ୟକ୍ଷ କୁରୁକ୍ଷେତ୍ର ବାଗ, ସଦସ୍ୟ ଲିଙ୍ଗରାଜ ପ୍ରଧାନ, ଦିଲ୍ଲୀପ ପ୍ରହରାଜ, ଚିନ୍ମୟ ଗୌଡ଼ ଏବଂ ସମସ୍ତ ରାଧା ଗୋବିନ୍ଦ ଧାମର ସତସଙ୍ଗୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ । ଦୁଇ ଦିନ ଧରି ଶହ ଶହ ଶ୍ରଦ୍ଧାଳୁ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମକୁ ଶ୍ରବଣ କରିଥିଲେ ।

# କର୍ଲାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା, ୨୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମୋନୋଜ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋପମଣି ସାହୁ, ଯୋଗଦେଇଥିବା ବେଳେ ରେଙ୍ଗାଲି ସିଆରସିସି ଉଜ୍ୱଳ କୁମାର ସାହୁ, ରତନଭୋଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, କର୍ଲାମୁଣ୍ଡା ସିଆରସିସି ପ୍ରସନ୍ନ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥିଗଣ ଛାତ୍ରଛାତ୍ରୀଙ୍କ ସାମଗ୍ରିକବିକାଶ ତଥାଏକ ଭଲ ମଣିଷ ଗଢ଼ି ତୋଳିବାରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରଧାନଶିକ୍ଷକ ଶ୍ରୀ ମିଶ୍ର ସ୍ୱାଗତ ଓ ବିବରଣୀ ପଠନ କରିଥିଲେ । ସହକାରୀ ଶିକ୍ଷକ ସଞ୍ଜୟ ସେନାପତି ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ।ପୂର୍ବରୁ ଆୟୋଜିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ସୁଶୀଲ ରଣା, କିଶୋର ଚନ୍ଦ୍ର ଭୋଇ, ତୁଳାମତି ସାହୁ, ଜୟନ୍ତୀ ପୋଢ଼, ରାଉତ ସୁନା ପ୍ରମୁଖ ସହଯୋଗ କରିଥିଲେ ।

# ଅବସର ନେଲେ କମର୍ଦ୍ଧା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ

**ଲାଞ୍ଜିଗଡ଼, ୨୮ ।୨(ସମିସ):** ଲାଞ୍ଜିଗଡ଼ ବ୍ଲକ କମର୍ଦ୍ଧାସ୍ଥିତସରକାରୀଉଚ୍ଚପ୍ରାଥମିକବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ମିଶ୍ର ଶନିବାର ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଶ୍ରୀମତୀ ମିଶ୍ର ଅବସର ନେବା ଅବସରରେ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଅବସରକାଳୀନ ସମସ୍ତ କାଗଜାତ ଓ ଫାଇନାଲ ପେନସନ ସମ୍ପର୍କିତ ଦସ୍ତାବେଜ ହସ୍ତାନ୍ତର କରାଯାଇଥିଲା । ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବିଶ୍ୱନାଥପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ରହି କାଗଜାତ ହସ୍ତାନ୍ତର କରିଥିଲେ । ଏହାପରେ ଶ୍ରୀମତୀ ମିଶ୍ରଙ୍କ ଉଦ୍ଦେଶ୍ୟରେ ସ୍କୁଲ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମସ୍କାଗୁଡା କ୍ଲଷ୍ଟର ସଂଯୋଜକ ପ୍ରକାଶ ପ୍ରଧାନଙ୍କ ତତ୍ୱାବଧାନରେ ସ୍କୁଲ ପରିଚାଳନା କମିଟି ଓ ସହକର୍ମୀମାନଙ୍କ

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ସହିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଲାଞ୍ଜିଗଡ଼ ରୋଡ଼ସ୍ଥିତ ବାସଭବନକୁ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ ।ଏହାପରେ ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ, ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଏମ. ସୁନ୍ଦର ଶେଖର, ବରିଷ୍ଠ ନାଗରିକ ଟି. ଆପଲା ରାଜୁ, ଦୀପକ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ଟଙ୍କଧର ମାଝୀ, ଶ୍ରୀମତୀ ମିଶ୍ରଙ୍କ ସ୍ୱାମୀ ମନୋଜ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ରାଉତ ପରିବାରର ଅନ୍ୟତମ ସଦସ୍ୟ ପ୍ରବୀଣ କୁମାର ରାଉତ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ ।

# ଆମେ ବିଜ୍ଞାନକୁ ନ ଖୋଜିଲେ ବି ବିଜ୍ଞାନ ଆମକୁ ଖୋଜେ

## ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଓ ଷ୍ଟେମ୍ ପ୍ରଦର୍ଶନୀ

**ଭବାନୀପାଟଣା, ୨୮ ।୨(ସମିସ)**

ଆମ ଜୀବନର ପ୍ରତିଟି କ୍ଷଣରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେ ବିଜ୍ଞାନକୁ ଖୋଜୁ କି ନଖୋଜୁ, ବିଜ୍ଞାନ ଆମକୁ ନିଶ୍ଚୟ ଖୋଜେ । ଆମେ ବିଜ୍ଞାନକୁ ନିୟନ୍ତ୍ରଣ କରିବା ଜରୁରୀ, ତେବେ କେତେକ କ୍ଷେତ୍ରରେ ବିଜ୍ଞାନ ଆମକୁ ନିୟନ୍ତ୍ରଣ କରିବା ଏକ ଚିନ୍ତାଜନକ ବିଷୟ ବୋଲି କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍ ମତବ୍ୟକ୍ତ କରୁଛନ୍ତି । ସ୍ଥାନୀୟ ଓୟୁଏଟି ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଓ ଷ୍ଟେମ୍ ପ୍ରଦର୍ଶନୀ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନିପୁଣ ଓଡ଼ିଶା ମୁଖ୍ୟ ସଂଯୋଜକ ଅମରଜିତ୍ ଜେନା, ଭବାନୀପାଟଣା ଓୟୁଏଟିର ଡିନ୍ ପ୍ରଫେସର ସନ୍ଦୀପ୍ତ ନାୟକ, ଓଡ଼ିଶା ରାଇଜିଂ ଫାଉଣ୍ଡେସନର ନିର୍ଦ୍ଦେଶକ ସିଏଚ ଐଶ୍ୟ ପ୍ରକାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ ଓ ତପିମଣି ଜାନୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅତିଥିମାନେ ବାର୍ଷିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ମାଣିକ୍ୟ' ଉନ୍ମୋଚନ କରିବା ସହ ଷ୍ଟେମ୍ ପ୍ରଦର୍ଶନୀ-୨୦୨୬ ଉଦ୍‌ଘାଟନ କରିଥିଲେ । ସଭା ପରିଚାଳନା କରିଥିଲେ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା ଓ ଶିକ୍ଷୟିତ୍ରୀ ଗାୟତ୍ରୀ କରୁଆଁ । ଅତିଥି ଓ ବିଚାରକମାନେ ପ୍ରଦର୍ଶନୀ ପରିଦର୍ଶନ କରିବା ସହ ଶିଶୁ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀ ଦୀପ୍ତିମୟୀ ସିଂହଙ୍କ ନିର୍ଦ୍ଦେଶନାରେ ଥୁଆପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ବିଜ୍ଞାନ ନାଟକ 'ଅଗ୍ନିପୁତ୍ରି' ପରିବେଷଣ କରିଥିଲେ । ଶିକ୍ଷକମାନଙ୍କ



ସହ ମୁକ୍ତ ଆଲୋଚନା ଅଧିବେଶନକୁ ଶୁଭଲକ୍ଷ୍ମୀ ଦାଶ ଓ ଅଙ୍କିତା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବରଗଡ଼ ଜିଲ୍ଲାର ଶିକ୍ଷକ ଧର୍ମରାଜ ପ୍ରଧାନ ଓ ଟଙ୍କଧର ପ୍ରଧାନ, ନୂଆପଡ଼ା ଜିଲ୍ଲାର ଶିକ୍ଷକ ଅଶୋକ କୁମାର ବେହେରା ଓ କଳାହାଣ୍ଡିର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ଅଂଶଗ୍ରହଣ କରିଥିଲେ । ଧର୍ମରାଜ ପ୍ରଧାନ ଓ ସମୀର କୁମାର ବେହେରା ଓରିଗାମି କର୍ମଶାଳା ପରିଚାଳନା କରିଥିଲେ । ଶିକ୍ଷକ ତେଜେଶ୍ୱର ସାହୁ ଓ ଶିକ୍ଷୟିତ୍ରୀ ଲୋଟସ୍ ତ୍ରିପାଠୀଙ୍କ ପରିଚାଳନାରେ ଜାତୀୟସ୍ତରରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀ ଶୁଭଲକ୍ଷ୍ମୀ ସାହୁ ଓ ଆଶୁତୋଷ ମେହେର ନିଜର ଅନୁଭୂତି ଉପସ୍ଥାପନ କରିଥିଲେ ।ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀଙ୍କ ଦ୍ୱାରା ଜିଲ୍ଲା ବିଜ୍ଞାନ ଫୋରମ୍ ଗଠନ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଓଡ଼ିଶା ରାଇଜିଂ ଫାଉଣ୍ଡେସନର ନିର୍ଦ୍ଦେଶକ ସିଏଚ ଐଶ୍ୟ ପ୍ରକାଶ, କାର୍ଯ୍ୟକ୍ରମ ମୁଖ୍ୟ ସାଗରିକା ରୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ-ପ୍ରଶିକ୍ଷକ ନିହାରିକା ଦେବୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ଶ୍ୱେତାଲିନ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଲସାପଡ଼ା ଅଙ୍ଗନବାଡି ସହାୟିକା ଜାତିପ୍ରଥା ପ୍ରସଙ୍ଗ

# ଗ୍ରାମବାସୀଙ୍କ ସହ ପ୍ରଶାସନର ଆଲୋଚନା ବିଫଳ

**ସିନାପାଲି, ୨୮ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନୂଆପଡ଼ା ପଞ୍ଚାୟତ ପଲସାପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି ସହାୟିକା ଜାତିପ୍ରଥା ଘଟଣାରେ ନୂଆପଡ଼ା ଉପଜିଲ୍ଲାପାଳ ସୁର୍ମି ସୋରେନଙ୍କ ନେତୃତ୍ୱ ରେ ଏକ ଟିମ୍ ଉକ୍ତ ଗ୍ରାମକୁ ଯାଇଥିଲା । ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ବେଳେ ଜିଲ୍ଲା ପ୍ରଶାସନର କଥାକୁ ଗ୍ରାମବାସୀ ଅମାନ୍ୟ କରି ପ୍ରଶାସନର ଉଦ୍ୟମକୁ ବିଫଳ କରିଥିବା ଜଣାପଡ଼ିଛି । ପ୍ରାପ୍ତ ଖବର ଅନୁସାରେ ଆଜକୁ ୧ବର୍ଷ ହେଲା ପଲସାପଡ଼ା ଅଙ୍ଗନୱାଡି ସହାୟିକା ଭାବେ ଜଣେ ଏସ୍‌ସି ଜାତିର ମହିଳା ନିଯୁକ୍ତି ପାଇଥିବା ବେଳେ ଗ୍ରାମବାସୀ ଜାତିପ୍ରଥା ଜାତିଭେଦ ଭାବ ରଖି ଅଙ୍ଗନୱାଡି ଶିଶୁଙ୍କୁ ଅଙ୍ଗନୱାଡି କେନ୍ଦ୍ର ଛାଡୁନଥିବା ବେଳେ ଶୁଖିଲା ଖାଦ୍ୟ ମଧ ନେଉ ନାହାଁନ୍ତି । ଉକ୍ତ କେନ୍ଦ୍ର ଅଚଳ ଅବସ୍ଥାରେ ରହିଛି । ଏହି ଘଟଣା ଅଭିଯୋଗ ପରେ ସିନାପାଲି ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ କାର୍ମି ଓରାମ, ସିଡିପିଓ ଉର୍ମିଳା ମହାପାତ୍ର ସମେତ ଅନେକ ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ବେଳେ ସମାଧାନ ହୋଇ ପାରିନଥିଲା । ବର୍ତ୍ତମାନ ଘଟଣା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ହେଲାପରେ ଗତ ଗୁରୁବାର ଦିନ ଉପଜିଲ୍ଲାପାଳ ସୁର୍ମି ସୋରେନ, ବିଡିଓ କାର୍ମି ଓରାମ, ସିଡିପିଓ ଉର୍ମିଳା ମହାପାତ୍ର ସମେତ ବ୍ଲକ ତଥା ଜିଲ୍ଲା ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପୁଲିସ ପ୍ରଶାସନ ପଲସାପଡ଼ା ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା । ହେଲେ ଗ୍ରାମବାସୀଙ୍କ ଗୋଟିଏ ଜିଦ ଆମେ ପିଲା ଛାଡିବୁ ନାହିଁ କି ସୁଖିଲା ଖାଦ୍ୟ ନେବୁ ନାହିଁ । ଦିର୍ଘ ୨ଘଣ୍ଟା ଆଲୋଚନା ବୁଝାସୁଝା କଲାପରେ ମଧ ଜିଲ୍ଲା ପ୍ରଶାସନ ବିଫଳ ହୋଇଥିଲା । ଅନ୍ୟପକ୍ଷରେ ଗ୍ରାମବାସୀ ଜାତିପ୍ରଥା ଘଟଣାକୁ ଲୁଚାଇବାକୁ ଯାଇ ନିଯୁକ୍ତି ପାଇଥିବା ଏସସି ମହିଳାଙ୍କୁ ଚାକିରିରୁ ବିଦା କରି ଅନ୍ୟ ଜଣେ ପ୍ରାର୍ଥିଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରୁଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ବର୍ତ୍ତମାନ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ ସଠିକ୍ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



## ମହାନଦୀ ଜଳ ବିବାଦ ମାମଲା

# ଟ୍ରିବ୍ୟୁନାଲଙ୍କ ଗସ୍ତକୁ ବିରୋଧ

ସମ୍ବଲପୁର, ୨୮।୨ (ସମିସ): ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ହୀରାକୁଦ ସ୍ଥିତି ପରଖିବା ପାଇଁ ଦୁଇଦିନିଆ ଗସ୍ତରେ ୨୬ ତାରିଖ ସନ୍ଧ୍ୟାରେ ସମ୍ବଲପୁରକୁ ଆସିଛନ୍ତି। ଟ୍ରିବ୍ୟୁନାଲ ଦଳରେ ଚେୟାରମ୍ୟାନ୍ ଜଷ୍ଟିସ ବେଲା ଏମ୍. ତ୍ରିବେଦୀଙ୍କ ସହ ସଭ୍ୟ ଜଷ୍ଟିସ୍ ଡ. ରବି ରଞ୍ଜନ ଓ ଜଷ୍ଟିସ ଇନ୍ଦରମିତ୍ କୌର କୋଚାରଙ୍କ ସହ ଉଭୟ ଓଡ଼ିଶା ଓ ଛତିଶଗଡ଼ର ଆଡଭୋକେଟ୍ ଜେନେରାଲ ଓ ଜଳ ସମ୍ପଦ ବିଭାଗ ସଚିବ ରହିଛନ୍ତି। ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲଙ୍କ ଗସ୍ତକୁ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବା ବେଳେ ଆପୋଷ କଥାବାର୍ତ୍ତା ଜରିଆରେ ଏହାର ସମାଧାନ ହେବା କଥା। କିନ୍ତୁ ମହାନଦୀ ଟ୍ରିବ୍ୟୁନାଲ ଦଳ ପିକ୍‌ନିକ୍ ପାଇଁ ଆସିଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଆଜି ଟ୍ରିବ୍ୟୁନାଲ୍ ଦଳଙ୍କ ସମଲେଶ୍ୱରୀ ମନ୍ଦିରକୁ ଦର୍ଶନ ପାଇଁ ଆସିବାର କାର୍ଯ୍ୟକ୍ରମ ଥିଲା। ତେବେ ପୂର୍ବାହ୍ନରେ ଜେଲଖାନା ଛକଠାରେ ବ୍ୟାନର୍ ନେଇ ସ୍ଲୋଗାନ୍ ସହ ଚାଷୀମାନେ ଟ୍ରିବ୍ୟୁନାଲର ଗସ୍ତକୁ ବିରୋଧ କରିଥିଲେ। ଜେଲ୍ ଛକଠାରେ ବ୍ୟାପକ ପୁଲିସ ମୁତୟନ ହେବା ସହ ତୁରନ୍ତ ଚାଷୀମାନଙ୍କୁ ପୁଲିସ ଉଠାଇ ଗାଡ଼ିରେ ନେଇ ଯାଇଥିଲା। ସେମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଓ ପ୍ରବକ୍ତା ସରୋଜ ତଥା ସମ୍ବଲପୁର ଜିଲ୍ଲା ସଙ୍ଗଠନର ସଭାପତି ବ୍ୟୋମକେଶ ଠାକୁର, ଉପସଭାପତି ଭୈରବ ପ୍ରଧାନ, ସନ୍ତୋଷ ଭୋଇ, ଦିଲ୍ଲୀପ ସାହ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ। ସେମାନଙ୍କୁ ପୁଲିସ ରିଜର୍ଭ ପୁଲିସ ଲାଇନଠାରେ ଅଟକ ରଖିଥିଲା।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ସରକାର ମହାନଦୀର ସୁରକ୍ଷା ପ୍ରତି ସଚେତନ ଅଛନ୍ତି ନା ନାହିଁ, ଆମେ ବିରାଟ ଜନଆନ୍ଦୋଳନ ଜରିଆରେ ଏହି କଥା କହିଥିଲୁ। ୨୦୦୬ ମସିହାରେ ନେହରୁ ମିନାରରୁ ଗାନ୍ଧୀ ମିନାର ପର୍ଯ୍ୟନ୍ତ ଏକ ମାନବ ଶୃଙ୍ଖଳ ଜରିଆରେ ବାର୍ତ୍ତା ଦିଆଗଲା, ୨୦୦୭ ମସିହାରେ ସତ୍ୟାଗ୍ରହ କରାଗଲା, ସେଥିରେ ୩୦ ହଜାର ଚାଷୀ ଭାଗ ନେଇଥିଲେ। ସେତେବେଳେ ସାରା ଭାରତରେ ହୀରାକୁଦ ଡ୍ୟାମ ଓ ମହାନଦୀକୁ ନେଇ ଚର୍ଚ୍ଚା ଆରମ୍ଭ ହେଲା। ୨୦୦୮ ମସିହା ଏପ୍ରିଲ ୭ ତାରିଖରେ ମୁଖ୍ୟମନ୍ତ୍ରୀ ଡାକିଥିବା ବୈଠକରେ ତଥ୍ୟ ଦିଆଯାଇଥିଲା ଯେ ଛତିଶଗଡ଼ରେ ଏତେସଂଖ୍ୟକ ଡ୍ୟାମ, ଆନିକଟ, ବ୍ୟାରେଜ ତିଆରି ହେଉଛି; ଓଡ଼ିଶା ସରକାର ସେମାନଙ୍କ ସହ କଥାବାର୍ତ୍ତା କରୁ କିମ୍ବା ବିରୋଧ କରୁ ବୋଲି କହିଥିଲୁ। ଏହାର ୧୯ ବର୍ଷ ପରେ ଟ୍ରିବ୍ୟୁନାଲର ଆବଶ୍ୟକତା କେଉଁଠି ରହିଲା? ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର, ସେମାନେ କ'ଣ ବସି ଏକ ନ୍ୟାୟ କରିପାରିବେ ନାହିଁ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି।



### ଚାଷୀଙ୍କୁ ଉଠାଇ ନେଲା ପୁଲିସ

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ବ୍ୟୋମକେଶ ଠାକୁର କହିଛନ୍ତି, ଛତିଶଗଡ଼ରେ ବ୍ୟାରେଜ ତିଆରି ହେଲେ ସବୁଠୁ ବେଶୀ ଚାଷୀମାନେ କ୍ଷତିଗ୍ରସ୍ତ ହେବେ। କାରଣ ଚାଷୀ ହିଁ ପ୍ରମୁଖ ଯିଏ କି ହୀରାକୁଦ ଡ୍ୟାମ୍ ଓ ମହାନଦୀ ସହିତ ଜଡ଼ିତ। ଗୋଟିଏ ଦଳର ଦୁଇଜଣ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ରହିଛନ୍ତି, ସେମାନେ ଏକାଠି ବସି ଆପୋଷ ସମାଧାନ କରିବା ଉଚିତ। ଯଦି ସେଭଳି ହୋଇ ନ ପାରୁଛି, ତେବେ ଟ୍ରିବ୍ୟୁନାଲ କଥା କେଉଁ ସରକାର ମାନିବେ ବୋଲି କ'ଣ ଆଶା କରାଯାଇପାରିବ? ଏସବୁ ପ୍ରହସନ ଛଡ଼ା ଅନ୍ୟ କିଛି ନୁହେଁ। ଏଣୁ ଚାଷୀ ସଙ୍ଗଠନ ଗସ୍ତକୁ ବିରୋଧ କରିଛି ବୋଲି ଶ୍ରୀ ପ୍ରଧାନ ମତ ରଖିଛନ୍ତି।

## ଗର୍ଜିଲା 'ମହାନଦୀ ବଞ୍ଚାଅ ଆନ୍ଦୋଳନ'

କଟକ, ୨୮।୨ (ସମିସ): ଓଡ଼ିଶାର ଜୀବନରେଖା ମହାନଦୀ ଜଳ ବିବାଦ ସମାଧାନ ପାଇଁ ଗଠିତ ମହାନଦୀ ଟ୍ରିବ୍ୟୁନାଲଙ୍କ ୫ ଦିନିଆ ଓଡ଼ିଶା ଗସ୍ତକୁ ନେଇ ବିବାଦ ତେଜିବାରେ ଲାଗିଛି। ଆଜି ସକାଳେ କଟକ ଗଡ଼ଗଡ଼ିଆ ଘାଟଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଟ୍ରିବୁନାଲଙ୍କ ଏହି ଗସ୍ତ ମହାନଦୀର ପ୍ରକୃତ ସ୍ଥିତି ଆକଳନ ପାଇଁ ନୁହେଁ, ବରଂ ଏହା ଏକ ପାରିବାରିକ ପିକନିକ୍ ବା ବିଳାସମୟ ଭ୍ରମଣ ସଦୃଶ। ଟ୍ରିବ୍ୟୁନାଲର ୧୦ ଜଣ ସଦସ୍ୟଙ୍କ ମଧ୍ୟରେ ୪ଜଣ ସେମାନଙ୍କ ପରିବାରଲୋକ ଏବଂ ହୀରାକୁଦକୁ ଛାଡ଼ିଦେଲେ ଅନ୍ୟ ପର୍ଯ୍ୟଟନସ୍ଥଳୀ ବୁଲିବାର କାର୍ଯ୍ୟକ୍ରମ ରହିଥିବାରୁ ଏହାକୁ ତୀବ୍ର ସମାଲୋଚନା କରାଯାଇଛି। ବିଶେଷକରି, ରାଜ୍ୟର ଟିକସ ପଇସାରେ ଫାଇଭ୍ ଷ୍ଟାର୍ ହୋଟେଲ ରହଣି ଏବଂ ପୂର୍ବ ଗସ୍ତରେ ହୋଇଥିବା ୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚକୁ ନେଇ ପ୍ରଶ୍ନ ଉଠିଛି। ଏହି ସତ୍ୟାଗ୍ରହରେ ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ ଯୋଗଦେଇ କେନ୍ଦ୍ର ସରକାର ଓ ଟ୍ରିବ୍ୟୁନାଲଙ୍କୁ ନିଦରୁ ଉଠାଇବା ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଛନ୍ତି। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ ମଧ୍ୟ ଏହି ଗସ୍ତ ସମ୍ପର୍କରେ ସୂଚନା ପାଇ ନଥିବା କହିବା ସହ ବିଧାନସଭାରେ ମହାନଦୀ ଜଳ ପ୍ରବାହ ପାଇଁ ସ୍ୱର ଉତ୍ତୋଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପଟେ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ 'ପ୍ରଣୟ' ସମ୍ପର୍କିତ ମନ୍ତବ୍ୟକୁ ଦୁର୍ଭାଗ୍ୟଜନକ ବୋଲି ଦର୍ଶାଇ ସଂଗଠନ ପ୍ରଶ୍ନ କରିଛି ଯେ ଯଦି ଆପୋଷ ଆଲୋଚନା ପାଇଁ ପ୍ରୟାସ ହେଉଛି, ତେବେ ମନ୍ତ୍ରିସ୍ତରୀୟ କମିଟିର ଛତିଶଗଡ଼ ଗସ୍ତ କାହିଁକି ବାତିଲ ହେଲା ଏବଂ ଛତିଶଗଡ଼ ଏଥିରେ ସହଯୋଗ କରୁଛି କି ନାହିଁ ତାହା ସ୍ପଷ୍ଟ ହେବା ଆବଶ୍ୟକ। ସତ୍ୟାଗ୍ରହ ମାଧ୍ୟମରେ ସଂଗଠନ ପକ୍ଷରୁ ମୁଖ୍ୟତଃ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରକାଶ କରି ଅଣ-ମୌସୁମୀ ସମୟରେ ଛତିଶଗଡ଼ରୁ ଆବଶ୍ୟକ ପରିମାଣର ପାଣି ଛାଡ଼ିବାକୁ ନିର୍ଦ୍ଦେଶ ଦେବା ପାଇଁ ଦାବି କରାଯାଇଛି। କଲମା ବ୍ୟାରେଜ୍ ପାଖରେ ନଦୀର ତଣ୍ଟି ଚିପିବା କାର୍ଯ୍ୟରୁ ଛତିଶଗଡ଼ ନିବୃତ୍ତ ରହୁ ବୋଲି ଆବାହକ ସୁଦର୍ଶନ ଦାସ କହିଛନ୍ତି। ସଂଗଠନର ସହ ଆବାହକ ବାସୁଦେବ ଭଞ୍ଜ, ପ୍ରବକ୍ତା ପ୍ରସନ୍ନ ବିଶୋଇ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସତ୍ୟାଗ୍ରହରେ କଟକର ଶତାଧିକ ଲୋକ ଯୋଗଦେଇଥିଲେ। ନାରୀନେତ୍ରୀ ଗିରିବାଳା ବେହେରା, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡା, ନିକୁଞ୍ଜ ପଶାୟତ, ସୂର୍ଯ୍ୟକାନ୍ତ ରାଉତ, ଲିଜାରାଣୀ ରାଉତ, ସୁରଜିତ ସାହୁ, ଅଜୟ ଗୋଚ୍ଛାୟତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଠକେଇ କରି ଜମି କିଣାବିକା: ୭ ଗିରଫ



ଖପ୍ରାଖୋଲ,୨୮।୨(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ପଡ଼ିଆବାହାଲ ପଞ୍ଚାୟତ ପାଟେର ଗାଁରେ ଠକେଇ କରି ଜମି କିଣାବିକା ମାମଲାରେ ପୁଲିସ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବରଗଡ଼ ଜିଲ୍ଲା ଜଗଦଲପୁର ଥାନା ଲୁହୁରାକୋଟ ଗାଁର ଯଦୁନନ୍ଦ ସାହୁ(୪୮), ସୋହେଲା ଥାନା ଝର ଗାଁର କସ୍ତୁରୀ ସହୁ (୪୫), ସୋହେଲା ଥାନା ତବଡା ଗାଁର ହାଡୁ ସା (୫୭), ଲକି ସାହୁ (୨୧), ଗୋବିନ୍ଦ ସା (୪୫), ଝରଣା ସା (୪୦), ସୋହେଲା ଥାନା ସମଲେଇପଦର ଗାଁ ଗୌରହରି ସାହୁ (୩୮)। ମାସେ ତଳେ ନକଲି କାଗଜପତ୍ର ଦେଇ ପାଟଣାଗଡ଼ ସବ୍-ରେଜିଷ୍ଟ୍ରି କାର୍ଯ୍ୟାଳୟରେ ୧୩ ଏକର ୬୫ ଡିସିମିଲ ଜମି ବିକ୍ରି ହୋଇଥିବା ଖପ୍ରାଖୋଲ ତହସିଲ ଓ ଖପ୍ରାଖୋଲ ଥାନାରେ ପାଟେର ଗାଁର ଟିକେଚନ ସାହୁ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ଦୁଇ ମୃତ

ଗୋଲାମୁଣ୍ଡା, ୨୮।୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦସପୁର ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ବାଇକ୍ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ଦଶପୁରଗ୍ରାମର ସୂର୍ଜି ଗିରି ଓ କୃଷ୍ଣ ସାହୁ। ଗୁରୁତର ହେଲେ ପ୍ରତାପ ସେଠୀ। ତିନି ଜଣଯାକ ଫରଙ୍ଗରେ ହେଉଥିବା ଷୋହଳ ପ୍ରହର ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ଘରକୁ ଫେରୁଥିବା ବେଳେ ସେମାନଙ୍କ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେମାନଙ୍କୁ ଆମ୍ବୁଲାନ୍ସରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ସୂର୍ଜି ଓ କୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୋଲାମୁଣ୍ଡା ପୁଲିସ ଆଜି ସକାଳେ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦୀପୁ-ଓମ୍ ହତ୍ୟା ମାମଲା

# ନିମ୍ନ ଅଦାଲତଙ୍କ ରାୟକୁ ବିରୋଧ କରି ହାଇକୋର୍ଟରେ ୩ଟି ମାମଲା

**ରାଜ୍ୟ ସରକାର, ଦୀପୁଙ୍କ ମା ଓ ଧଳ ସାମନ୍ତ ଭ୍ରାତାଙ୍କ ଆବେଦନ**

କଟକ, ୨୮।୨ (ସମିସ): କଟକର ବହୁଚର୍ଚ୍ଚିତ ମନୋଜ ମଲ୍ଲିକ ଓରଫ୍ ଦୀପୁ ଓ ଓମ୍‌ପ୍ରକାଶ ସ୍ୱାଇଁ ଓରଫ୍ ଓମ୍ ହତ୍ୟା ଘଟଣାରେ କଟକ ଦୌରାଜଜ୍ ଅଦାଲତଙ୍କ ଗତ ୨୦୨୫, ଜୁନ ୨୬ର ରାୟକୁ ଚାଲେଞ୍ଜ କରି ହାଇକୋର୍ଟରେ ୩ଟି ପୃଥକ୍ ଅପିଲ କରାଯାଇଛି। ନିମ୍ନ ଅଦାଲତଙ୍କ ରାୟ ବିରୋଧରେ ରାଜ୍ୟ ସରକାର, ଦୀପୁଙ୍କ ମା' ଶାନ୍ତିଲତା ଓ ଅଭିଯୁକ୍ତ ଶୁଶାନ୍ତ ଓ ସୁଶୀଲ ଧଳସାମନ୍ତ ଭ୍ରାତାଙ୍କ ପକ୍ଷରୁ ଏହି ଆବେଦନ କରାଯାଇଛି। ହାଇକୋର୍ଟ ଏଗୁଡ଼ିକୁ ବିଚାର ପାଇଁ ଗ୍ରହଣ କରି ଉପରୋକ୍ତ ତିନି ମାମଲାର ଏକତ୍ର ଶୁଣାଣି ଚାଲିବ ବୋଲି କହିଛନ୍ତି। ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ମଧ୍ୟ ପୂର୍ବରୁ ନୋଟିସ ପାଇ ସୁଶୀଲ, ସୁଶାନ୍ତଙ୍କ ସହିତ ଅନ୍ୟ ୬ଜଣ ଆଇନଜୀବୀଙ୍କ ମାଧ୍ୟମରେ ହାଇକୋର୍ଟରେ ହାଜର ହୋଇଥିଲେ।

ମାମଲାରୁ ପ୍ରକାଶ, ଗତ ୨୦୨୫ ଜୁନ୍ ୨୬ରେ ଦୀପୁ-ଓମ୍ ହତ୍ୟା ଅଭିଯୋଗରୁ ସୁଶାନ୍ତ, ସୁଶୀଲ ଓ ସେମାନଙ୍କ ୬ଜଣ ସହଯୋଗୀଙ୍କୁ ଦୌରା ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଥିଲେ। ସୁଶାନ୍ତ ଓ ସୁଶୀଲଙ୍କୁ ଆଇପିସିର ଦଫା ୩୬୪, ୩୦୨, ୨୦୧, ୩୪, ୧୨୦-ବି, ଆର୍ମସ ଆକ୍ଟର ଧାରା ୨୫(୧-ଏଏ), ୨୭ରୁ ଅଦାଲତ ଦୋଷମୁକ୍ତ କରିଥିଲେ ହେଁ ଆର୍ମସ ଆକ୍ଟର ଧାରା ୨୫(୧-ଏ) ଓ ୨୫(୧-ବି)(ଏ)ରେ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିଲେ। ଉଭୟଙ୍କୁ ଆର୍ମସ ଆକ୍ଟର ଧାରା ୨୫(୧-ଏ)ରେ ୭ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା, ଧାରା ୨୫(୧-ବି)(ଏ)ରେ ୩ ବର୍ଷ ଲେଖାଏଁ ଜେଲ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଥିଲା।

ପ୍ରକାଶଥାଉକି ଗତ ୨୦୧୩ ନଭେମ୍ବର ୧୨ରେ ଚାଉଳିଆଗଞ୍ଜ ଅଞ୍ଚଳର ଦୀପୁ ଓ କଲ୍ୟାଣୀନଗରର ଓମ୍‌ଙ୍କୁ ଧଳସାମନ୍ତ ଓ ସେମାନଙ୍କ ସହଯୋଗୀ ଅପହରଣ ପରେ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ୨୦୧୬ ଜାନୁଆରି ୨୮ରେ ଭୁବନେଶ୍ୱରରୁ ସୁଶାନ୍ତ ଓ ସୁଶୀଲଙ୍କୁ ପୁଲିସ ଗିରଫ କରିଥିଲା।

## କନ୍ଧମାଳରେ 'ଅପରେସନ୍ ଶୁକ୍ରୁ'

# ପୁଲିସର ୩୬୦ ଡିଗ୍ରୀ ରଣନୀତିରେ ମାଓବାଦୀ ଅଣନିଃଶ୍ୱାସୀ

- ଆତ୍ମସମର୍ପଣ ନକଲେ ନିପାତ ନିଶ୍ଚିତ!
- ଥର୍ମାଲ ଡ୍ରୋନ୍ ଜାଲରେ ନକ୍ସଲ
- କୋଣଠେସା ହେଲେ ଶୁକ୍ରୁ-ଶିଳା-ନକୁଳ

ଫୁଲବାଣୀ, ୨୮।୨ (ସମିସ): ଓଡ଼ିଶା ମାଟିକୁ ଲାଲ୍ ଆତଙ୍କରୁ ସଂପୂର୍ଣ୍ଣ ମୁକ୍ତ କରିବା ପାଇଁ ଶେଷ ସଂଗ୍ରାମ ଆରମ୍ଭ ହୋଇଛି। କନ୍ଧମାଳର ଦୁର୍ଗମ ପାହାଡ଼ ଓ ଘଞ୍ଚ ଅରଣ୍ୟ ଭିତରେ ଦୀର୍ଘ ଦଶନ୍ଧି ଧରି ଚାଲିଥିବା ହିଂସାର ରାଜୁତି ଏବେ ଶେଷ ପର୍ଯ୍ୟାୟରେ। ଓଡ଼ିଶା ପୁଲିସର ଶକ୍ତିଶାଳୀ ଆଣ୍ଟି-ନକ୍ସଲ ୟୁନିଟ୍ ଏସ୍‌ଓଜି ଏବଂ ସୁରକ୍ଷାବାହିନୀ ପକ୍ଷରୁ ଆରମ୍ଭ ହୋଇଛି ଏକ ବିଶାଳ ଅଭିଯାନ 'ଅପରେସନ ଶୁକ୍ରୁ'।

ସୂଚନାନୁଯାୟୀ, ଦାରିଙ୍ଗବାଡ଼ି ଏବେ ଏକ ଯୁଦ୍ଧ କ୍ଷେତ୍ରରେ ପରିଣତ ହୋଇଛି। ସୁରକ୍ଷା ବଳ ସମ୍ପୂର୍ଣ୍ଣ ଅଞ୍ଚଳରେ ଏକ 'ଲୌହ ବଳୟ' ସୃଷ୍ଟି କରିଛନ୍ତି। ପାହାଡ଼ର ଶିଖରରୁ ଆରମ୍ଭ କରି ଜଙ୍ଗଲର ଗଭୀର ପାଦଦେଶ ପର୍ଯ୍ୟନ୍ତ, ପ୍ରତିଟି ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିଦିଆଯାଇଛି। ଯବାନ ନକ୍ସଲଙ୍କୁ ଚାରିପଟୁ ଘେରି ସାରିଛନ୍ତି, ଯେଉଁଠାରୁ ଖସିବା ଅସମ୍ଭବ ବୋଲି କୁହାଯାଇଛି। ପୁଲିସର ଏହି ୩୬୦ଡିଗ୍ରୀ ରଣନୀତି ମାଓବାଦୀଙ୍କୁ ଅଣନିଃଶ୍ୱାସୀ କରିଦେଇଛି। ଏହି ଅପରେସନ୍‌ରେ ମୁଖ୍ୟତଃ ୩ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ପୁଲିସ ଘେରି ରଖିଛି। ସେମାନେ ହେଲେ, ଦୁର୍ଦ୍ଦାନ୍ତ ମାଓ ନେତା ଶୁକ୍ରୁ, ମାଓନେତ୍ରୀ ଶୀଳା ଏବଂ ମାଓ ସହଯୋଗୀ ନକୁଳ।



ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବା ଶୁକ୍ରୁ ଓ ସହଯୋଗୀ ଏବେ ସମ୍ପୂର୍ଣ୍ଣ ଭାବେ କୋଣଠେସା ହୋଇପଡ଼ିଛନ୍ତି। ଏହି ଲଢ଼େଇ ପୁରୁଣାଶୈଳୀର ନୁହେଁ। ପ୍ରଥମ ଥର ପାଇଁ ଓଡ଼ିଶା ପୁଲିସ ଅତ୍ୟାଧୁନିକ ଥର୍ମାଲ ସେନ୍ସର ଡ୍ରୋନ୍ ଏବଂ ସନ୍ଧାନୀ କୁକୁର ବ୍ୟବହାର କରୁଛି। ଏହି ଡ୍ରୋନ୍‌ଗୁଡ଼ିକ ଅନ୍ଧକାର ରାତିରେ ମଧ୍ୟ ଗହଳିଆ ବୁଦା ଭିତରେ ଲୁଚିଥିବା ମାଓବାଦୀଙ୍କ ଶରୀରର ତାପମାତ୍ରାକୁ ଚିହ୍ନଟ କରି ସେମାନଙ୍କ ସଠିକ୍ ସ୍ଥାନ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ପଠାଉଛି। ଜଙ୍ଗଲର ପ୍ରତିଟି ଗୁମ୍ଫା ଓ ଝରଣା ଉପରେ ଏବେ ଚିଲ ଭଳି ନଜର ରଖାଯାଇଛି।

ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି, ମାଓବାଦୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଆଭ୍ୟନ୍ତରୀଣ କନ୍ଦଳ। ଦୁର୍ଦ୍ଦାନ୍ତ ଶୁକ୍ରୁ ଏବେ ଏତେ ଭୟଭୀତ ହୋଇପଡ଼ିଛି ଯେ ସେ ନିଜର ଜୀବନ ବଞ୍ଚାଇବା ପାଇଁ ସହଯୋଗୀ ଓ କ୍ୟାଡରଙ୍କୁ 'ହ୍ୟୁମାନ ସିଲ୍ଡ' (ମାନବ ଢାଲ) ଭାବେ ବ୍ୟବହାର କରୁଛି। ଯେଉଁମାନେ ଆତ୍ମସମର୍ପଣ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଶୁକ୍ରୁ ନିଜ ହାତରେ ହତ୍ୟା କରୁଛି।

ପୁଲିସ ଡିଜି ସ୍ପଷ୍ଟ କରିଛନ୍ତି ଯେ ଓଡ଼ିଶାର ଜଙ୍ଗଲରେ ଏବେ ବି ୪୦ ହାର୍ଡକୋର୍ ମାଓନେତା ଲୁଚି ରହିଛନ୍ତି। ସରକାର ସେମାନଙ୍କୁ ଆଉ ମାତ୍ର ଏକମାସର ସମୟ ଦେଇଛନ୍ତି। ଯଦି ଏହି ସମୟ ମଧ୍ୟରେ ସେମାନେ ନିଜର ଅସ୍ତ୍ରଶସ୍ତ୍ର ପୁଲିସ ପାଖରେ ସମର୍ପଣ ନ କରନ୍ତି, ପୁଲିସର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ 'ସର୍ଜିକାଲ ଷ୍ଟ୍ରାଇକ୍' ପରି ଭୟଙ୍କର ହେବ। ଡିଜିଙ୍କ ଚେତାବନୀ ସ୍ପଷ୍ଟ ଆତ୍ମସମର୍ପଣ କର, ନଚେତ୍ ଇତିହାସ ହୋଇଯିବ। କନ୍ଧମାଳର ଏହି ନିର୍ଣ୍ଣାୟକ ଲଢ଼େଇ ସଫଳ ହେଲେ ଦୀର୍ଘବର୍ଷ ଧରି ବାଧାପ୍ରାପ୍ତ ହୋଇଥିବା ବିକାଶମୂଳକ କାର୍ଯ୍ୟ ଏହି ଦୁର୍ଗମ ଅଞ୍ଚଳରେ ତ୍ୱରାନ୍ୱିତ ହୋଇପାରିବ।


32001/158/2526

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର
## (ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ପତ୍ର ସଂଖ୍ୟା: ୮୦ ତାରିଖ: ୦୩.୦୨.୨୦୨୬

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗୀର ଜିଲ୍ଲାର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ ର ଜଳ ଭଣ୍ଡାର ନିମନ୍ତେ ମୌଜା -ଡୁମେରବାହାଲ ବେଲପଡା ନଂ -୩, ତହସିଲ – ବେଲପଡା ନଂ -୧୩୨, ଜିଲ୍ଲା- ବଲାଙ୍ଗୀର ରେ ନିମ୍ନ ତପସିଲ ମତେ ପ୍ରାୟ ଏ. ୩୨.୬୨୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ ଅପର ଲାନ୍ଥ ଜଳସେଚନ ବିଭାଜନ, ବେଲପଡା, ବଲାଙ୍ଗୀର।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଅପର ଲାନ୍ଥ ଜଳସେଚନ ଯୋଜନା ର ଜଳ ଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।

୪, ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ମୌଜା ପାଇଁ ପ୍ରଯୁଜ୍ୟ ନୁହେଁ।

୫. ଥଇଥାନ ଓ ପୁନଃର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର।

୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରସ୍ତର ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ବେଲପଡା | ଡୁମେରବାହାଲ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୨.୬୨୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ ବେଲପଡା ବଲାଙ୍ଗୀରଙ୍କ କାର୍ଯ୍ୟାଳୟର କାର୍ଯ୍ୟଦିବସ ମାନଙ୍କ ରେ ଦେଖିବାକୁ ମିଳିପାରିବ।

ଉକ୍ତ ଅସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳ ଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଓ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାଯୋଚିତ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ କ୍ଷତିପୂରଣ ଅଧିକାର ଏବଂ ଭୂ – ଅର୍ଜନର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ, ବଲାଙ୍ଗୀର

Mouza: Dumerbahal, Thana No.-03, Thana: Belpada, Tahsil: Belpada, Dist.- Balangir

**PRIVATE LAND**

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ୍ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) | Remarks |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | 6 | କମଳ ସାଏ ବରିହା, ଧନ ସାଏ ବରିହା, ମନବୋଧ ବରିହା ପି: ଗୋପି ବରିହା, ଶ୍ରୀମତୀ ବରିହା ସ୍ୱା: ଗୋପି ବରିହା, ଶଙ୍କର ବରିହା, ନଙ୍କର ବରିହା ପି: ରାମ ସାଏ ବରିହା, ବାଲମତୀ ବରିହା ସ୍ୱା: ରାମ ସାଏ ବରିହା, ଭରତ ବରିହା, ଶତ୍ରୁଘ୍ନ ବରିହା, କ୍ଷେତ୍ର ବରିହା, ଢବରି ବରିହା ପି: ପଦ୍ମନ ବରିହା, ସୁକାନ୍ତୀ ବରିହା ସ୍ୱା: ପଦ୍ମନ ବରିହା ଜା: ବିଂଝାଲ ବା: ନିଜଗାଁ | 42 | ଆଟ ମାମୁଲି | 12.85 | 2.65 | |
| | | | 53 | ବେର୍ଣ୍ଣା ମାମୁଲି | 3.735 | 1.8 | |
| | | | 54 | ଆଟ ମାମୁଲି | 3.050 | 3.050 | |
| | | | 56 | ଆଟ ମାମୁଲି | 1.900 | 1.900 | |
| 2 | 7 | କଲାର ସିଂହ ବରିହା ପି: ଭୁତ ବରିହା ଜା: ବିଂଝାଲ ବା: ନିଜଗାଁ | 55 | ବେର୍ଣ୍ଣା ମାମୁଲି | 1.950 | 0.770 | |
| | | | 61 | ଆଟ ମାମୁଲି | 0.730 | 0.410 | |
| 3 | 8 | କଲାର ସିଂହ ବରିହା, ପାର୍ଥ ବରିହା, ନଟ ବରିହା, ବୁଟି ବରିହା ପି: ଭୁତ ବରିହା ଜା: ବିଂଝାଲ ବା: ନିଜଗାଁ | 59 | ବେର୍ଣ୍ଣା ମାମୁଲି | 0.770 | 0.770 | |
| | | | 59/369 | ବେର୍ଣ୍ଣା ମାମୁଲି | 0.040 | 0.040 | |
| | | | 56/366 | ମାଲ ମାମୁଲି | 0.180 | 0.180 | |
| | | | 56/367 | ମାଲ ମାମୁଲି | 0.540 | 0.540 | |
| 4 | 9 | କନ୍ଧୁ ବରିହା ପି: ସାଧେ ବରିହା, ଗୌରିଆ ବୁଢା ବରିହା ପି: ଭାବସିଂହ ବରିହା ଜା: ବିଂଝାଲ ବା: ଘାସୁଲି | 78 | ଆଟ ମାମୁଲି | 1.450 | 0.800 | |
| | | | 77 | ମାଲ ମାମୁଲି | 0.110 | 0.030 | |
| 5 | 10 | କାର୍ତ୍ତିକ ବରିହା ପି:ଧନମାଳି ବରିହା ଜା: ବିଂଝାଲ ବା: ନିଜଗାଁ | 122/377 | ଆଟ ମାମୁଲି | 0.510 | 0.510 | |
| | | | 123 | ବେର୍ଣ୍ଣା ମାମୁଲି | 0.380 | 0.380 | |
| 6 | 12 | କୁମର ମଣି ବରିହା ପି:ରାଜମନ ବରିହା ଜା: ବିଂଝାଲ ବା: ନିଜଗାଁ | 59/368 | ବେର୍ଣ୍ଣା ମାମୁଲି | 0.400 | 0.370 | |
| 7 | 13 | କେଶବ ମଲିକ ପି: କର୍ଣ୍ଣ ମଲିକ, ବୃନ୍ଦାବନ ମଲିକ ପି: କିର୍ତ୍ତନ ମଲିକ ଜା: ଦଳ ବା: ନିଜଗାଁ | 52 | ମାଲ ମାମୁଲି | 0.340 | 0.07 | |
| 8 | 14 | ଖିରଧର ବରିହା ପି:ନାରାୟଣ ବରିହା ଜା: ବିଂଝାଲ ବା: ନିଜଗାଁ | 122/378 | ଆଟ ମାମୁଲି | 0.460 | 0.260 | |
| | | | 123/382 | ବେର୍ଣ୍ଣା ମାମୁଲି | 0.320 | 0.250 | |
| 9 | 15 | ଗିରିଧାରି ବରିହା ପି:ରାଜ ବରିହା ଜା: ବିଂଝାଲ ବା: ନିଜଗାଁ | 119 | ବେର୍ଣ୍ଣା ମାମୁଲି | 0.550 | 0.520 | |
| 10 | 19 | ଛିତୁ ସୁନା ପି:ରାଜନ ସୁନା ଜା: ଗଣ୍ଡା ବା: ନିଜଗାଁ | 79 | ବେର୍ଣ୍ଣା ମାମୁଲି | 0.700 | 0.230 | |
| 11 | 21 | ତିକେଶ୍ୱର ବରିହା, କ୍ଷିରଧର ବରିହା, ପ୍ରମେଶ୍ୱର ବରିହା ପି: ନାରାୟଣ ବରିହା, ସୁନାଧର ବରିହା, ମାୟାଧର ବରିହା ପି: ରୂପସିଂହ ବରିହା ଜା: ବିଂଝାଲ ବା: ନିଜଗାଁ | 121 | ଆଟ ମାମୁଲି | 1.300 | 1.300 | |
| | | | 122 | ଆଟ ମାମୁଲି | 4.500 | 4.500 | |
| | | | 118/312 | ଆଟ ମାମୁଲି | 0.550 | 0.060 | |
| | | | 118/313 | ଆଟ ମାମୁଲି | 0.800 | 0.800 | |
| | | | 118/314 | ଆଟ ମାମୁଲି | 0.260 | 0.050 | |
| 12 | 24 | ଧନନ୍ତରି ଲୁହା ପି:ଚକ୍ର ଲୁହା ଜା: ଗଣ୍ଡା ବା: ନିଜଗାଁ | 122/380 | ଆଟ ମାମୁଲି | 0.5 | 0.5 | |
| | | | 123/384 | ବେର୍ଣ୍ଣା ମାମୁଲି | 0.160 | 0.160 | |
| | | | 123/385 | ବେର୍ଣ୍ଣା ମାମୁଲି | 0.070 | 0.070 | |
| 13 | 25 | ଧନମତୀ ବରିହା ଜା: ବିଂଝାଲ ବା: ଖାଲ ବାହାଲ, ଧନଦେଇ ବରିହା ପି: ଭୁତ ବରିହା ଜା: ବିଂଝାଲ ବା: ଯାମ ଝୁରି, କଲାର ସିଂହ ବରିହା, ପାର୍ଥ ବରିହା, ନଟ ବରିହା, ବୁଟି ବରିହା ପି: ଭୁତ ବରିହା, ରଥ ବରିହା ପି: ମନ ବରିହା ଜା: ବିଂଝାଲ ବା: ନିଜଗାଁ | 66 | ବେର୍ଣ୍ଣା ମାମୁଲି | 0.430 | 0.430 | |
| 14 | 26 | ଧନମତୀ ବରିହା ପି: ଭୁତ ବରିହା ଜା: ବିଂଝାଲ ବା: ଖାଲ ବାହାଲ, ଧନଦେଇ ବରିହା ପି: ଭୁତ ବରିହା ଜା: ବିଂଝାଲ ବା: ଯାମ ଝୁରି | 62 | ବେର୍ଣ୍ଣା ମାମୁଲି | 0.100 | 0.100 | |
| | | | 63 | ବେର୍ଣ୍ଣା ମାମୁଲି | 0.700 | 0.220 | |
| 15 | 28 | ଉଗ୍ରେସନ ବରିହା ପି: ନାରେନ୍ ବରିହା ଜା: ବିଂଝାଲ ବା: ଡୁମେରବାହାଲ, ସୁମିତ୍ରା ବରିହା ପି: ନାରେନ୍ ବରିହା ଜା: ବିଂଝାଲ ବା: ବରବାହାଲ, ସୁପୁରୁ ବରିହା, ଘରକୁଣି ବରିହା ପି: ନାରେନ୍ ବରିହା ଜା: ବିଂଝାଲ ବା: ବାଗମୁଣ୍ଡା, ସୂର୍ଯ୍ୟ ବରିହା ପି: ନାରେନ୍ ବରିହା ଜା: ବିଂଝାଲ ବା: ଡଙ୍ଗରପଡ଼ା, ସାଇବନି ବରିହା ପି: ତ୍ରିଲୋଚନ ବରିହା, ତୁମା ବରିହା ପି: ଉଦେ ବରିହା ଜା: ବିଂଝାଲ ବା: ଡୁମେରବାହାଲ | 126 | ବେର୍ଣ୍ଣା ମାମୁଲି | 1.100 | 0.190 | |
| 16 | 30 | ପରମେଶ୍ୱର ବରିହା ପି:ନାରାୟଣ ବରିହା ଜା: ବିଂଝାଲ ବା: ନିଜଗାଁ | 122/379 | ଆଟ ମାମୁଲି | 0.380 | 0.360 | |
| 17 | 32 | ବାମନ ବରିହା, ଇନ୍ଦ୍ର ବରିହା, କୁମର ମଣି ବରିହା ପି: ରାଜମନ ବରିହା ଜା: ବିଂଝାଲ ବା: ନିଜଗାଁ | 74 | ଆଟ ମାମୁଲି | 4.390 | 1.650 | |
| 18 | 38 | ମଧୁବନ ମାଝୀ ପି:ନଗଦୀ ମାଝୀ ଜା: ଦଳ ବା: ନିଜଗାଁ | 172/375 | ଆଟ ମାମୁଲି | 0.440 | 0.440 | |
| | | | 183/381 | ବେର୍ଣ୍ଣା ମାମୁଲି | 0.330 | 0.050 | |
| 19 | 39 | ଅର୍ଜୁନ ବରିହା, ସୁବିଧା ବରିହା, ମୁକ୍ତା ବରିହା, ଦଶମି ବରିହା ପି: ମଧୁ ବରିହା ଜା: ବିଂଝାଲ ବା: ନିଜଗାଁ | 64 | ବେର୍ଣ୍ଣା ମାମୁଲି | 0.200 | 0.060 | |
| | | | 65 | ବେର୍ଣ୍ଣା ମାମୁଲି | 0.300 | 0.120 | |
| 20 | 41 | ମାୟାଧର ବରିହା ପି:ରୂପି ବରିହା ଜା: ବିଂଝାଲ ବା: ନିଜଗାଁ | 124/316 | ଆଟ ମାମୁଲି | 0.560 | 0.300 | |
| 21 | 47 | ଶର୍ମିଷ୍ଠା ମହାକ୍ଷୁଡ ସ୍ୱା: ସୁରେଶ ଚନ୍ଦ୍ର ମହାକ୍ଷୁଡ, ଅନନ୍ତ ମହାକ୍ଷୁଡ, ଅଜିତ ମହାକ୍ଷୁଡ, ଆଲୋକ ମହାକ୍ଷୁଡ ପି: ସୁରେଶ ଚନ୍ଦ୍ର ମହାକ୍ଷୁଡ ଜା: ନନ୍ଦ ଗଉଡ ବା: ଘାସୁଲି | 145 | ଆଟ ମାମୁଲି | 5.400 | 2.000 | |
| 22 | 49 | ଶ୍ରୀମତୀ ମଲିକ ସ୍ୱା: ଗୋବର୍ଦ୍ଧନ ମଲିକ, କଂସରା ମଲିକ, ଖଦିର ମଲିକ ପି: ଗୋବର୍ଦ୍ଧନ ମଲିକ, ଜମୁନା ମଲିକ ପି: ଜଗତ ମଲିକ, କେଶବ ମଲିକ ପି: କର୍ଣ୍ଣ ମଲିକ, ବୃନ୍ଦାବନ ମଲିକ ପି: କର୍ତ୍ତନ ମଲିକ ଜା: ଦଳ ବା: ନିଜଗାଁ | 49 | ବେର୍ଣ୍ଣା ମାମୁଲି | 3.980 | 1.393 | |
| | | | 51 | ଆଟ ମାମୁଲି | 0.720 | 0.17 | |
| 23 | 50 | ସୁନାଧର ବରିହା ପି:ରୂପସିଂହ ବରିହା ଜା: ବିଂଝାଲ ବା: ନିଜଗାଁ | 124 | ଆଟ ମାମୁଲି | 0.620 | 0.120 | |
| 24 | 51/11 | ନରେଶ ମହାକୁଡ, ପ୍ରଦିପ କୁମାର ମହାକୁଡ ପି: ହେମସାଗର ମହାକୁଡ ଜା: ଗଉଡ଼ ବା: ଘାସୁଲି | 145/445 | ଆଟ ମାମୁଲି | 11.000 | 1.25 | |
| 25 | 51/13 | ବିରଞ୍ଚି ବରିହା ପି:ନିଦେଇ ବରିହା ଜା: ବିଂଝାଲ ବା: ଯାମଝୁରି | 143/449 | ଘରବାରି | 0.330 | 0.100 | |
| 26 | 51/17 | ଦୁର୍ଯ୍ୟୋଧନ ବିଶ୍ୱାଲ ପି:କାଲିଆ ବିଶ୍ୱାଲ ଜା: ସହରା ବା: ଡୁବାଇଟା | 53/453 | ବେର୍ଣ୍ଣା ମାମୁଲି | 0.215 | 0.215 | |
| 27 | 51/23 | ମୁରଲି ପୁଟୀ ପି:ହରେକୃଷ୍ଣ ପୁଟୀ ଜା: ଭଣ୍ଡ ବା: କଦଳୀ | 74/446/465 | ଆଟ ମାମୁଲି | 0.600 | 0.490 | |
| | | | | | | 32.628 | |

**GOVT. LAND**

| | | | | | | | |
|---|---|---|---|---|---|---|---|
| 28 | 52 | ରକ୍ଷିତ | 72 | ମୁଣ୍ଡା | 1.880 | 0.250 | |
| | | | 73 | ମୁଣ୍ଡା | 0.430 | 0.110 | |
| | | | 73/308 | ମୁଣ୍ଡା | 0.120 | 0.120 | |
| | | | 75 | ମୁଣ୍ଡା | 0.410 | 0.350 | |
| 29 | 55 | ଆବାଦ ଅଯୋଗ୍ୟ ଅନାବାଦୀ | 144 | ପଥର ଚଟାଣ | 0.600 | 0.600 | |
| | | | 66/307 | ପଥର ଚଟାଣ | 0.230 | 0.070 | |
| | | | | | | 1500 | |

This land schedule has been prepared based onthe Certified ROR copies obtained fromthe Tahasildar, Belpara, vide his Letter No. 81, dt. 06.01.2025

Asst. Engineer
UL Irr. Sub-Div. No.-II
Belpada

Asst. Executive Engineer,
UL Irr. Sub-Div. No.-II
Belpada

Executive Engineer,
Upper Lanth Irr. Division,
Belpada

Special Land Acquisition
& Rehabilitation Officer
ULIP, Belpada

OIPR-32001/32557/3/25-26/0006



## ପ୍ରେକ୍ଷାଳୟରେ 'ଚାରିକାନ୍ଧ'

ରିତୁପ୍ରିୟା ପ୍ରଡ଼କ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ସିନେମା 'ଚାରିକାନ୍ଧ' ବର୍ତ୍ତମାନ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଉଛି । ୩୮ ମିନିଟ୍‌ର ଏହି ଫିଲ୍ମଟି ୪୬ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଫେଷ୍ଟିଭାଲ୍‌ରେ ଯୋଗଦେଇ ୨୨ରୁ ଅଧିକ ପୁରସ୍କାର ଜିତିଛି । ଜାପାନର ହୋକ୍କାଇଡୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ମଧ୍ୟମ ଅବଧି ସିନେମା ବିଭାଗରେ 'ଚାରିକାନ୍ଧ' ପ୍ରଦର୍ଶିତ ହୋଇଥିଲା । ଏଥିପାଇଁ ମଧ୍ୟମ ଅବଧିର ମାତ୍ର ଆଠଟି ଚଳଚ୍ଚିତ୍ର ମନୋନୀତ ହୋଇଥିବା ବେଳେ ଭାରତରୁ 'ଚାରିକାନ୍ଧ' ଏକମାତ୍ର ସିନେମା ଭାବରେ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଛି । ସାମ୍ପ୍ରତିକ ସମାଜର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକୁଟିଆପଣକୁ ନେଇ ତଥା ଅନ୍ୟ କିଛି ଭିନ୍ନ କଥାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଅତିଶ କୁମାର ରାଉତ । ଏହି ସିନେମାର କାହାଣୀ ,ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱନାଥ ରଥ ସହ ପ୍ରଯୋଜକ ହେଲେ ସୁପ୍ରିୟା ରାଉତ, ଅଖିଳ ରାଜୁରକର ।



## ୬ ରେ 'କାନ୍ଦ ମାଷ୍ଟ୍ରେ'

ଚଳିତ ମାସ ୬ ତାରିଖରେ ନୂଆ ଓଡ଼ିଆ ସିନେମା 'କାନ୍ଦ ମାଷ୍ଟ୍ରେ' ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପୁନର୍ବାର ଘୋଷଣା କରିଛି । ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥାଆନ୍ତି । ଏ ପରମ୍ପରା ଧୀରେ ଧୀରେ ନବେ ଦର୍ଶକଠୁ ଏକ ପ୍ରକାର ଲୋପ ପାଇ ବସିଲାଣି । ଏପରି ଏକ କହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ର ଚିତ୍ରଣ କରାଯାଇଛି । ଓଡ଼ିଶାର ଆଗ ଧାଡ଼ିର ନାଟ୍ୟକାର ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା । କାହାଣୀ ଓ ସଂଳାପ ଜାକିର ଖାନ ଲେଖିଥିବାବେଳେ ଚିତ୍ରନାଟ୍ୟରେ ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା ଅଛନ୍ତି । ଏଥିରେ ଅଭିନେତ୍ରୀ ଲିପ୍ସା ମିଶ୍ର , ବିଭୁ ପ୍ରସାଦ , ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟ କରିଛନ୍ତି । ସିନେମାଟିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ । ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ । 'କାନ୍ଦ ମାଷ୍ଟ୍ରେ'କୁ ଦର୍ଶକଙ୍କ ଭଲ ପାଇବା ମିଳିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛନ୍ତି ।

## ଟେଲିଭିଜନ ପ୍ରିମିୟର୍ 'ଚନ୍ଦ୍ରବଂଶୀ'

ଆଜି ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ ଓଡ଼ିଆ ଚଳଚ୍ଚିତ୍ର 'ଚନ୍ଦ୍ରବଂଶୀ' । ଏହା ହେଉଛି ଏକ ରୋମାଞ୍ଚକର ଆକ୍ସନ-ଡ୍ରାମା ସିନେମା । ଏହି ଚଳଚ୍ଚିତ୍ରଟି ପ୍ରତିଶୋଧ, ନ୍ୟାୟ, ଅହଂକାର ଏବଂ ମାନବିକତା ମଧ୍ୟରେ ଥିବା ଭାବପ୍ରବଣ ସଂଘର୍ଷକୁ ଅତ୍ୟନ୍ତ ସୁନ୍ଦର ଭାବରେ ଦର୍ଶାଇଛି । ଏହି କାହାଣୀଟି ନାଟକୀୟ ମୁହାଁମୁହିଁ, ଗଭୀର ଆବେଗ ଏବଂ ଦମଦାର ଆକ୍ସନ ଦୃଶ୍ୟରେ ପରିପୂର୍ଣ୍ଣ, ଯାହା ଦର୍ଶକଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାକୁ ସଫଳ ହୋଇଥିଲା । ଓଲିଉଡର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ପୁନମ ମିଶ୍ର, ଲିପ୍ସା ମିଶ୍ର, ଶ୍ରୀତମ ଦାସ, ଉଷସୀ ମିଶ୍ର, ରାଜ ରାଜେଶ ଏବଂ ଯାତ୍ରା ଜଗତର ଦୁର୍ଦ୍ଦାନ୍ତ ଖଳନାୟକ ଦୈତାରି ପଣ୍ଡା ପ୍ରମୁଖ ଲୋକପ୍ରିୟ କଳାକାର ଏହି ସିନେମାରେ ଅଭିନୟ କରିଛନ୍ତି । ନିର୍ଦ୍ଦେଶନା ଯଶ ଓ ସୁନୀଲ ଦେଇଥିବା ବେଳେ ଏହାର ପ୍ରଯୋଜନା ପ୍ରୀତମ ସାହୁ କରିଛନ୍ତି । ଅସଦ ନିଜାମ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ।



ପରଦା ପଛର କାହାଣୀ

## ଚାରିଦିନରେ ଖଳନାୟକ ମନୋନୀତ

୨୦୦୭ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ଓମ୍ ଶାନ୍ତି ଓମ୍' । ଏଥିରେ ଦୀପିକା ପାଦୁକୋନ୍ ଏବଂ ଶାହରୁଖ ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । 'ଓମ୍ ଶାନ୍ତି ଓମ୍' ରେ ଅର୍ଜୁନ ରାମପାଲ୍ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ । ତେବେ ଫିଲ୍ମ ସୁଟିଂକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ନିକଟରେ ଫରାହ ଖାନ୍ ଏକ ସାକ୍ଷାତକାରରେ ଏହାର ପର୍ଦ୍ଦାଫାସ କରିଛନ୍ତି । ଫିଲ୍ମ ସୁଟିଂର ଚାରିଦିନ ପୂର୍ବରୁ ଖଳନାୟକ ମନୋନୀତ କରାଯାଇଥିଲା । ଶେଷରେ ଏଥିରେ ଅର୍ଜୁନ ରାମପାଲଙ୍କୁ କାଷ୍ଟିଂ କରାଯାଇଥିଲା । କାରଣ ଅନ୍ୟ ସବୁ ଅଭିନେତା ଏଥିପାଇଁ ମନା କରିଦେଇଥିଲେ । ତେଣୁ ଫରାହ ଏବଂ ଶାହରୁଖଙ୍କୁ ଅନୁଭବ ହୋଇଥିଲା ଫିଲ୍ମରେ ଶାନ୍ତିପ୍ରିୟା (ଦୀପିକା) ଯାହାକୁ ଭଲ ପାଇବେ ସେ ସୁନ୍ଦର ହେବା ଆବଶ୍ୟକ । ଏହି ଫିଲ୍ମଟି ଜାନୁଆରୀ ୬ ତାରିଖରେ ସୁଟିଂ ହେବାର ଥିଲା । ୩୧ ଡିସେମ୍ବରରେ ଶାହରୁଖ୍ ଖାନ୍‌ଙ୍କ ଘରେ ପାର୍ଟି ଥିଲା । ସେଠାରେ ସେ ଅର୍ଜୁନ ରାମପାଲଙ୍କୁ ଫରାହ ଖାନ୍ ଭେଟିଥିଲେ । ଶାହରୁଖ୍ ବାଥରୁମ୍‌ର କବାଟିକୁ ବନ୍ଦ କରିଦେଲେ । ଆଉ ରାମପାଲଙ୍କୁ ଫିଲ୍ମର କାହାଣୀ ଶୁଣାଇଥିଲେ । ହେଲେ ସେ କାହାଣୀ ଶୁଣିବାକୁ ମନା କରିଥିଲେ । ଏହାପରେ ତାଙ୍କୁ ଶାହରୁଖ୍ ଖାନ୍ ଫୋନ୍ କରି ଯେ କୌଣସି ମତେ ଫିଲ୍ମ ପାଇଁ ମନେଇ ଥିଲେ । ସେହିପରି 'ଓମ୍ ଶାନ୍ତି ଓମ୍'ରେ ଶାହରୁଖ୍ ଯେଉଁ କଷ୍ଟ୍ୟୁମ୍ ପିନ୍ଧିଥିଲେ ପୂର୍ବରୁ ତାହାକୁ ପିନ୍ଧାଯାଇଥିଲା । ଏଥିପାଇଁ କୌଣସି ନୂଆ ପୋଷାକ ତିଆରି ହୋଇନଥିଲା । ସେହିପରି 'ତୁମ୍‌କୋ ପାୟା ହୈ ତୋ ଜେସା ଖୋୟା ହୁଁ...' ଗୀତରେ ଶାହରୁଖ୍ ଯେଉଁ କୋଟ୍ ପିନ୍ଧିଥିଲେ, ତାକୁ ରାଜେଶ୍ ଖାନ୍ନା 'ଆଶିକ୍' ଫିଲ୍ମରେ ପିନ୍ଧିଥିଲେ । ଏହି ଫିଲ୍ମର କାହାଣୀ ପୁନର୍ଜନ୍ମ ଉପରେ ଆଧାରିତ । ୧୯୮୦ରେ ସୁବାଷ ଘାଇଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'କର୍ଜ' ମଧ୍ୟ ଏହା ଉପରେ ଆଧାରିତ ଥିଲା । ଏହାକୁ ନିର୍ଦ୍ଦେଶକ ଏବଂ କୋରିଓଗ୍ରାଫର୍ ଫରାହ ଖାନ୍ ନିର୍ମାଣ କରିଥିଲେ । ମାତ୍ର ୧୫ ଦିନରେ ସେ ଏହି ଫିଲ୍ମର କାହାଣୀ ଲେଖିଥିବା କହିଥିଲେ । ସେହିପରି 'ଓମ୍ ଶାନ୍ତି ଓମ୍'ର ସ୍କ୍ରିନ୍‌ପ୍ଲେ ଫରାହ ଖାନ୍ – ମୁସ୍ତାକ୍ ଶେଖ୍ ଲେଖିଥିଲେ । ଏହା ଦୀପିକା ପାଦୁକୋନଙ୍କ ପ୍ରଥମ ଡେବ୍ୟୁ ଫିଲ୍ମ ଥିଲା ।



## 'ରଜ କୁଇନ୍'ର ଅଡିସନ୍ ଆରମ୍ଭ

ଆରମ୍ଭ ହୋଇଛି ଜୀ ସାର୍ଥକର ସବୁଠାରୁ ଲୋକପ୍ରିୟ ରିଆଲିଟି ଶୋ 'ରଜ କୁଇନ୍' । ଏହା କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏହା ରାଜ୍ୟର ଯୁବତୀମାନଙ୍କ ମଧ୍ୟରେ ଥିବା ପ୍ରତିଭା, ଆତ୍ମବିଶ୍ୱାସ, ବ୍ୟକ୍ତିତ୍ୱ ଏବଂ ଉତ୍ସାହକୁ ପରିପ୍ରକାଶ କରିବାର ଏକ ମାଧ୍ୟମ । ଚଳିତ ବର୍ଷ ଏହି ଶୋ' ପୂର୍ବ ଅପେକ୍ଷା ଅଧିକ ଭବ୍ୟ ଓ ଆକର୍ଷଣୀୟ ହେବ । ଆଗାମୀ 'ରଜ କୁଇନ୍' ଖୋଜିବା ପାଇଁ ଓଡ଼ିଶାର ବିଭିନ୍ନ ସହରରେ ଗ୍ରାଉଣ୍ଡ ଅଡିସନ୍ ଅନୁଷ୍ଠିତ ହେବ ।

ଫେବୃଆରୀ ୨୮ ତାରିଖରେ ଏହାର ଅଡିସନ୍ ଭୁବନେଶ୍ୱରରେ ହୋଇଯାଇଛି । ସେହିପରି ମାର୍ଚ୍ଚ ୭ ତାରିଖରେ ଭଦ୍ରକ ଏବଂ ଜଗତସିଂହପୁର, ମାର୍ଚ୍ଚ ୮ ତାରିଖରେ ଯାଜପୁର, ମାର୍ଚ୍ଚ ୧୧ରେ ବାରିପଦା, ମାର୍ଚ୍ଚ ୧୪ ରେ ବ୍ରହ୍ମପୁର, ମାର୍ଚ୍ଚ ୧୫ ରେ କଟକ, ମାର୍ଚ୍ଚ ୧୭ ରେ ସମ୍ବଲପୁର, ମାର୍ଚ୍ଚ ୧୯ ରେ ଜଗତପୁର ( ଅଲ୍ ଓଡ଼ିଶା ଅଡିସନ୍), କଟକରେ ଅନୁଷ୍ଠିତ ହେବ ।



## ସାକ୍ଷାତକାର



# 'ଦମ୍‌ଦାର ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା'

**ରୂପାଲି ମିଶ୍ର, ଅଭିନେତ୍ରୀ**

ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନୃତ୍ୟ ଅଙ୍ଗଭଙ୍ଗୀ ମାଧ୍ୟମରେ ଭାବନାକୁ ପ୍ରକାଶ କରୁଥିଲେ । ହେଲେ ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ଦେଖିଥିବା ସ୍ୱପ୍ନକୁ ସେ ପୂରା କରିଛନ୍ତି । ସେ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲିପାଟଣାର ରୂପାଲି ମିଶ୍ର । ଜଣେ ନୃତ୍ୟଶିଳ୍ପୀ ଓ ଅଭିନେତ୍ରୀ ଭାବେ ରୂପାଲି ବେଶ୍ ପରିଚିତ । ନୃତ୍ୟକଳାରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ଟିଭି ଧାରାବାହିକରେ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ବର୍ତ୍ତମାନ ସେ 'କେଦାର ଗୌରୀ' ଧାରାବାହିକରେ ଗୌରୀ ଭୂମିକାରେ ଅଭିନୟ କରୁଛନ୍ତି । ଓଡ଼ିଶୀ ନୃତ୍ୟଶିଳ୍ପୀରୁ ସେ କାହିଁକି ଅଭିନେତ୍ରୀ ହେବାକୁ ଆଗ୍ରହ ପ୍ରକାଶ କଲେ ଜାଣିବା ତାଙ୍କରି ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ନାୟିକା ହେବାକୁ କାହିଁକି ମନ ବଳାଇଲେ?**

- ପିଲାଟି ଦିନରୁ ହିରୋଇନ୍ ହେବାକୁ ଇଚ୍ଛା ଥିଲା । ଓଡ଼ିଶୀ ନୃତ୍ୟ କରୁଥିଲି । ଅନେକ ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ହେଲେ ପରେ ପରେ ହିରୋଇନ୍ ହେବା ଉଦ୍ଦେଶ୍ୟରେ ଏକ ଚ୍ୟାନେଲରେ ଅଡିସନ୍ ଦେଇଥିଲି । ଏଥିରୁ ମନୋନୀତ ହୋଇ ମୁଁ ଷ୍ଟାର୍ କିରଣର 'ଜୀବନ ସାଥି' ଧାରାବାହିକରେ ଅଭିନୟ କରିବା ଆରମ୍ଭ କରିଥିଲି । ଏଥିରେ ମୋତେ ଭଉଣୀ ଚରିତ୍ର ମିଳିଥିଲା । ତା ପରେ 'ତୁ ଖରା ମୁଁ ଛାଇ' ଧାରାବାହିକରେ ମଧ୍ୟ ଭଉଣୀ ଭୂମିକାରେ କାମ କରିଛି । ସୌଭଗ୍ୟବଶତଃ ମୋ ଅଭିନୟ ଉପରେ ଭରସା କରି ମୋତେ 'କେଦାର ଗୌରୀ' ପରି ଏକ ଧାରାବାହିକରେ ମୁଖ୍ୟ ନାୟିକା ଗୌରୀର ଭୂମିକା ମିଳିଛି । ଏହି ଚରିତ୍ର ଜରିଆରେ ଦର୍ଶକଙ୍କ ଭଲ ପାଇବା ପାଉଛି ।

**ମୁଖ୍ୟ ନାୟିକା ଭାବେ କ୍ୟାମେରାକୁ କେମିତି ସାମ୍ନା କଲେ?**

- 'କେଦାର ଗୌରୀ'ର ଗୌରୀ ଚରିତ୍ର ପାଇବା ପରେ ମୋ ଖୁସି କହିଲେ ନସରେ । ହେଲେ ଯେତେବେଳେ କ୍ୟାମେରାକୁ ସାମ୍ନା କରିଲି ସେ ଦୃଶ୍ୟ ଅତି ଭୟଙ୍କର ଥିଲା । ଫାଇଟିଂ ସିନ୍ ଥାଏ ମୁଁ ଖଳନାୟକ କବଳରୁ ଜଣେ ଝିଅକୁ ବଞ୍ଚାଇବାକୁ ଯାଇ ସତରେ ରକ୍ତାକ୍ତ ହୋଇଗଲି । ସବୁଦିନ ପାଇଁ ଦାଗ ରହିଗଲା । ତେଣୁ ଏହି ଅନୁଭୂତି ମୋର ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ ।

**'କେଦାର ଗୌରୀ' ର ଗୌରୀ ଚରିତ୍ର ପାଇଁ କେତେ କଷ୍ଟ କରୁଛନ୍ତି?**

- 'କେଦାର ଗୌରୀ' ଧାରବାହିକରେ ଭକ୍ତି ଆଉ ଭଲପାଇବା ମଣିଷ ଜୀବନକୁ କେତେ ପରିବର୍ତ୍ତନ କରୁଛି ତାହା ଦେଖିବାକୁ ମିଳିଛି । ଏହା ସହିତ ମଣିଷ ଜୀବନର ସଂଘର୍ଷର କାହାଣୀ ମଧ୍ୟ ରହିଛି । ଏଥିରେ ଗୌରୀ ଭୂମିକାରେ ଅଭିନୟ କରିବାକୁ ମୋତେ ସଂଘର୍ଷ କରିବାକୁ ପଡ଼ିବ ବୋଲି କେବେ ଭାବି ନଥିଲି । ଏଥିରେ ସୁଟିଂ କରୁ କରୁ ସତସତିକା ମୋ ଗୋଡ଼ରେ କାଚ ଫୁଟିଯାଉଛି ତ ଆଉ କେତେବେଳେ ହାତରେ ଦୀପ ଲାଗିଯାଉଛି ।

**ସୁଟିଂ ସେଟ୍‌ରେ ସହ କଳାକାରଙ୍କ ସହ ଆପଣଙ୍କ ସମ୍ପର୍କ କେମିତି?**

- ବହୁତ ଭଲ । 'କେଦାର ଗୌରୀ' ଟିମ୍ ପୂରା ମୋ ପରିବାର ପରି । ଏଥିରେ ମୋ ଭାଇ ପୀୟୂଷ ସହିତ ଅଫ୍‌ସ୍କ୍ରିନ୍‌ରେ ମୋର ସତସତିକା ମାଡ଼ପିଟ ହୁଏ । ଆମେ ସୁଖଦୁଃଖ ସେୟାର କରୁ । କେବଳ ପୀୟୂଷ ନୁହେଁ, ପୁରା ଟିମ୍ ସହିତ ମୋର ଅଫ୍‌ସ୍କ୍ରିନ୍ ଓ ଅନ୍‌ସ୍କ୍ରିନ୍‌ରେ ଭଲ ଜମେ ସୁଟିଂ ନଥିଲେ ।

**ରୂପାଲିଙ୍କ ଫିଟର ରାଜ୍?**

- ମୁଁ ଦିନକୁ ଚାରି ପାଞ୍ଚ ଥର ଖାଏ । ବହୁତ କମ୍ କମ୍ ଖାଏ । ଜିମ୍ ଯାଏନି । ମୋ ଫିଗର୍ ସେମିତି ।

**ମନଛୁଆଁ ଅଭିନୟ କରିବା ପାଇଁ ରୂପାଲି କ'ଣ କରନ୍ତି?**

- ପ୍ରଥମେ ଚରିତ୍ରକୁ ଗଭୀର ଭାବେ ବୁଝିଥାଏ । ଚରିତ୍ରକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଆଜିବି ସଟ୍ ଦେବା ପୂର୍ବରୁ ଗୋଟିଏ ସଂଳାପକୁ ପାଖାପାଖି ୨୦ ଥର ଦେଖି ଅଭ୍ୟାସ କରେ । ଦର୍ପଣ ସାମ୍ନାରେ ଅଭ୍ୟାସ କରୁଥାଏ । ଏହାଦ୍ୱାରା ମୋର ଅଭିନୟ ମାର୍ଜିତ ହୁଏ । ଏହି ଅଭ୍ୟାସ ସବୁଦିନ ପାଇଁ ଜାରି ରହିବ ।

**ଅଭିନୟ ବ୍ୟତୀତ କ'ଣ କରନ୍ତି?**

- ଯେହେତୁ ମୁଁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ, ତେଣୁ ଅଭିନୟ ବ୍ୟତୀତ ନୃତ୍ୟ କରେ । ରୋଷେଇ କରେ । ବୁଲାବୁଲି କରିବାକୁ ପସନ୍ଦ କରେ ।

**ଆଗାମୀ ଯୋଜନା?**

- ମୋ କାମ ଯଦି ଦର୍ଶକଙ୍କୁ ଭଲ ଲାଗିଥିବ ତେବେ ନିଶ୍ଚୟ ପୁଣି ଏକ ଭଲ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିବ । ବଡ଼ ପରଦାରେ କାମ ମିଳିଲେ ନିଶ୍ଚୟ କରିବି । ଭବିଷ୍ୟତରେ ଓଡ଼ିଶୀ ନୃତ୍ୟ ଓ ଅଭିନୟ ଦୁଇଟିକୁ ନେଇ ଚାଲିବି ।

**ଆପଣଙ୍କ ଡ୍ରିମ୍ ରୋଲ?**

- ମୋର ଭାରି ଇଚ୍ଛା ଗୋଟେ ଦମ୍‌ଦାର ଚରିତ୍ରରେ କାମ କରିବାକୁ । ଯେମିତିକି ଜଣେ ନାୟିକା ରୋମାଣ୍ଟିକ ହୋଇଥିବ । ତା' ଭିତରେ ଭରପୂର ଆଟିଟ୍ୟୁଟ୍ ଥିବ । ଯେତେ ଯାହା ହୋଇଗଲେ ବି ତା ଆଖିରୁ ଲୁହ ଝରୁନଥିବ ।

**ଅଭିନୟ ଜଗତକୁ ଆସୁଥିବା ଯୁବ ପିଢ଼ିଙ୍କୁ କ'ଣ କହିବେ?**

- ବର୍ତ୍ତମାନ ଅଧିକାଂଶ ପିଲା ଏହି ଲାଇନ୍‌କୁ ଆସୁ ଆସୁ ଚରିତ୍ରକୁ ପ୍ରାଧାନ୍ୟ ନ ଦେଇ ମେଣ୍ଟେନ୍ ଆରମ୍ଭ କରୁଛନ୍ତି । ଏହା ଆଦୌ ଠିକ୍ ନୁହେଁ । ପ୍ରଥମେ ଯେଉଁ ଚରିତ୍ର ମିଳୁଛି ତାହାକୁ ଗୁରୁତ୍ୱ ଦିଅନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଧୈର୍ଯ୍ୟ ରଖି କାମ କରନ୍ତୁ । ଏହା ଦ୍ୱାରା ଦର୍ଶକ ନିଶ୍ଚୟ ଗ୍ରହଣ କରିବେ । ସମ୍ମାନ ଆଉ ଭଲ କାମ ମିଳିବ । ଗୁରୁଜନଙ୍କଠାରୁ ପରାମର୍ଶ ନେଇ ଚାଲନ୍ତୁ ।

ଟି-୨୦ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୁପର ଏଇଟ୍ସ ମୁକାବିଲା ଆଜି

# ଭାରତ: ଜିତିଲେ ସେମିଫାଇନାଲ୍, ହାରିଲେ ବିଦା




କୋଲକାତା,୨୮ ।୨(ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ଦୁଇଥରର ଟାଇଟଲ ବିଜେତା ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଆସନ୍ତାକାଲି ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଶେଷ ସୁପର ଏଇଟ୍ସ ମୁକାବିଲା ଖେଳାଯିବ। ଏହି ମୁକାବିଲାଟି କ୍ୱାର୍ଟରଫାଇନାଲ ସଦୃଶ। ଉଭୟ ଦଳ ଏହା ପୂର୍ବରୁ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇ ସମାନ ପଏଣ୍ଟ ପାଇଛନ୍ତି। ଏଣୁ ଇଡେନ୍ ଗାର୍ଡେନ୍ସରେ ଯେଉଁ ଦଳ ବିଜୟୀ ହେବ ସେହିଦଳ ଦକ୍ଷିଣ ଆଫ୍ରିକା ସହ ସେମିଫାଇନାଲକୁ ଉନ୍ନୀତ ହେବ। ସେହିପରି ଏହି ମ୍ୟାଚ୍‌ର ବିଜେତା ଯିଏ ହେଉନା କାହିଁକି, ସେହି ଦଳ ମୁମ୍ବାଇରେ ଇଂଲଣ୍ଡ ସହ ମାର୍ଚ୍ଚ ୫ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଖେଳିବ। ଏହି ସମୀକରଣରୁ ସ୍ପଷ୍ଟ ଯେ, ଭାରତ ଯଦି ଏହି ମ୍ୟାଚ୍‌ରେ ବିଜୟୀ ହୁଏ, ତେବେ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। କିନ୍ତୁ ହାରିଗଲେ ଦଳ ସୁପର ଏଇଟସରୁ ବିଦା ହେବ। ଏହା ମଧ୍ୟରେ ତୃତୀୟ ଫଳାଫଳ ମଧ୍ୟ ରହିଛି। ତାହା ହେଉଛି ମ୍ୟାଚ୍ ବାତିଲ ହେଲେ କ'ଣ ହେବ? ଏହାର ଉତ୍ତର ଜାଣିବାକୁ ହେଲେ ଆମକୁ ସୁପର-ଏଇଟ୍ସ ଗ୍ରୁପ୍-୧ ପଏଣ୍ଟ ଟେବଲକୁ ଯିବାକୁ ହେବ। ଦ୍ୱିତୀୟ ରାଉଣ୍ଡ ପରେ ଦକ୍ଷିଣ ଆଫ୍ରିକା ୨ଟି ଯାକ ମ୍ୟାଚ୍ ଜିତି ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ତାହା ପଛକୁ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୱେଷ୍ଟଇଣ୍ଡିଜ୍ ଓ ଭାରତ ସମାନ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ନେଟ ରନ୍‌ରେଟ୍‌ରେ ୱେଷ୍ଟଇଣ୍ଡିଜ୍ ଆଗୁଆ ଥିବାରୁ ପଏଣ୍ଟ ଟେବଲରେ ଦ୍ୱିତୀୟ ଓ ଭାରତ ତୃତୀୟ ସ୍ଥାନରେ ରହିଛି। ଆସନ୍ତାକାଲି ଏହି ଦୁଇ ଦଳ ମଧ୍ୟରେ ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ମ୍ୟାଚ୍ ବାତିଲ ହୁଏ, ତେବେ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ପଏଣ୍ଟ ଟେବଲରେ ୱେଷ୍ଟଇଣ୍ଡିଜ୍‌ର ନେଟ୍‌ରନ୍ +୧.୭୯୧। କିନ୍ତୁ ଭାରତର ନେଟ୍ ରନ୍ ହେଉଛି -୦.୧୦୦। ଏଣୁ ମ୍ୟାଚ୍‌ଟି ଯଦି କୌଣସି କାରଣରୁ ବାତିଲ ହୁଏ, ତେବେ ଉଭୟ ଦଳକୁ ସମାନ ୩ ପଏଣ୍ଟ ଲେଖାଏଁ ମିଳିବ। ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌ର ନେଟରନ୍ ଅଧିକ ଥିବାରୁ ସେହି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେବ।

ଟି-୨୦ କ୍ରିକେଟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତର ରେକର୍ଡ ଭଲ ରହିଛି। ଏହି ଦୁଇ ଦଳ ମଧ୍ୟରେ ଏଯାଏ ୩୦ଟି ମ୍ୟାଚ୍ ଖେଳାଯାଇଛି ଏହା ମଧ୍ୟରୁ ଭାରତ ୧୯ଟିରେ ବିଜୟୀ ହୋଇଥିଲାବେଳେ ୱେଷ୍ଟଇଣ୍ଡିଜ୍ ୧୦ଟି ମ୍ୟାଚ୍ ଜିତିଛି। ଗୋଟିଏ ମୁକାବିଲା ବାତିଲ ହୋଇଛି। ସେହିପରି ଭାରତରେ ଉଭୟଙ୍କ ମଧ୍ୟରେ ୧୩ଟି ମ୍ୟାଚ୍ ଖେଳାଯାଇଥିଲାବେଳେ ଭାରତ ୮ଟିରେ ଜିତିଛି ଓ ୫ଟିରେ ହାରିଛି। ନିରପେକ୍ଷ କେନ୍ଦ୍ରରେ ୯ଟି ମୁକାବିଲାରୁ ଭାରତ ୬ଟିରେ ଜିତିଛି ଓ ୩ଟିରେ ହାରିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଯେତେଥର ଟି-୨୦ ମୁକାବିଲା ହୋଇଛି ସେତେଥର ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ହୋଇଛି। ଏଣୁ ଆସନ୍ତାକାଲିର ମୁକାବିଲାରେ ଯେଉଁ ଦଳ ଜିତୁ ନା କାହିଁକି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

**ଗ୍ରୁପ-୧ ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟା. | ବି. | ପ. | ପଏଣ୍ଟ | ନେଟ୍‌ରନ୍ |
|---|---|---|---|---|---|
| ଦ.ଆଫ୍ରିକା | ୨ | ୨ | ୦ | ୪ | +୨.୮୯୦ |
| ୱେଷ୍ଟଇଣ୍ଡିଜ୍ | ୨ | ୧ | ୧ | ୨ | +୧.୭୯୧ |
| ଭାରତ | ୨ | ୧ | ୧ | ୨ | -୦.୧୦୦ |
| ଜିମ୍ବାୱେ | ୨ | ୦ | ୨ | ୦ | -୪.୪୭୫ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ।

**ଆଜିର ସୁପର ଏଇଟ୍ସ ମ୍ୟାଚ୍**

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ଦ.ଆଫ୍ରିକା- ଜିମ୍ବାୱେ | ଦିନ ୩ଟା | ପାଲେକେଲେ |
| ଭାରତ-ୱେଷ୍ଟଇଣ୍ଡିଜ୍ | ରାତି ୭ଟା | କୋଲକାତା |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଜିତି ବିଦା ହେଲା ପାକିସ୍ତାନ, ସେମିରେ ନ୍ୟୁଜିଲାଣ୍ଡ




ପାଲେକେଲେ,୨୮ ।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ର ଆଜି ଅନୁଷ୍ଠିତ ଗ୍ରୁପ୍-୨ ସୁପର ଏଇଟ୍ସର ଶେଷ ମ୍ୟାଚ୍‌ରେ ପାକିସ୍ତାନ ୫ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। କିନ୍ତୁ ଏହି ବିଜୟ ସତ୍ତ୍ୱେ ପାକିସ୍ତାନ ବିଶ୍ୱକପ୍‌ରୁ ବିଦାୟ ନେଇଛି। ପାକିସ୍ତାନ ଲାଗି ନ୍ୟୁଜିଲାଣ୍ଡ (୩ ପଏଣ୍ଟ, +୧.୩୯୦)ର ପଏଣ୍ଟ ସହ ସମାନ ହେବା ଲାଗି ମ୍ୟାଚ୍ ଜିତିବା ଓ ଉନ୍ନତ ରନ୍ ରେଟ ଲାଗି ଶ୍ରୀଲଙ୍କାକୁ ୧୪୭ ରନ୍‌ରେ ଅଟକାଇବା ଆବଶ୍ୟକତା ଥିଲା। କିନ୍ତୁ ୨୧୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ୧୪୭ ରନ୍ ଅତିକ୍ରମ କରିବା ପରେ ପାକିସ୍ତାନ (୩ପଏଣ୍ଟ, -୦.୧୨୩)ର ସେମିଫାଇନାଲ ଖେଳିବା ଆଶା ଧୂଳିସାତ ହୋଇଯାଇଥିଲା। ଫଳରେ ଗ୍ରୁପ୍-୨ରୁ ଇଂଲଣ୍ଡ ପ୍ରଥମ ଦଳ ଓ ଉନ୍ନତ ନେଟ୍ ରନ୍‌ରେଟ୍‌ରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦଳ ଭାବେ ସେମିରେ ପ୍ରବେଶ କରିଛନ୍ତି। ଗ୍ରୁପ୍-୧'ରୁ ଦକ୍ଷିଣଆଫ୍ରିକା ପ୍ରଥମଦଳ ଭାବେ ସେମିରେ ପ୍ରବେଶ କରିଛି। କୋଲକାତାରେ ୱେଷ୍ଟଇଣ୍ଡିଜ୍ ଓ ଭାରତ ମଧ୍ୟରେ ଆସନ୍ତାକାଲି ହେବାକୁ ଥିବା ମ୍ୟାଚ୍‌ର ବିଜେତା ଚତୁର୍ଥ ଦଳ ଭାବେ ସେମିରେ ଖେଳିବ। ଫଳରେ କୋଲକାତାରେ ମାର୍ଚ୍ଚ ୪ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ନ୍ୟୁଜିଲାଣ୍ଡର ଓ ମୁମ୍ବାଇରେ ମାର୍ଚ୍ଚ ୫ରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିରେ ଇଂଲଣ୍ଡ ସହ ୱେଷ୍ଟଇଣ୍ଡିଜ୍ କିମ୍ବା ଭାରତ ସହ ମୁକାବିଲା ହେବ। ମାର୍ଚ୍ଚ ୮ ତାରିଖ ଅହମ୍ମଦାବାଦ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ। କଲମ୍ବୋରେ ମ୍ୟାଚ୍ ଶେଷ ହୋଇଯାଇଛି।

**ଫରହାନ୍‌ଙ୍କ ଶତକ ଇଜ୍ଜତ ବଞ୍ଚାଇଲେ ସାହିନ୍**

ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ସାହିବଜାଦା ଫରହାନଙ୍କ ୧୦୦ ରନ୍ ଓ ପ୍ରଥମ ୱିକେଟରେ ଫକର ଜମାନ (୪୨ବଲ୍‌ରେ ୮୪)ଙ୍କ ସହ ୧୭୬ ରନ୍ ମିଳିବା ପରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୮ ୱିକେଟରେ ୨୧୨ ରନ୍ କରିଥିଲା। ଜବାବରେ ପବନ ରତନାୟକେ (୩୭ ବଲ୍‌ରେ ୫୮ ରନ୍) ଓ ଦାସୁନ ଶାନକା (୩୧ ବଲ୍‌ରେ ୭୬ ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଶ୍ରୀଲଙ୍କା ୬ ୱିକେଟରେ ୨୦୭ ରନ କରି ବିଜୟ ଲକ୍ଷ୍ୟଠାରୁ ୫ ରନ୍ ଦୂରରେ ରହିଯାଇଥିଲା। ଶାନକାଙ୍କ ସାହସିକ ବ୍ୟାଟିଂ ବଳରେ ଶ୍ରୀଲଙ୍କାକୁ ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୨୮ ରନ୍‌ର ଆବଶ୍ୟକତା ଥିଲା। ସାହିନ୍ ଆଫ୍ରିଦୀ ବୋଲିଂ କରିଥିବା ଏହି ଓଭରର ପ୍ରଥମ ବଲ୍‌ରେ ଚୌକା ଓ ପରେ ହ୍ୟାଟ୍ରିକ୍ ଛକା ସହ ୨୨ ରନ୍ ଉଠାଇ ଶାନକା ଶ୍ରୀଲଙ୍କାକୁ ବିଜୟର ଦ୍ୱାର ଦେଶରେ ପହଞ୍ଚାଇ ଦେଇଥିଲେ। ଶେଷ ଦୁଇ ବଲ୍‌ରେ ଶ୍ରୀଲଙ୍କାକୁ ମ୍ୟାଚ୍ ଜିତିବା ଲାଗି ୬ ରନ୍ ଦରକାର ଥିଲା। କିନ୍ତୁ ସାହିନଙ୍କ ଚମତ୍କାର ବୋଲିଂରେ ଶାନକା ବଲକୁ ଛୁଇଁପାରି ନ ଥିଲେ। ଫଳରେ ଶ୍ରୀଲଙ୍କା ଏହି ମ୍ୟାଚ୍‌କୁ ୫ ରନ୍‌ରେ ହାରିଯାଇଥିଲା। ସୁପର ଏଇଟ୍‌ରେ ପାକିସ୍ତାନ ବିଜୟ ହାସଲ କରିଛି ସତ, କିନ୍ତୁ ଏହି ଠାରୁ ଘରକୁ ଫେରିଛି। ପାକିସ୍ତାନ ବିଦା ହେବା ପରେ କୋଲକାତାରେ ପ୍ରଥମ ସେମିଫାଇନାଲ ଓ ଅହମ୍ମଦାବାଦ୍‌ରେ ଫାଇନାଲ ମ୍ୟାଚ୍ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ପାକିସ୍ତାନ ସେମିଫାଇନାଲ ଓ ଫାଇନାଲରେ ପ୍ରବେଶ କରିଥିଲେ ଏହି ମ୍ୟାଚ୍ ଦୁଇଟି କଲମ୍ବୋ ସ୍ଥାନାନ୍ତରିତ ହୋଇଥାନ୍ତା। ଏହି ମ୍ୟାଚ୍‌ର ସଫଳ ଆୟୋଜନ ସହ ଶ୍ରୀଲଙ୍କାର ସମସ୍ତ ପ୍ରକାର ଚେଷ୍ଟା ସଫଳ ହୋଇଛି।

## ଜାତୀୟ ସିନିଅର ମହିଳା ଦିନିକିଆ ଟ୍ରଫି ଜିତିଲା ଦିଲ୍ଲୀ

ମୋହାଲି, ୨୮ ।୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ ଟ୍ରଫି (ଏଲିଟ୍)ରେ ଦିଲ୍ଲୀ ଚାମ୍ପିଅନ ହୋଇଛି। ଶନିବାର ସ୍ଥାନୀୟ ଆଇଏସ ବିନ୍ଦ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଦିଲ୍ଲୀ ୭ ୱିକେଟରେ ରେଳବାଇକୁ ପରାସ୍ତ କରିଥିଲା। ଦିଲ୍ଲୀ ମହିଳା ଦଳର ଏହା ଦ୍ୱିତୀୟ ଟାଇଟଲ୍। ଏକତା ବିଷ୍ଟଙ୍କ ନେତୃତ୍ୱାଧୀନ ରେଳବାଇ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ୪୪.୨ ଓଭରରେ ୧୩୩ ରନ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ଦିଲ୍ଲୀ ଓପନର୍ ପ୍ରିୟା ପୁନିଆ (୭୬ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୮.୩ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। ଅନ୍ୟତମ ଓପନର୍ ପ୍ରଜ୍ଞା ରାୱତ (୪୬ ରନ)ଙ୍କ ସହ ମିଶି ପ୍ରିୟା ଓପନିଂ ଯୋଡ଼ିରେ ୧୨୨ ରନ ଯୋଡ଼ି ବିଜୟ ପକ୍କା କରିଥିଲେ।

## ମେଡଭେଡେଭଙ୍କୁ ଦୁବାଇ ଓପନ୍ ଟାଇଟଲ୍

ଦୁବାଇ, ୨୮ ।୨ (ଏଜେନ୍ସି): ତୃତୀୟ ସିଡ୍ ରୁଷିଆର ଡାନିଲ ମେଡଭେଡେଭ ଏଠାରେ ଅନୁଷ୍ଠିତ ଦୁବାଇ ଟେନିସ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ମେଡଭେଡେଭଙ୍କ ମୁକାବିଲା ନେଦରଲାଣ୍ଡସର ଟାଲୋନ ଗ୍ରିଏକସ୍ପୋରଙ୍କ ସହ ହେବାର ଥିଲା। ତେବେ ୨୯ ବର୍ଷୀୟ ଟାଲୋନ ଆହତ ଲାଗି ଫାଇନାଲରୁ ଓହରିଯାଇଥିଲେ। ଫଳରେ ମେଡଭେଡେଭଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ମେଡଭେଡେଭଙ୍କ ଏହା ୨ ଦୁବାଇ ଓପନ ଟ୍ରଫି।

■ କଳାହାଣ୍ଡି କପ୍ କ୍ରିକେଟ

## ଗଞ୍ଜାମକୁ ହରାଇଲା ଝାରସୁଗୁଡ଼ା

ଭୁବନେଶ୍ୱର, ୨୮ ।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍‌ରେ ଶନିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଏହି ୫୩ତମ ମ୍ୟାଚରେ ଝାରସୁଗୁଡ଼ା ୩ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ୫୦ ଓଭରରେ ୮ ୱିକେଟରେ ୨୧୮ ରନ ସଂଗ୍ରହ କରିଥିଲା। ସନ୍ତୋଷ ପାତ୍ର (୮୪) ଓ ଇଶ୍ୱର ପ୍ରସାଦ (୫୨) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଝାରସୁଗୁଡ଼ାର ଆର୍ଯ୍ୟନ ତିୱାରୀ ଶ୍ରେଷ୍ଠ ପ୍ରଦର୍ଶନ କରି ୫ଟି ୱିକେଟ୍ ନେଇଥିଲେ। ଜବାବରେ ଝାରସୁଗୁଡ଼ା ୪୭.୧ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅର୍ନବ ମାହେନ୍ଦ୍ରେ ୭୯ ଓ ସଚିନ ଶ୍ରେଷ୍ଠ ୫୯ ରନ କରିଥିଲେ। ଆର୍ଯ୍ୟନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶନିବାର ବିଶ୍ରାମ ଦିବସ ଥିଲା। କିନ୍ତୁ ଏହି ମ୍ୟାଚଟି ପୂର୍ବରୁ ଅନୁଷ୍ଠିତ ହୋଇପାରି ନ ଥିବାରୁ ଆଜି ଖେଳାଯାଇଥିଲା।


ଆର୍ଯ୍ୟନ ତିୱାରୀ

## ମହେନ୍ଦ୍ର ସିଂ ଧୋନିଙ୍କୁ ନୋଟିସ



ରାଞ୍ଚି, ୨୮ ।୨ (ଏଜେନ୍ସି): ରାଞ୍ଚିର ଆବାସିକ ଜମିର ଅପବ୍ୟବହାର ମାମଲାରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ବିରୋଧରେ ଏକ ନୋଟିସ ଜାରି କରାଯାଇଛି। ଝାଡ଼ଖଣ୍ଡ ରାଜ୍ୟ ଗୃହ ବୋର୍ଡ ପକ୍ଷରୁ ଧୋନିଙ୍କୁ ଏହି ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ନୋଟିସରେ ଅଭିଯୋଗ କରାଯାଇଛି ଯେ ହାଉସିଂ ବୋର୍ଡ ଦ୍ୱାରା ଆବଣ୍ଟିତ ଜମିକୁ ନିୟମ ବିରୋଧରେ ଯାଇ ଧୋନି ତାହାକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଛନ୍ତି। ଏହି ଜମି କେବଳ ତାଙ୍କୁ ଆବାସିକ ଉଦ୍ଦେଶ୍ୟରେ ଆବଣ୍ଟିତ କରାଯାଇଥିଲା। ନିୟମ ଉଲ୍ଲଂଘନ କରି ବର୍ତ୍ତମାନ ଉକ୍ତ ଜମିରେ ଏକ ପାଥୋଲୋଜି ଲ୍ୟାବ ଚାଲିଛି। ଝାଡ଼ଖଣ୍ଡ ରାଜ୍ୟ ଗୃହ ବୋର୍ଡ ପୂର୍ବରୁ ଏହି ମାମଲାରେ ମଧ୍ୟ ଧୋନିଙ୍କୁ ଏକ ନୋଟିସ କରିଥିଲା। ଉଭୟ ମାମଲାରେ ତଦନ୍ତ ଚାଲିଛି। ଯାଞ୍ଚ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗର ଅଧିକାରୀମାନେ କହିଛନ୍ତି।

ଆଇଏସ୍ଏଲ୍: ଆଜି କଳିଙ୍ଗରେ ଚେନ୍ନାଇନ ସହ ଲଢ଼େଇ

## ପ୍ରଥମ ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୮ ।୨ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ)ର ଦ୍ୱାଦଶ ସଂସ୍କରଣରେ ଏକ ମ୍ୟାଚରେ ରବିବାର ଘରୋଇ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ସାମ୍ନାସାମ୍ନି ହେବେ। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟା ୫ଟାରେ ଏହି ମ୍ୟାଚ୍ ଖେଳାଯିବ। ଏହି ମୁକାବିଲାକୁ ଜିତି ଓଡ଼ିଶା ଏଫ୍‌ସି ସିଜନର ପ୍ରଥମ ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ସିଜନର ପ୍ରଥମ ମ୍ୟାଚରେ ଇଣ୍ଟର କାଶୀ ବିପକ୍ଷରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରଖିଥିଲା। ଏକ ପଏଣ୍ଟ ସହ ଓଡ଼ିଶା ବର୍ତ୍ତମାନ ୧୪ ଦଳୀୟ ଟେବଲ ତାଲିକାର ୯ମ ସ୍ଥାନରେ ରହିଛି। 'ଖେଳାଳିମାନେ ଏକତ୍ରିତ ହେବାର ମାତ୍ର ୩ ଦିନ ପରେ ଆମେ ଇଣ୍ଟର କାଶୀ ବିପକ୍ଷରେ ପଡ଼ିଆକୁ ଓହ୍ଲାଇ ଭଲ ପ୍ରଦର୍ଶନ କରିଥିଲୁ। ଚେନ୍ନାଇନ ବିପକ୍ଷରେ ମଧ୍ୟ ଆହୁରି ଉନ୍ନତ ପ୍ରଦର୍ଶନ କରିବୁ ବୋଲି ଓଡ଼ିଶା ଏଫ୍‌ସିର ଅଧିନାୟକ ଅମରିନ୍ଦର ସିଂହ କହିଛନ୍ତି। ଚେନ୍ନାଇନ ପ୍ରଥମ ୨ଟି ମ୍ୟାଚ୍ ହାରି ବର୍ତ୍ତମାନ ସୁଦ୍ଧା ପଏଣ୍ଟ ଖାତା ଖୋଲିପାରିନି। ତେଣୁ ଚେନ୍ନାଇନ ମଧ୍ୟ କଳିଙ୍ଗରେ ପ୍ରଥମ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି।

## ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଉଦ୍‌ଘାଟିତ




ଭୁବନେଶ୍ୱର,୨୮ ।୨(ସମିସ): କଟକର ଟ୍ରିପଲ 'ସି' ଚେସ୍ କ୍ଲବ୍ ଆନୁକୂଲ୍ୟରେ ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନସିପ୍ ଫୁଲନଖରାସ୍ଥିତ ସିନର୍ଜି କଲେଜ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇଛି। କ୍ଲବ୍‌ର ସଭାପତି ବିଶ୍ୱଜିତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ମହାନ୍ତ ମୁଖ୍ୟ ଅତିଥି ଓ ସିନର୍ଜି ପଲିଟେକ୍‌ନିକ୍‌ର ପ୍ରିନ୍ସିପାଲ ଡକ୍ଟର ଧରଣୀଧର ସାହୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ ଓ ସୁରଜ ମହାରଣା ପରିଚାଳନା କରୁଛନ୍ତି। ଆସନ୍ତାକାଲିଠାରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ବୋଲି କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ସୂଚନା ଦେଇଛନ୍ତି।

## ଜମ୍ମୁ-କଶ୍ମୀରକୁ ଐତିହାସିକ ରଣଜୀ ଟ୍ରଫି ଟାଇଟଲ୍

ମାଟି କାମୁଡ଼ିଲା ୮ ଥରର ଚାମ୍ପିଅନ କର୍ଣ୍ଣାଟକ

ପୁନିନ୍ଦର ଫାଇନାଲର; ନବି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ



ବେଙ୍ଗାଲୁରୁ, ୨୮ ।୨ (ଏଜେନ୍ସି)

ଭାରତୀୟ ଘରୋଇ କ୍ରିକେଟ୍ ଇତିହାସରେ ଶନିବାର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ୬୭ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଉତ୍ତରାଞ୍ଚଳ ରାଜ୍ୟ ଜମ୍ମୁ-କଶ୍ମୀର ପ୍ରଥମଥର ଲାଗି ରଣଜୀ ଟ୍ରଫି ଟାଇଟଲ୍ ଜିତିଛି। ଆଠଥରର ଚାମ୍ପିଅନ ଘରୋଇ କର୍ଣ୍ଣାଟକ ବିପକ୍ଷରେ ହୁବଲୀ ଗ୍ରାଉଣ୍ଡରେ ଚାଲିଥିବା ୯୧ତମ ରଣଜୀ ଟ୍ରଫି ଫାଇନାଲରେ ପ୍ରଥମ ପାଳି ଅଗ୍ରଣୀଭିତ୍ତିରେ ଜମ୍ମୁକୁ ବିଜୟୀ ଘୋଷିତ କରାଯାଇଥିଲା। ଏଥିସହ ପାରସ ଡୋଗ୍ରାଙ୍କ ନେତୃତ୍ୱାଧୀନ ଜମ୍ମୁ ଖେଳାଳିମାନେ ପଡ଼ିଆ ମଧ୍ୟରେ ଉତ୍ସବ ମନାଇବା ଆରମ୍ଭ କରିଦେଇଥିଲେ। ୧୯୫୯-୬୦ ସିଜନରେ ଜମ୍ମୁ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲା। କିନ୍ତୁ ୬୭ ବର୍ଷ ପରେ ପ୍ରଥମଥର ଫାଇନାଲ ଖେଳିବା ସହ ପ୍ରଥମ ପ୍ରୟାସରେ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଚାମ୍ପିଅନ ପଥରେ ଜମ୍ମୁ ୪୨ଥରର ବିଜେତା ମୁମ୍ବାଇ (ଗ୍ରୁପ୍ ପର୍ଯ୍ୟାୟ), ୨ଥରର ବିଜେତା ମଧ୍ୟପ୍ରଦେଶ (୫୬ ରନ)କୁ କ୍ୱାର୍ଟରରେ ଓ ବେଙ୍ଗଲ (୬ ୱିକେଟ) ସେମିଫାଇନାଲରେ ଏବଂ ୮ଥରର ଚାମ୍ପିଅନ କର୍ଣ୍ଣାଟକକୁ ଫାଇନାଲରେ ମାତ୍ ଦେଇଥିଲା।

ଜମ୍ମୁର ପ୍ରଥମ ପାଳି ସ୍କୋର ୫୮୪ ରନ ଜବାବରେ ମୟଙ୍କ ଅଗରୱାଲଙ୍କ କର୍ଣ୍ଣାଟକ ଦଳ ୨୯୩ ରନରେ ସୀମିତ ରହିଥିଲା। ୨୯୧ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜମ୍ମୁ ଗତକାଲିର ଅସମାପ୍ତ ସ୍କୋର ୧୮୬/୪ରୁ ଶନିବାର ଅନ୍ତିମ ତଥା ୫ମ ଦିବସ ଖେଳ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର କ୍ୱାମରନ ଇକବାଲ (୧୬୦) ଓ ସାହିଲ ଲୋତ୍ରା (୧୦୧) ଶନିବାର ଧୈର୍ଯ୍ୟର ସହ ଖେଳି ଶତକ ପୂରଣ କରିଥିଲେ। ଏପରିକି କର୍ଣ୍ଣାଟକ ବୋଲରମାନେ ଶନିବାର ୫୬ ଓଭର ବୋଲିଂ କରିଥିଲେ ମଧ୍ୟ ଏହି ଯୋଡ଼ିକୁ ଭାଙ୍ଗିପାରି ନ ଥିଲେ। ଫଳରେ ଦ୍ୱିତୀୟ ସେସନ ଶେଷବେଳକୁ ଜମ୍ମୁ ୪ ୱିକେଟରେ ୩୪୨ ରନ ସଂଗ୍ରହ କରିବା ସହ ମୋଟ୍ ଉପରେ ମୋଟ୍ ଉପରେ ୬୪୩ ରନରେ ଅଗ୍ରଣୀ ରହିଥିଲା। ମ୍ୟାଚର ଫଳାଫଳ ନ ବାହାରିବା ସ୍ପଷ୍ଟ ହେବା ପରେ ଦୁଇ ଦଳର ଅଧିନାୟକଙ୍କ ସହମତିରେ ଅମ୍ପାୟର ମ୍ୟାଚକୁ ଡ୍ର ରଖିଥିଲେ। ଫଳରେ ପ୍ରଥମ ପାଳି ଅଗ୍ରଣୀଭିତ୍ତିରେ ଜମ୍ମୁ ଚାମ୍ପିଅନ ହୋଇଥିଲା। ପ୍ରଥମ ପାଳିରେ ୧୨୧ ରନର ଶତକୀୟ ପାଳି ଖେଳିଥିବା ଶୁଭମ ପୁନ୍ଦିର ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ୧୭ଟି ଇନିଂସରେ ରେକର୍ଡ ୬୦ ୱିକେଟ୍ ନେଇ ଚର୍ଚ୍ଚାରେ ରହିଥିବା ଆକ୍ୱିବ ନବି ଦାରଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

**ଓମାରଙ୍କ ୨ କୋଟି ପୁରସ୍କାର ଘୋଷଣା**

ଐତିହାସିକ ଟ୍ରଫି ଜିତିବା ପରେ ଜମ୍ମୁ-କଶ୍ମୀର ଦଳକୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିଭଳି ଚାମ୍ପିଅନ ଜମ୍ମୁର ଖେଳାଳିଙ୍କୁ ଲାଗି ପୁରସ୍କାର ଘୋଷଣା ହୋଇଛି। ଚାମ୍ପିଅନ ଦଳକୁ ବିସିସିଆଇ ପକ୍ଷରୁ ୫ କୋଟି ଓ ରନର୍ସଅପ୍ କର୍ଣ୍ଣାଟକ ଦଳକୁ ୩ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ଏଭଳି ଐତିହାସିକ ବିଜୟରେ ପଡ଼ିଆରେ ଉପସ୍ଥିତ ଥିବା ଜମ୍ମୁ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ନିଜ ରାଜ୍ୟ ଦଳର ଖେଳାଳିଙ୍କ ଲାଗି ୨ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଓମାର ଜମ୍ମୁ ଦଳକୁ ଚିୟର କରିବା ଲାଗି ଶୁକ୍ରବାରଠୁ ଆସି ହୁବଲୀ ଗ୍ରାଉଣ୍ଡରେ ପହଞ୍ଚିଥିଲେ।

**DECLARATION**

**(FORM-IV, Rule-8)**

Statement about ownership and other particulars about newspaper "The Sakala".

1. Place of Publication: Bhubaneswar
2. Periodicity of Its publication: Daily
3. Printer's Name: Amit Kumar Mallick
   Nationality: Indian
   Address: IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha
4. Publisher's Name: Amit Kumar Mallick
   Nationality: Indian
   Address: IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha
5. Working Editor's Name: Samarendu Das
   Nationality: Indian
   Address: IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha
6. Names and addresses of individuals who own the newspaper and partners or shareholders holding more than one percent of the total capital: THE SAKALA (A Unit of Nandighosha Network Pvt. Ltd.) IDCO Plot No. 90 & 91, Bhagabanpur Industrial Estate, Bhubaneswar - 751019, Khordha, Odisha

I, Amit Kumar Mallick do hereby declare that the particulars given above are true to the best of my knowledge and belief.

Date: 01.03.2026

Sd/- Amit Kumar Mallick
Publisher, The Sakala

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS